ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି


The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର ୧୪ ଡିସେମ୍ବର ୨୦୨୦ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 14 DECEMBER 2020

Vol.No. 30 ■ No. 316 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019

ଯା ଦେବୀ ସର୍ବଭୂତେଷୁ............


ବହୁ ଅପେକ୍ଷାର ଅବସାନ ଘଟାଇ ପ୍ରକାଶ ପାଇଛି ପୂଜାସଂଖ୍ୟା...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ୨୦୦୧ ସଂସଦ ଉପରେ ଆକ୍ରମଣ ଘଟଣାକୁ ଆମେ କେବେ ଭୁଲିବୁ ନାହିଁ : ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ,୧୩।୧୨ (ନି.ପ୍ର): ସଂସଦ ଉପରେ ୨୦୦୧ ମସିହାରେ ଆଜିର ତାରିଖରେ ହୋଇଥିବା ଆକ୍ରମଣକୁ ଆମେ କେବେ ଭୁଲି ପାରିବୁ ନାହିଁ ବୋଲି କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ।

ପ୍ରଧାନମନ୍ତ୍ରୀ ଟ୍ୱିଟ କରି କହିଛନ୍ତି ଯେ ୨୦୦୧ ଆଜିର ତାରିଖରେ ସଂସଦ ଉପରେ ଭୀରୁତାପୂର୍ଣ୍ଣ ଆକ୍ରମଣ ଘଟଣାକୁ ଆମେ କେବେ ଭୁଲିବୁ ନାହିଁ । ସଂସଦକୁ ରକ୍ଷା କରିବାକୁ ସାହସ ଓ ବଳିଦାନ ଦେଇ ଯେଉଁ ମାନେ ନିଜର ପ୍ରାଣବଳୀ ଦେଇଛନ୍ତି ତାଙ୍କୁ ଆମେ ମନେ ପକାଉଛୁ । ଭାରତ ସେମାନଙ୍କ ପ୍ରତି ସବୁବେଳେ କୃତଜ୍ଞ ରହିବ ।

## ସ୍ୱାସ୍ଥ୍ୟ ଅନ୍ତର୍ଭୁକ୍ତି ଦିବସରେ ସମ୍ବର୍ଦ୍ଧିତ ଡାକ୍ତରଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ଭୁବନେଶ୍ୱର,୧୩।୧୨ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସାର୍ବଜନୀନ ସ୍ୱାସ୍ଥ୍ୟ ଅନ୍ତର୍ଭୁକ୍ତି ଦିବସ-୨୦୨୦ ଅବସରରେ ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ମନ୍ତ୍ରାଳୟ ଦ୍ୱାରା ସର୍ବଶ୍ରେଷ୍ଠ ସ୍ୱାସ୍ଥ୍ୟସେବା ପ୍ରଦାନକାରୀ ଏବଂ ସର୍ବଶ୍ରେଷ୍ଠ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ପ୍ରଦର୍ଶନକାରୀ ଭାବେ ସମ୍ବର୍ଦ୍ଧିତ ହୋଇଥିବା ସମସ୍ତ ଡାକ୍ତର ଏବଂ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ଦଳଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ସେମାନଙ୍କର ନିଷ୍ଠାପର କଠିନ ପରିଶ୍ରମ ଅନ୍ୟମାନଙ୍କୁ ଅନୁପ୍ରାଣିତ କରିବ ବୋଲି ମାନ୍ୟବର ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି ।

## ଚାଷୀଙ୍କ ଆନ୍ଦୋଳନ ସମର୍ଥନ କରି ଇସ୍ତଫା ଦେଲେ ଡିଆଇଜି

ଚଣ୍ଡୀଗଡ଼,୧୩।୧୨ (ନି.ପ୍ର): ନୂଆ କୃଷି ଆଇନକୁ ବିରୋଧ କରି ଚାଷୀ ଆନ୍ଦୋଳନ ଜାରି ରହିଛି । ଏହାରି ଭିତରେ ପଞ୍ଜାବର ଡିଆଇଜି (ଜେଲ୍) ଲଖବିନ୍ଦର ସିଂହ ଜାଖର ଚାଷୀଙ୍କ ଆନ୍ଦୋଳନକୁ ସମର୍ଥନ କରି ଇସ୍ତଫା ଦେଇଛନ୍ତି । ସେ ଗୃହ ସଚିବଙ୍କୁ ପତ୍ର ଲେଖି ଲଖବିନ୍ଦର ସମୟ ପୂର୍ବରୁ ରିଟାୟରମେଂଟ ନେବା କଥା କହିଛନ୍ତି ।

ସେ କହିଛନ୍ତି, କୃଷି ଆଇନକୁ ବିରୋଧ କରି ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରୁଥିବା ଚାଷୀଙ୍କ ସହ ମୋର ପୂର୍ଣ୍ଣ ସମର୍ଥନ ରହିଛି । ଏଥିପାଇଁ ମୁଁ ଇସ୍ତଫା ଦେବାକୁ ନିଷ୍ପତି ନେଇଛି । ଜାତୀୟ ଗଣମାଧ୍ୟମରୁ ଜଣାପଡିଛି ଯେ ଦୁର୍ନୀତି ଅଭିଯୋଗରେ ଲଖବିନ୍ଦର ବର୍ତ୍ତମାନ ସସପେଣ୍ଡ ଅଛନ୍ତି । କିଛିମାସ ତଳେ ଜେଲ୍ ଅଧିକାରୀଙ୍କ ଠାରୁ ଲାଂଚ ନେବା ଅଭିଯୋଗରେ ତାଙ୍କୁ ସସପେଣ୍ଡ କରାଯାଇଥିଲା । ସରକାରଙ୍କ ତରଫରୁ ତାଙ୍କର ଇସ୍ତଫା ପତ୍ରକୁ ସ୍ୱୀକାର କରାଯାଇନଥିବା ସୂଚନା ମିଳିଛି ।

# ୨୦ରେ ବିଜେଡ଼ିର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ

## ୨୧ରେ ପରିବର୍ଦ୍ଧିତ ରାଜ୍ୟ ପରିଷଦ ବୈଠକ

ଭୁବନେଶ୍ୱର,୧୩।୧୨ (ନି.ପ୍ର): ଆସନ୍ତା ୨୬ ତାରିଖରେ ବିଜୁ ଜନତା ଦଳ୨୩ତମ ପ୍ରତିଷ୍ଠା ଦିବସ ପାଳନ କରିବାକୁ ଯାଉଛି । ଏହା ପୂର୍ବରୁ ଆସନ୍ତା ୨୦ ତାରିଖରେ ବିଜୁ ଜନତା ଦଳର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଏବଂ ୨୧ ତାରିଖରେ ପରିବର୍ଦ୍ଧିତ ରାଜ୍ୟ ପରିଷଦ ବୈଠକ ଦଳର ରାଜ୍ୟ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହେବ । ଏଥିସହ କୋଭିଡ୍ କଟକଣାକୁ ଅନୁପାଳନ କରି ଆସନ୍ତା ୨୬ ତାରିଖରେ ବିଭିନ୍ନ ସ୍ତରରେ ଦଳର ପ୍ରତିଷ୍ଠା ଦିବସ ପାଳନ କରାଯିବ ବୋଲି ଆଜି ବିଜୁ ଜନତା ଦଳର ରାଜ୍ୟ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ଉପସଭାପତି ତଥା ବିଧାୟକ ଦେବୀ ପ୍ରସାଦ ମିଶ୍ର, ଦଳର ସାଧାରଣ ସମ୍ପାଦକ (ମୁଖ୍ୟାଳୟ)





ତଥା ରାଜ୍ୟ ଯୋଜନା ବୋର୍ଡ଼ର ଉପାଧ୍ୟକ୍ଷ ସଞ୍ଜୟ କୁମାର ଦାସବର୍ମା ଏବଂ ଦଳର ବରିଷ୍ଠ ସାଧାରଣ ସମ୍ପାଦକ ତଥା ବିଧାୟକ ଅତନୁ ସବ୍ୟସାଚୀ ନାୟକ ସୂଚନା ପ୍ରଦାନ କରିଛନ୍ତି । ଦଳର ଉପସଭାପତି ଦେବୀ ପ୍ରସାଦ ମିଶ୍ର କହିଛନ୍ତି ଯେ ୨୦ ଓ ୨୧ ତାରିଖରେ କାର୍ଯ୍ୟକାରିଣୀ ଏବଂ ପରିବର୍ଦ୍ଧିତ ରାଜ୍ୟ ପରିଷଦ ବୈଠକରେ ଦଳର ସାଙ୍ଗଠନିକ ବିଷୟ ଠାରୁ ଆରମ୍ଭ କରି ରାଜନୈତିକ ଓ ଅର୍ଥନୈତିକ ଆଦି ବିଭିନ୍ନ ପ୍ରସଙ୍ଗ ଆଲୋଚିତ ହେବ ।


▶▶ପୃଷ୍ଠା ୭


# ବିଜେଡି ନେତାମାନେ ଅଭ୍ୟାସଗତ ମିଛୁଆ : ଲେଖାଶ୍ରୀ ସାମନ୍ତସିଂହାର

ଭୁବନେଶ୍ୱର,୧୩।୧୨ (ନି.ପ୍ର): ରାଷ୍ଟ୍ରୀୟ ସାଧାରଣ ସଂପାଦିକା ତଥା ବିଜେପି ପ୍ରଭାରୀ ଡି. ପୁରନ୍ଦେଶ୍ୱରୀ ବିଧାନସଭା ଉତର ଆଧାରରେ ରାଜ୍ୟସରକାରଙ୍କୁ ତୀବ୍ର ସମାଲୋଚନା କରିଥିଲେ । ଏହା ପରେ ବିଜେଡି ମୁଖପାତ୍ର ସସ୍ମିତପାତ୍ର ତାଙ୍କୁ ମିଛୁଆ ବୋଲି ଆକ୍ଷେପ କରିଛନ୍ତି । ଶାସକ ବିଜେଡିର ନେତାମାନେ ହେଉଛନ୍ତି ଅଭ୍ୟାସଗତ ମିଛୁଆ । ସେମାନେ ଗଣମାଧମ ସାମ୍ନାରେ ହେଉ ଅବା ବିଧାନସଭାରେ ସବୁଠି ମିଛ ତଥ୍ୟ ରଖି ରାଜ୍ୟବାସୀଙ୍କୁ ଭ୍ରମିତ କରିଆସୁଛନ୍ତି । ବିଜେଡି ପ୍ରବକ୍ତା ନିର୍ଦ୍ଦିଷ୍ଟ ପ୍ରଶ୍ନର ଉତର ନରଖି ବ୍ୟକ୍ତିଗତ ଭାବେ ମହିଳାଙ୍କ ଉପରେ ଅପଶବ୍ଦ ପ୍ରୟୋଗ କରି ତାଙ୍କୁ ମିଛୁଆ ଆକ୍ଷେପ କରିବା



ରାଜନୈତିକ ସୌଜନ୍ୟତା ଦୃଷ୍ଟିରୁ ଦୁର୍ଭାଗ୍ୟଜନକ ଏବଂ ନିନ୍ଦନୀୟ ବୋଲି ବିଜେପି ରାଜ୍ୟ ସଂପାଦିକା ଡ.ଲେଖାଶ୍ରୀ ସାମନ୍ତସିଂହାର ଅଭିଯୋଗ କରିଛନ୍ତି । ବିଜେଡି ସରକାର ଆଜି ପର୍ଯ୍ୟନ୍ତ ଜନତାଙ୍କୁ ଦେଇଥିବା ଗୋଟିଏ ବି ପତିଶୃତି ପାଳନ କରିନାହିଁ । ୨୦୧୪ରେ ବିଜେଡି ସରକାର ଗରିବ ଲୋକଙ୍କୁ ପକ୍କା ଘର ଯୋଗଇବା ନେଇ ପ୍ରତିଶୃତି ଦେଇଥିଲା ।


▶▶ପୃଷ୍ଠା ୭


# ଯବାନ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ : ୨ ମାଓବାଦୀ ମୃତ

ମାଲକାନଗିରି,୧୩।୧୨ (ନି.ପ୍ର): ପୁଣି ସ୍ୱାଭିମାନ ଅଂଚଳରେ ପୁଣି ଫୁଟିଲା ଗୁଳି । ଯବାନ ଓ ମାଓବାଦୀଙ୍କ ମଧ୍ୟରେ ଗୁଳିବିନିମୟ । ଦୁଇ ମାଓବାଦୀ ମୃତ । ମାଓ ଦମନ ଅଭିଯାନରେ ପୋଲିସର ଏହା ଆଉ ପାଦେ ସଫଳତା ବୋଲି କୁହାଯାଇପାରେ । ମୃତ ଦୁଇ ମାଓବାଦୀଙ୍କ ମଧ୍ୟରୁ ଜଣେ ଦୁର୍ଦ୍ଦାନ୍ତ ମାଓବାଦୀ ତଥା ଏରିଆ କମିଟି ମେମ୍ବର ମାଲା ବୋଲି ଜଣାପଡ଼ିଥିବା ବେଳେ ଆଉ ଜଣଙ୍କ ପରିଚୟ ଏବେ ସୁଦ୍ଧା ଜଣାପଡ଼ି ନାହିଁ । ତେବେ ଦୁଇ ଜଣ ଦୀର୍ଘ ଦିନ ହେବ ମାଓ ସଂଗଠନରେ କାମ କରୁଥିବା ନେଇ ପୋଲିସ ଅନୁମାନ କରୁଛି । ଏହି ଘଟଣା ସିଙ୍ଗାରାମଠାରେ ଘଟିଛି । ୧୦ରୁ ଅଧିକ ମାଓବାଦୀ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କରୁଥିବା ବେଳେ ଯବାନ ମାନେ ସେଠାରେ ପହଂଚିଥିଲେ । ଯବାନଙ୍କୁ ଦେଖି ପ୍ରଥମେ ମାଓବାଦୀଙ୍କ ପକ୍ଷରୁ ଆଖିବୁଜା ଗୁଳିବର୍ଷା କରାଯାଇଥିଲା । ଯବାନଙ୍କ ପକ୍ଷରୁ ଏହାର ଜବାବରେ ପାଲଟା ଗୁଳି ଚାଳନା କରାଯାଇଥିଲା । ଫଳରେ ଦୁଇ ଜଣ ମାଓବାଦୀଙ୍କ ମୃତ୍ୟୁ ହୋଇଛି । ତେବେ ଅନ୍ୟ ମାଓବାଦୀମାନେ ସେଠାରୁ ଖସି ପଳାଇବାରେ ସକ୍ଷମ ହୋଇଛନ୍ତି । ସୂଚନା ଅନୁଯାୟୀ, ମାଓବାଦୀମାନେ ଗୁରୁତ୍ୱପୂର୍ଣ୍ଣ ବୈଠକ କରୁଥିବା ନେଇ ବିଶେଷ ସୂତ୍ରରୁ ଖବର ପାଇ ପୋଲିସ, ସର୍ଚ୍ଚ ଅପରେସନ୍ ଆରମ୍ଭ କରିଥିଲା । ଏସ୍‌ଓଜି ଯବାନ ଓ ଡିଭିଏଫ୍ ଯବାନ ଏହି ଅପରେସନ୍‌ରେ ସାମିଲଥିଲେ । ମୃତ ଦୁଇ ମାଓବାଦୀ ଛତିଶଗଡ଼ ରାଜ୍ୟ ରେ ବୋଲି ପୋଲିସ ଅନୁମାନ କରୁଛି !

# ଶିକ୍ଷାମନ୍ତ୍ରୀଙ୍କ ବାସଭବନ ଘେରିଲେ ଅଭିଭାବକ

ଭୁବନେଶ୍ୱର,୧୩।୧୨ (ନି.ପ୍ର): ବେସରକାରୀ ସ୍କୁଲ୍ ଫି ବୃଦ୍ଧି ମାମଲାରେ ସରକାରଙ୍କ ବେପରୁଆ ମନୋବୃତି ଏବଂ ହାଇକୋର୍ଟରେ ମିଥ୍ୟା ସତ୍ୟପାଠ ଦାଖଲକୁ ବିରୋଧ କରି ଅଭିଭାବକ ସଂଘ ଓପାଫ ପକ୍ଷରୁ ରବିବାର ସ୍କୁଲ ଓ ଗଣଶିକ୍ଷାମନ୍ତ୍ରୀ ସମୀର ରଂଜନ ଦାଶଙ୍କ ବାସଭବନ ଘେରାଉ କରାଯାଇଥିଲା । ରବିବାର ପୂର୍ବାହ୍ନରେ ଅଭିଭାବକ ମାନେ ମନ୍ତ୍ରୀଙ୍କ ଘର ସାମ୍ନାରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଧାରଣା ଦେଇଥିଲେ । ଯଦି ସରକାର ଅଭିଭାବକମାନଙ୍କ ଏହି ସମସ୍ୟାକୁ ତୁରନ୍ତ ସମାଧାନ ନକରନ୍ତି, ତେବେ ଆଗାମୀ ଦିନରେ ଏହି ଆନ୍ଦୋଳନ ତୀବ୍ର ରୂପ ନେବ ବୋଲି ଓପାଫ ତରଫରୁ ଚେତାବନୀ ଦିଆଯାଇଛି । ଅଭିଭାବକ ସଂଘ ଅଭିଯୋଗ କରିଛି ଯେ ରାଜ୍ୟ ସରକାର ଓଡ଼ିଶା ହାଇକୋର୍ଟରେ ସତ୍ୟପାଠ ଦେଇ କହିଛନ୍ତି ବେସରକାରୀ ବିଦ୍ୟାଳୟଗୁଡ଼ିକ ଉପରେ ସରକାରଙ୍କର କୌଣସି କର୍ତ୍ତୃତ୍ୱ ନାହିଁ ।– କିନ୍ତୁ ଓଡ଼ିଶା ଶିକ୍ଷା ଆଇନ୍ ଏବଂ ଏହାର ରିଜୋଲେସନ ତାରିଖ ୨୩.୯.୧୯୯୬ ଅନୁସାରେ "ଯେତିକି ସେବା, ସେତିକି ଫି" ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ସ୍କୁଲ୍ ନେବା କଥା । କିନ୍ତୁ ସରକାର ଜାଣିଶୁଣି ଏହି ଅଧିନିୟମକୁ ଲୁକ୍କାୟିତ ରଖି କୋର୍ଟ ନିଷ୍ପତି ପ୍ରକ୍ରିୟାରେ ବାଧା ସୃଷ୍ଟି କରୁଛନ୍ତି ।

## ଏବର୍ଷ ହେବନି ବରଗଡ ଧନୁଯାତ୍ରା




ବରଗଡ଼/ଭୁବନେଶ୍ୱର,୧୩।୧୨ (ନି.ପ୍ର): ଚଳିତ ବର୍ଷ ହେବନି ବିଶ୍ୱପ୍ରସିଦ୍ଧ ବରଗଡ଼ ଧନୁଯାତ୍ରା । ରବିବାର ବରଗଡ଼ ଜିଲ୍ଲାପାଳଙ୍କ ସହ ଧନୁଯାତ୍ରା ମହୋତ୍ସବ ସମିତିର କାର୍ଯ୍ୟକାରୀ କମିଟି ସଦସ୍ୟଙ୍କ ବୈଠକ ପରେ ଏହି ନିଷ୍ପତି ନିଆଯାଇଛି । କରୋନା ମହାମାରୀ ପାଇଁ ଏଭଳି ନିଷ୍ପତି ହୋଇଛି । ଉଲ୍ଲେଖ୍ୟଯୋଗ୍ୟ ଯେ ପ୍ରତିବର୍ଷ ବରଗଡ଼ ଧନୁଯାତ୍ରା ଦେଖିବାକୁ ଲୋକଙ୍କ ଗହଳି ଲାଗେ । ବିଶ୍ୱର ସବୁଠୁ ବଡ଼ ମୁକ୍ତାକାଶ ରଙ୍ଗମଂଚରେ ଅଭିନୟ କରନ୍ତି କଳାକାରମାନେ ।

## ଘନ କୁହୁଡି ପାଇଁ ୧୦ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ

ଭୁବନେଶ୍ୱର,୧୩।୧୨ (ନି.ପ୍ର): ଘନ କୁହୁଡି ସମ୍ଭାବନା ଥିବାରୁ ୧୦ଟି ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର । ଏହି ଜିଲ୍ଲା ଗୁଡିକ ହେଲା କଟକ , ଜଗତସିଂହପୁର, କେନ୍ଦ୍ରାପଡା, ନୟାଗଡ, ଖୋର୍ଦ୍ଧା , ବୌଦ୍ଧ, କନ୍ଧମାଳ , କୋରାପୁଟ , ମାଲକାନଗିରି ଓ ରାୟଗଡା । ଏହି ସବୁ ଜିଲ୍ଲାର ଗୋଟିଏ ରୁ ଦୁଇଟି ସ୍ଥାନରେ ଦୃଶ୍ୟମାନ-ଦୂରତା ୨୦୦ମିଟର ରୁ କମ ରହିବାର ସମ୍ଭାବନା । ଏହା ବ୍ୟତୀତ ଭଦ୍ରକ , ପୁରୀ ଓ କଳାହାଣ୍ଡି ଜିଲ୍ଲା ଗୁଡିକରେ ମଧ୍ୟ ସ୍ୱଳ୍ପରୁ ମଧ୍ୟମ ଧରଣର କୁହୁଡି ଦୃଶ୍ୟମାନ ହୋଇପାରେ ।

# ରାଜ୍ୟରେ ଆଉ ୫ ଜଣଙ୍କର କରୋନାରେ ମୃତ୍ୟୁ : ମୃତ୍ୟୁ ସଂଖ୍ୟା ୧୮୦୭ ହେଲା

ଭୁବନେଶ୍ୱର,୧୩।୧୨ (ନି.ପ୍ର): ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ ପୁଣି ୪ ଜଣ କରୋନା ସଂକ୍ରମିତଙ୍କର ମୃତ୍ୟୁ ଘଟିଛି । ଏହା ଫଳରେ ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୧୮୦୭ କୁ ବୃଦ୍ଧି ପାଇଛି ବୋଲି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ଆଜି ମୃତ୍ୟୁବରଣ କରିଥିବା କରୋନା ଆକ୍ରାନ୍ତଙ୍କ ମଧ୍ୟରେ ଖୋର୍ଧା ଓ ମୟୁରଭଂଜ ଜିଲ୍ଲାର ୨-୨ ଜଣ ଥିବା ବେଳେ ସୁନ୍ଦରଗଡ ଜିଲ୍ଲାର ଜଣେ ଅଛନ୍ତି । ଭୁବନେଶ୍ୱରର ଜିଲ୍ଲାର





ଜଣେ ୫୯ ବର୍ଷୀୟ ପୁରୁଷଙ୍କ ମୃତ୍ୟୁ ଘଟିଛି । ସେ ମଧୁମେହ ରୋଗରେ ପୀଡିତ ଥିଲେ । ଖୋର୍ଧା ଜିଲ୍ଲାର ଜଣେ ୬୪ବର୍ଷୀୟ କରୋନା ସଂକ୍ରମିତ ପୁରୁଷ ମୃତ୍ୟୁବରଣ କରିଛନ୍ତି । ସେ ମଧୁମେହ ଓ ଅନ୍ୟ ରୋଗରେ ପୀଡିତ ଥିଲେ । ମୟୁରଭଂଜ ଜିଲ୍ଲାର ଜଣେ ୫୮ ବର୍ଷୀୟ ପୁରୁଷ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି । ସେ ଉଚ୍ଚ ରକ୍ତଚାପ ଓ ଅନ୍ୟ ରୋଗରେ ପୀଡିତ ଥିଲେ । ମୟୁରଭଂଜ ଜିଲ୍ଲାର ଜଣେ ୬୮ ବର୍ଷୀୟ ପୁରୁଷଙ୍କ କରୋନାରେ ମୃତ୍ୟୁ ଘଟିଛି । ସେ ଉଚ୍ଚ ରକ୍ତଚାପରେ ପୀଡିତ ଥିଲେ । ସୁନ୍ଦରଗଡ ଜିଲ୍ଲାର ଜଣେ ୫୯ ବର୍ଷୀୟ କରୋନା ସଂକ୍ରମିତ ପୁରୁଷଙ୍କ ମୃତ୍ୟୁ ଘଟିଛି ।

# ଜେ ପି ନଡ୍ଡା କରୋନା ପଜିଟିଭ୍

ନୂଆଦିଲ୍ଲୀ,୧୩।୧୨ (ନି.ପ୍ର): ବିଜେପିର ରାଷ୍ଟ୍ରୀୟ ସଭାପତି ଜେପି ନଡ୍ଡା କରୋନାରେ ଆକ୍ରାନ୍ତ ହୋଇଛନ୍ତି । ଆଜି ସେ ଟ୍ୱିଟ୍ କରି ଏ ସମ୍ପର୍କରେ ସୂଚନା ଦେଇଛନ୍ତି । ଟ୍ୱିଟ୍



କରି ସେ ଲେଖିଛନ୍ତି, "କରୋନା ଲକ୍ଷଣ ଦେଖାଯିବା ପରେ ମୁଁ ପରୀକ୍ଷା କରାଇଥିଲି ଓ ତାହା ପିଜିଟିଭ ବାହାରିଥିଲା । ମୁଁ ଏବେ ସୁସ୍ଥ ଅନୁଭବ କରୁଛି, କିନ୍ତୁ ଡାକ୍ତରଙ୍କ ଅନୁରୋଧକ୍ରମେ ମୁଁ ଏକାନ୍ତବାସରେ ରହୁଛି । ଯେଉଁମାନେ ମୋ ସଂସ୍ପର୍ଶରେ ଆସିଛନ୍ତି, ସେମାନେ ତୁରନ୍ତ ପରୀକ୍ଷା କରାଇନେବାକୁ ଅନୁରୋଧ କରୁଛି" ।

# ଶାନ୍ତି ଶୃଙ୍ଖଳାରେ ଶେଷ ବାଲେଶ୍ୱର ବାର ଆସୋସିଏସନ ନିର୍ବାଚନ

ବାଲେଶ୍ୱର,୧୩।୧୨ (ନି.ପ୍ର): ହାଇକୋର୍ଟଙ୍କ ନର୍ଦ୍ଦେଶ କ୍ରମେ ଓଡ଼ିଶାର ଅନ୍ୟାନ୍ୟ ଜିଲ୍ଲା ଓକିଲ ସଂଘଙ୍କ ଭଳି ବାଲେଶ୍ୱର ବାର ଆସୋସିଏସନର ନିର୍ବାଚନ ଶାନ୍ତିଶୃଙ୍ଖଳାର ସହ ଶନିବାର ଦିନ ଅନୁଷ୍ଠିତ ହୋଇଯାଇଛି । ସକାଳ ୮ଟାରୁ ମତଦାନ ଆରମ୍ଭ ହୋଇ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଚାଲିଥିଲା । ଏକ ଘଣ୍ଟାର ବିରାମ ପରେ ସଂଧ୍ୟା ୫ଟାରୁ ଗଣତି ଆରମ୍ଭ ହୋଇ ରାତି ୧୨ଟାରେ ଶେଷ ହୋଇଥିଲା । ଚଳିତ ନିର୍ବାଚନରେ ମୋଟ ୧୦୮୪ ଭୋଟରଙ୍କ ମଧ୍ୟରୁ ୯୦୬ ଜଣ ମତଦାନ କରିଥିଲେ । ପ୍ରକାଶିତ ଫଳାଫଳ ଅନୁସାରେ ବାଲେଶ୍ୱର ବାର ଆସୋସିଏସନର



ରଘୁନାଥ ପ୍ରଧାନ (ସଭାପତି)



ସମ୍ବିତ୍ ନନ୍ଦି (ସମ୍ପାଦକ)

ସଭାପତି ଭାବେ ବରିଷ୍ଠ ଆଇନଜୀବୀ ରଘୁନାଥ ପ୍ରଧାନ ଓ ସମ୍ପାଦକ ଭାବେ ସମ୍ବିତ୍ ନନ୍ଦି ନିର୍ବାଚିତ ହୋଇଛନ୍ତି । ପ୍ରତିଦ୍ୱନ୍ଦ୍ୱିତା କରୁଥିବା ୪ ଜଣ ପ୍ରାର୍ଥୀଙ୍କ ମଧ୍ୟରୁ ଶ୍ରୀ ପ୍ରଧାନ ୩୮୫ ଖଣ୍ଡ ଭୋଟ ପାଇ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ମନୋଜ ନାୟକଙ୍କୁ ୨୬ ଖଣ୍ଡ ଭୋଟରେ ହରାଇ ବିଜୟ ଲାଭ କରିଛନ୍ତି । ସେହିପରି ଉପ-ସଭାପତି ଭାବେ ନୃସିଂହ ଚରଣ ନାୟକ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଜିତେନ୍ଦ୍ର ରାଉତଙ୍କୁ ୪୫୮ ଖଣ୍ଡ ଭୋଟରେ ହରାଇ ନିର୍ବାଚିତ ହୋଇଛନ୍ତି । ଅନ୍ୟପକ୍ଷରେ ସମ୍ବିତ୍ ନନ୍ଦି ତୃତୀୟ ଥର ପାଇଁ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି । ସେ ୪୪୬ଖଣ୍ଡ ଭୋଟ ପାଇ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ କେଶବ ଆଚାର୍ଯ୍ୟଙ୍କୁ ୨୧ ଖଣ୍ଡ ଭୋଟରେ ହରାଇଛନ୍ତି । ଅନୁରୂପ ଭାବେ ସୂର୍ଯ୍ୟକାନ୍ତ କର ଓ ବସନ୍ତ ପ୍ରଧାନ ସହ-ସମ୍ପାଦକ, ଶକ୍ତିଧର ସାନ୍ତରା କୋଷାଧ୍ୟକ୍ଷ ଓ ଅନ୍ନପୂର୍ଣ୍ଣା ରାଉତ ସହ-କୋଷାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି । କାର୍ଯ୍ୟକାରିଣୀ ସଦସ୍ୟ ଭାବେ ରଂଜିତ୍ ପଣ୍ଡା, ଚନ୍ଦ୍ରକାନ୍ତ ଜେନା, କିଶୋର ବଲ୍ଲଭ ଦାସ, ରୀତାଞ୍ଜଳି ନନ୍ଦ,


▶▶ପୃଷ୍ଠା ୭


## କୃଷି ଆଇନ୍ ବିରୋଧରେ କୃଷକ ସଂଘର୍ଷ ସମନ୍ୱୟ ସମିତିର ରାଜ୍ୟବ୍ୟାପୀ ଧାରଣା ଆଜି

ଭୁବନେଶ୍ୱର,୧୩।୧୨ (ନି.ପ୍ର): ଆସନ୍ତାକାଲି (ସୋମବାର) ରାଜ୍ୟବ୍ୟାପୀ କୃଷକ ଗଣଧାରଣା ଜିଲ୍ଲାପାଳ/ଅତିରିକ୍ତ ଜିଲ୍ଲାପାଳ/ ଉପଜିଲ୍ଲାପାଳ ଅଫିସ୍ ସମ୍ମୁଖରେ ସଂଗଠିତ କରିବା ପାଇଁ ଅଖିଳ ଭାରତ କୃଷକ ସଂଘର୍ଷ ସମନ୍ୱୟ ସମିତି-ଓଡ଼ିଶା ତରଫରୁ ନିଷ୍ପତି ଗ୍ରହଣ କରାଯାଇଛି । ଭୁବନେଶ୍ୱରରେ ଏହି ଧାରଣା ଅତିରିକ୍ତ ଜିଲ୍ଲାପାଳ (ଏଡ଼ିଏମ୍)ଙ୍କ ଅଫିସ୍ ସମ୍ମୁଖରେ ଅନୁଷ୍ଠିତ ହେବ । ଏହି ଧାରଣା କାର୍ଯ୍ୟକ୍ରମର ସଫଳତା ପାଇଁ ଭୁବନେଶ୍ୱରରେ ଅଖିଳ ଭାରତ କୃଷକ ସଂଘର୍ଷ ସମନ୍ୱୟ ସମିତିର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ସୁରେଶ ପାଣିଗ୍ରାହୀ, ଜ୍ୟୋତି ରଞ୍ଜନ ମହାପାତ୍ର, ମହେନ୍ଦ୍ର ପରିଡ଼ା, ପ୍ରଭାତ ପାଣିଗ୍ରାହୀ ଏବଂ ବିଜୟ ମହାନ୍ତି ପ୍ରମୁଖ ନେତୃବୃନ୍ଦ ଯୋଗ ଦେଇ ଗଣଧାରଣା ପାଇଁ ଯୋଜନା ଗ୍ରହଣ କରିଛନ୍ତି । ସାରା ଦେଶରେ ସଂଯୁକ୍ତ କିଷାନ ମୋର୍ଚ୍ଚା ଡ଼ାକରାରେ ଏବଂ ଅଖିଳ ଭାରତ କୃଷକ ସଂଘର୍ଷ ସମନ୍ୱୟ ସମିତିର ସମନ୍ୱୟରେ ଚାଲିଥିବା ଦିଲ୍ଲୀ ଚଲୋ କୃଷକ ଆନ୍ଦୋଳନ ଦିନକୁ ଦିନ ତୀବ୍ର ହେଉଛି । ସରକାର କୃଷକ ଆନ୍ଦୋଳନ ଏବଂ ଜନମତ ପ୍ରତି ସମ୍ମାନ ଦେଇ କୃଷକ ବିରୋଧୀ କୃଷି ଆଇନ୍‌କୁ ରଦ୍ଦ କରିବା ପାଇଁ ଦାବି କରାଯାଇଛି । ସେହିପରି ନୂତନ ବିଦ୍ୟୁତ୍ ବିଲ୍ ଜରିଆରେ ବିଦ୍ୟୁତ୍ ସେବାକୁ ସମ୍ପୂର୍ଣ୍ଣ ଘରୋଇକରଣ କରିବା ପାଇଁ ସରକାର ପ୍ରୟାସ କରୁଛନ୍ତି ।

## ଗୋଟିଏ ଦିନରେ ୪ ଜଣଙ୍କୁ ପଟ୍ଟା ବଂଟନ କାର୍ଯ୍ୟକ୍ରମ

ନୂଆପଡା,୧୩।୧୨ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ତହସିଲ କାର୍ଯ୍ୟାଳୟ ପକ୍ଷରୁ ଗୋଟିଏ ଦିନରେ ଜମି ମାଲିକାନା ହସ୍ତାନ୍ତର ଦଲିଲଙ୍କୁ ପଟ୍ଟା ପ୍ରଦାନ କରିଛନ୍ତି । ସେମାନେ ହେଲେ ମହାବୀର ପ୍ରସାଦ ଅଗ୍ରୱାଲ, ସଦାନନ୍ଦ ପଟେଲ, ଛବି ରଣା ଏବଂ ସିତାରାମ ଅଗ୍ରୱାଲ ଅଟନ୍ତି । ଏହି ୪ ଜଣଙ୍କ ନାମରେ ଗୋଟିଏ ଦିନରେ ଜମି ରେଜିଷ୍ଟ୍ରୀ ହୋଇ ପଟ୍ଟା ପ୍ରଦାନ କରାଯାଇଛି । ଏଥିରେ ତହସିଲଦାର ସିନ୍ଧୁସୂତା ପାତ୍ର, ଅତିରିକ୍ତ ତହସିଲଦାର ତପନ କୁମାର ନାଏକ ପ୍ରମୁଖ ପଟ୍ଟା ପ୍ରଦାନ କରିଥିଲେ ।

## ଜାଲ ପ୍ରମାଣପତ୍ର ଦେଇ ଚାକିରି କରୁଥିବା ଶିକ୍ଷୟିତ୍ରୀ ବହିଷ୍କୃତ

ନୂଆପଡା,୧୩।୧୨ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ବ୍ଲକ ବିରିଘାଟ ପଞ୍ଚାୟତ ଅନ୍ତର୍ଗତ କୁଶମାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷୟିତ୍ରୀ ଜଣକ ଜାଲ ପ୍ରମାଣପତ୍ର ଦେଇ ଚାକିରି କରୁଥିବା ଅଭିଯୋଗରେ ଚାକିରିରୁ ବହିଷ୍କୃତ ହୋଇଥିବା ସୂଚନା ମିଳିଛି । ଗତ ୨୦୧୮ ମସିହାରେ ଜ୍ୟୋତିରେଖା ଦାସ ନାମକ ମହିଳା କୁଶମାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କନିଷ୍ଠ ଶିକ୍ଷୟିତ୍ରୀ ଭାବରେ କାମ ଆରମ୍ଭ କରିଥିଲେ । ଚାକିରି ସମୟରେ ଶିକ୍ଷୟିତ୍ରୀ ଜଣକ ମହିଶୁର ବିଶ୍ୱ ବିଦ୍ୟାଳୟର ବିଇଡି ସାର୍ଟିଫିକେଟ ଦେଇ ଚାକିରି କରୁଥିଲେ । ହେଲେ ଏହି ସାର୍ଟିଫିକେଟ ଜାଲ ବୋଲି ଜଣାପଡିଥିଲା । ଏନେଇ ଜିଲ୍ଲାପାଳ ସ୍ୱଧାଦେବ ସିଂଙ୍କ ନିର୍ଦ୍ଦେଶ କ୍ରମେ ନୂଆପଡା ଜିଲ୍ଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ କୁମାର ଭୋଇ ଶିକ୍ଷୟିତ୍ରୀ ଜ୍ୟୋତିରେଖା ଦାସଙ୍କୁ ଚାକିରିରୁ ବହିଷ୍କୃତ କରିଛନ୍ତି । ଅନ୍ୟପକ୍ଷରେ ନୂଆପଡା ଜିଲ୍ଲାରେ ଶହ ଶହ ସଂଖ୍ୟକ ଶିକ୍ଷକ ଶିକ୍ଷୟିତ୍ରୀ ଜାଲ ସାର୍ଟିଫିକେଟ ଦେଇ ଚାକିରି କରୁଥିବା ଅଭିଯୋଗ ହୋଇଆସୁଛି । ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ତଦନ୍ତ କରି ଉଚିତ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବୀ ହେଉଛି ।

## ଜିଲ୍ଲା କାର୍ଯ୍ୟାଳୟ ସାମ୍ନାରୁ ଅବରୋଧ ହଟାଇବା ପାଇଁ ଜିଲ୍ଲାପାଳଙ୍କୁ ଅଭିଯୋଗ

କେନ୍ଦ୍ରାପଡା,୧୩।୧୨ (ନି.ପ୍ର): କେନ୍ଦ୍ରାପଡା ସଦର ମହକୁମା ଜିଲ୍ଲା କାର୍ଯ୍ୟାଳୟ ସାମ୍ନାରେ ଥିବା ସର୍ବ ସାଧାରଣ ରାସ୍ତାକୁ ଅବରୋଧ କରାଯାଇ ବ୍ୟବସାୟ ଚାଲିଥିବାରୁ ଅନେକ ସମୟରେ ଏହି ରାସ୍ତାଟି ଟ୍ରାଫିକ ସମସ୍ୟାର ସମ୍ମୁଖୀନ ହେଉଥିବାରୁ ଏନେଇ ଜିଲ୍ଲାପାଳଙ୍କୁ ଅଭିଯୋଗ କରାଯାଇ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି । ଜିଲ୍ଲା ସ୍ତରୀୟ ଅଧିକାରୀଙ୍କ ସମେତ ପୋଲିସ ଅଧିକାରୀଙ୍କ ଯାନବାହନ ଓ ଜିଲ୍ଲା କାର୍ଯ୍ୟାଳୟକୁ ଆସୁଥିବା ବ୍ଲକ ପ୍ରଶାସନର ଅଧିକାରୀଙ୍କ ଯାନବାହନ ସହିତ ଜରୁରୀକାଳୀନ ଗାଡି ମଧ ବହୁ ସୟ ଧରି ଛିଡାହୋଇ ରହୁଛି । ଏହି ରାସ୍ତାର ଉଭୟପାର୍ଶ୍ୱରେ ରାସ୍ତାକୁ ମଡାଇ ବହୁ ଦୋକାନୀ ମାନେ ବ୍ୟବସାୟ କରୁଥିବାରୁ ସାଧାରଣ ଲୋକ ଯାତାୟତ ରେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏପରିକି ଜିଲ୍ଲାପାଳଙ୍କ ଗାଡି ସହିତ ଆମ୍ବୁଲାନ୍ସ, ଦମକଳ ପ୍ରଭୃତି ଗାଡିଗୁଡିକ ମଧ ଏଥିରେ ଫସି ରହୁଥିବା ଦେଖିବାକୁ ମିଳୁଛି । ତୁରନ୍ତ ଜବରଦଖଲ ହଟାଇବା ପାଇଁ ସାଧାରଣରେ ଦାବି ହେଉଛି ।

## ପ୍ରଶାସନର ଦୋମୁହାଁ ନୀତିକୁ ଜଗନ୍ନାଥ ସେନାର ବିରୋଧ

ପୁରୀ,୧୩।୧୨ (ନି.ପ୍ର): ଶ୍ରୀମନ୍ଦିର ଖୋଲିବାକୁ ନେଇ ମୁଖ୍ୟ ପ୍ରଶାସକ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ତାକୁ ଶ୍ରୀଜଗନ୍ନାଥ ସେନାର ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ ବିରୋଧ କରିଛନ୍ତି । ସେ କହିଛନ୍ତି ଜଗନ୍ନାଥଙ୍କ ଆଗରେ ସବୁ ଭକ୍ତ ସମାନ । ପୁରୀ ଭକ୍ତ ଓ ପୁରୀ ବାହାର ଭକ୍ତ ଦର୍ଶନକୁ ନେଇ ଦୁଇପ୍ରକାର କଥା କହୁଛି ପ୍ରଶାସନ । ଅନ୍ୟପକ୍ଷରେ ସେବାୟତ ଶ୍ରୀମନ୍ଦିର ବନ୍ଦ କରିବାକୁ କହିନଥିବା ବେଳେ ଖୋଲିବା ପାଇଁ କହିବା ପ୍ରସଙ୍ଗକୁ ଅତି ଚତୁରଭାବେ ରାଜ୍ୟ ସରକାର ଅଠା ବୋଳିବା ନ୍ୟାୟରେ କହିଛନ୍ତି । ପରୀ ଘଟଣାକୁ ରାଜ୍ୟରୁ ଚାପିଦେବା ପାଇଁ ଶ୍ରୀମନ୍ଦିର ଖୋଲିଲେ ଏହି ପ୍ରସଙ୍ଗକୁ ଛାଡି ଭକ୍ତମାନେ ପୁରୀମୁହାଁ ହେବେ ବୋଲି କହିଛନ୍ତି । ହଜାର ହଜାର ହବିଷ୍ୟାଳିଙ୍କ ଧାର୍ମିୟ ପରମ୍ପରାକୁ କୁଠାରଘାତ କରି ପ୍ରଶାସନ ଶ୍ରୀମନ୍ଦିର ଖୋଲିନଥିଲା । ବର୍ତ୍ତମାନ କଣ କରୋନା ସଂପୂର୍ଣ୍ଣ ମୁକ୍ତ ହୋଇଗଲାଣି ବୋଲି ପ୍ରଶ୍ନ କରିଥିଲେ । ବଡଦିନ ଓ ନୂଆବର୍ଷ ପାଇଁ ଭିଆଇପି ଭକ୍ତ ପୁରୀ ଆସି ଦର୍ଶନ କିପରି କରିବେ ପ୍ରଶାସନ ସେଥିପାଇଁ ନିଜ ଆଇନ ନିଜେ ତିଆରି କରୁଛି । ଜଗନ୍ନାଥଙ୍କ ପାଖରେ ସବୁ ଭକ୍ତ ସମାନ । ରାଜ୍ୟ, ଜିଲ୍ଲା ଓ ଶ୍ରୀମନ୍ଦିର ପ୍ରଶାସନ ଭକ୍ତ ଓ ଭଗବାନଙ୍କୁ ନେଇ ରାଜନୀତି କରୁଛି ବୋଲି ଶ୍ରୀ ପଟ୍ଟନାୟକ କହିଥିଲେ ।

# ଭୁବନ ଓକିଲ ସଂଘ ନିର୍ବାଚନ

### ତୃତୀୟ ଥର ପାଇଁ ବାବୁଲି ସେଠୀ ସଭାପତି ଓ ପ୍ରହଲ୍ଲାଦ ସାହୁ ସମ୍ପାଦକ

ଭୁବନ,୧୩।୧୨ (ନି.ପ୍ର): ଭୁବନ ଓକିଲ ସଂଘ ନିର୍ବାଚନ ଆଜି ବେଶ ଶାନ୍ତି ଶୃଙ୍ଖଳାର ସହ ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ ଆଇନଜୀବୀ ବାବୁଲି କୁମାର ସେଠୀ ସଭାପତି, ପ୍ରହଲ୍ଲାଦ ସାହୁ ସମ୍ପାଦକ ଭାବେ ଲଗାତର ତୃତୀୟ ଥର ପାଇଁ ନିର୍ବାଚିତ ହୋଇଛନ୍ତି । ଶଶଧର ମହାନ୍ତି ଉପସଭାପତି, ନିତ୍ୟାନନ୍ଦ ବେହେରା ଯୁଗ୍ମ ସମ୍ପାଦକ,ଜଗବନ୍ଧୁ ସାହୁ କୋଷାଧ୍ୟକ୍ଷ,ସଂଜୁଲତା ସାହୁ ଲାଇବ୍ରେରିଆନ ଭାବେ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଥିବା ଜଣାପଡିଛି । ଚଳିତଥର କେବଳ ସଭାପତି ପଦବୀ ପାଇଁ ଓକିଲ ସଂଘର ପ୍ରତିଷ୍ଠାତା ସଭାପତି ସନାତନ ଗୁରୁ ଙ୍କ ସହିତ ପୂର୍ବତନ ସଭାପତି ବାବୁଲି କୁମାର ସେଠୀ ପ୍ରତିଦ୍ୱନ୍ଦିତା କରୁଥିଲେ । ଶ୍ରୀ ଗୁରୁ ମାତ୍ର ୩ ଖଣ୍ଡ ଭୋଟ ପାଇ ଥିବା ବେଳେ ଶ୍ରୀ ସେଠୀ ୨୪ ଖଣ୍ଡ ଭୋଟ ପାଇ ୨୧ ଖଣ୍ଡ ଭୋଟ ବ୍ୟବଧାନରେ ବିଜୟୀ ହୋଇଥିଲେ । ସମୁଦାୟ ୩୪ ଜଣ ଯୋଗ୍ୟ ଭୋଟର ଙ୍କ ମଧ୍ୟରୁ ୨୮ ଜଣ ସଦସ୍ୟ ଉପସ୍ଥିତ ରହି ଭୋଟ ଦେଇଥିବା ବେଳେ ଗୋଟିଏ ଭୋଟ ନାକଚ ହୋଇଥିବା ସଂପର୍କରେ ନିର୍ବାଚନ ଅଧିକାରୀ ଭାସ୍କର ଚନ୍ଦ୍ର ସ୍ୱାଇଁ ସୂଚନା ଦେଇଛନ୍ତି। ଏକଜ୍ୟୁକ୍ୟୁଟିଭ ବଡି ମେମ୍ବର ଭାବେ ରବୀନ୍ଦ୍ର କୁମାର ଦାଶ,ଅଜୟ କୁମାର ଥାଟୋଇ,ଶ୍ରୀଧର ରାଉତ ମନୋନୀତ ହୋଇଛନ୍ତି । ନିର୍ବାଚନ ଅଧିକାରୀ ଭାସ୍କର ଚନ୍ଦ୍ର ସ୍ୱାଇଁ ଙ୍କ ପରିଚାଳନାରେ ସକାଳ ୮ ଘଟିକା ସମୟରୁ ଭୋଟ ଗ୍ରହଣ ଆରମ୍ଭ ହୋଇ ଅପରାହ୍ନ ୪ ଘଟିକା ପର୍ଯ୍ୟନ୍ତ ଚାଲିଥିଲା ।। ଅପରାହ୍ନ ୫ ଘଟିକା ସମୟରେ ଭୋଟ ଗଣତି ହୋଇ ଫଳାଫଳ ଘୋଷଣା କରାଯାଇଥିଲା । ଶ୍ରୀ ସେଠୀ ହ୍ୟାଟ୍ରିକ ସଭାପତି ହୋଇଥିବାରୁ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରାଯାଉଛି ।

## ଜିଲା ଓକିଲ ସଂଘ ନିବାଚନ

ଜୟପୁର,୧୩।୧୨ (ନି.ପ୍ର): ଜୟପୁର ସ୍ଥିତ ଜିଲା ଓକିଲ ସଂଘ ନିବାଚନ ଅନୁଷ୍ଠିତ ହୋଇଛି । ଆଜି ସକାଳ ୮ ଠାରୁ ମତ ଦାନ ଆରମ୍ଭ ହୋଇଥିବା ବେଳେ ୪ଟା ଯାଏ ମତ ଦାନ ଗ୍ରହଣ କରାଯାଇଛି । ମୋଟ ୩୯୫ ଭୋଟର ମଧ୍ୟରୁ ୩୫୦ ଜଣ ଭୋଟ ଦାନ କରିଥିଲେ । ଓକିଲ ସଙ୍ଘର ସଭାପତି ଭାବେ ସରୋଜ ଦାସ ଉପ ସଭାପତି ହରିଶ ଚନ୍ଦ୍ର ମୁଦୁଲି, କୋଷାଧ୍ୟକ୍ଷ ଗୋପବନ୍ଧୁ ସାନ୍ତା, ନିଦ୍ୱନ୍ଦରେ ବିଜୟ ହୋଇଥିବା ବେଳେ ସମ୍ପାଦକ ଅନନ୍ଦ ରଥ, ଯୁଗ୍ମ ସମ୍ପାଦକ ଉମା କାନ୍ତ ସାହୁ ବିଜୟ ହୋଇଛନ୍ତି । ଏକ୍ସିକ୍ୟୁଟିଭ ବଡି ମେମ୍ବର ଭାବେ ପି. ସନ୍ୟାସି ରାଓ, ମିନକେତନ ପରିଛା, କେ ଦିବାକର ରାଓ, ଆରୁଣ ଆଚାରି, ଶୁଭେନ୍ଦୁ ମିଶ୍ର, ସୁମନ୍ତ ସାହୁ ଭୋଳା ନାଥ ପଟ୍ଟନାୟକ ନିବାଚିତ ହୋଇଛନ୍ତି ।

## କୃଷକ ଆନ୍ଦୋଳନ ସମର୍ଥନରେ ପାଣିକୋଇଲି ଟୋଲ ପ୍ଲାଜାରେ ବିକ୍ଷୋଭ

କୋରେଇ,୧୩।୧୨ (ନି.ପ୍ର): କୃଷକ ଆନ୍ଦୋଳନର ନିଷ୍ପତି କ୍ରମେ ଡିସେମ୍ବର ୧୨ ଦେଶର ସମସ୍ତ ଟୋଲଗେଟ ଦେୟ ମୁକ୍ତ ରଖିବାକୁ ନିଷ୍ପତି ହୋଇଛି । ଏହି ଆନ୍ଦୋଳନ ଏବେ ଦିଲ୍ଲୀରୁ ବ୍ୟାପି ପଲ୍ଲୀରେ ପହଂଚିଲାଣି । ଆନ୍ଦୋଳନକୁ ସମର୍ଥନ କରି ନବ ନିର୍ମାଣ କୃଷକ ସଙ୍ଗଠନ ଏବଂ ସମସ୍ତ ସହଯୋଗୀ ସଙ୍ଗଠନ ମାନଙ୍କ ପକ୍ଷରୁ ପାଣିକୋଇଲି ଟୋଲ ପ୍ଲାଜାରେ ପହଂଚି ଦେୟ ମୁକ୍ତ ଭାବେ ଗାଡି ଗୁଡିକୁ ଛଡାଯାଇଥିଲା । କେନ୍ଦ୍ର ସରକାର କୃଷକ ବିରୋଧି ବିଲ ପାସ କରି କମ୍ପାନୀ ମାନଙ୍କ ହାତରେ ଟେକି ଦେଇଥିବାରୁ ଏହାର ପ୍ରତିବାଦରେ ୧୭ ଦିନ ଧରି ଆନ୍ଦୋଳନ ଚାଲୁରହିଛି । ସରକାର ଏବେ କମ୍ପାନୀ ସରକାରରେ ପରିଣତ ହୋଇ କଳା ଆଇନ ଆଣିଛି । ଏହାକୁ ବାତିଲ ନକରାଯିବା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁ ରହିବ । ପାଣିକୋଇଲି ଟୋଲ ପ୍ଲାଜାରେ ଆଜି ସକାଳୁ ନବନିର୍ମାଣ କୃଷକ ସଙ୍ଗଠନ, ଓଡିଶା କୃଷକ ସଭା, କୃଷକ କଂଗ୍ରେସ ପକ୍ଷରୁ ଟୋଲ ଗେଟରେ ପହଂଚି ସମସ୍ତ ଗେଟରେ ଟୋଲ ଆଦାୟ ବନ୍ଦ କରାଇବା ସହ ବିନା ଦେୟରେ ଗାଡିଗୁଡିକୁ ଛାଡି ଦେଇଥିଲେ । ନବ ନିର୍ମାଣ କୃଷକ ସଙ୍ଗଠନର ରାଜ୍ୟ ସହ ସଂଯୋଜକ ନିମାଇଁ ରାୟ, ଜିଲ୍ଲା ସହ ସଂଯୋଜକ ବସନ୍ତ ନାୟକ, କୋରାଇ ବ୍ଲକ ସଂଯୋଜକ ଲକ୍ଷ୍ମୀଧର ସାହୁ, ଧର୍ମଶାଳା ବ୍ଲକ ସଂଯୋଜକ ହେମନ୍ତ ଦାସ, ଧାମନଗର ବ୍ଲକ ସଂଯୋଜକ ପିତବାସ ଭାଇ, ଶାନ୍ତନୁ ପଣ୍ଡା ଓଡିଶା କୃଷକ ସଭା ପକ୍ଷରୁ ଡା. ନିର୍ମଳ ରଥ, ଗଣେଷ ସାହୁ, ବ୍ରହ୍ମାନନ୍ଦ ବାରିକ, କିର୍ତନ ଓଝା, କୃଷକ କଂଗ୍ରେସ ପକ୍ଷରୁ ଚନ୍ଦ୍ରକାନ୍ତ ଖଣ୍ଡାଇ, ମଧୁସୂଦନ ସାହୁ, ରଘୁନାଥ ମାଝୀ ପ୍ରମୁଖ ଏହି କାର୍ଯ୍ୟକ୍ରମରେ କର୍ମୀଙ୍କ ସହ ଯୋଗଦେଇଥିଲେ । ଶାନ୍ତି ଶୃଙ୍ଖଳା ରକ୍ଷା ନିମନ୍ତେ ବ୍ୟାପକ ପ୍ରସ୍ତୁତି କରାଯାଇଥିଲା ।

## ଦାରିଙ୍ଗବାଡିରେ ଶିଶୁ ପ୍ରତିଭା କାର୍ଯ୍ୟକ୍ରମ ଅନୁଷ୍ଠିତ: ସ୍ୱେଚ୍ଛାସେବୀ ଶିକ୍ଷକ ସମ୍ମାନିତ

କନ୍ଧମାଳ,୧୩।୧୨ (ନି.ପ୍ର): କନ୍ଧମାଳ ଜିଲ୍ଲାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ଜାଗୃତି ଦାରିଙ୍ଗବାଡି ପରିସରରେ ଶିଶୁ ପ୍ରତିଭା ୨୦୨୦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କନ୍ଧମାଳ ଅନ୍ତରଙ୍ଗ,ଆକ୍ସନଏଡ ଏବଂ ଜାଗୃତିର ମିଳିତ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜାଗୃତିର ସମ୍ପାଦକ କୈଳାସ ଦଣ୍ଡପାଟଙ୍କ ସମେତ କନ୍ଧମାଳ ଅନ୍ତରଙ୍ଗର ସଭାପତି ଦିଲ୍ଲିପ କୁମାର ସାହୁ,ସମ୍ପାଦକ ହୃଷିକେଶ ପ୍ରଧାନ,ବ୍ଲକ ସ୍ତରୀୟ ଅନ୍ତରଙ୍ଗ ସଭାନେତ୍ରୀ ରମାଦେବୀ ପ୍ରଧାନ,ଶିଶୁ କ୍ଲବ ସଭାପତି ଅଭିଶେଖ ବଳିଆସିଂ ଏବଂ ସମ୍ପାଦିକା ଶିଖା ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ । ଏଥିରେ ଯୋଗ ଦେଇଥିବା ଶିଶୁ ମାନଙ୍କ ମଧ୍ୟରେ କୋଭିଡ ସଂକ୍ରମଣ ବାବଦରେ ସଚେତନତା ଓ ଶିକ୍ଷାର ବିକାଶ ବିଷୟରେ ଆଲୋଚନା କରାଯାଇଥିଲା । ଶିଶୁ ମାନଙ୍କ ମଧ୍ୟରେ ଥିବା କଳା ଓ ଅନ୍ତଃର୍ନିହିତ ଗୁଣ ଥିବା ସମସ୍ତ ଶିଶୁ ମାନଙ୍କ ପାଇଁ ବିଭିନ୍ନ ପ୍ରତିଯୋଗୀତା ମାନ ଆୟୋଜିତ ହୋଇଥିଲା । ଏଥିରେ କୃତି ଶିଶୁ ମାନଙ୍କୁ ପୁରସ୍କୃତ କରାଯିବା ସହିତ ଗ୍ରାମାଂଚଳର ଗରିବ ଶିଶୁ ମାନଙ୍କୁ ମାଗଣାରେ ପାଠ ପଢାଉଥିବା ସ୍ୱେଚ୍ଛାସେବୀ ଶିକ୍ଷକମାନଙ୍କୁ ମଧ୍ୟ କାର୍ଯ୍ୟକ୍ରମରେ ସମ୍ମାନିତ କରାଯାଇଥିଲା ।

## ଆଖୁଆନାଳରୁ ଅପରିଚିତ ଶିଶୁ ପୁତ୍ରର ମୃତ ଦେହ ଉଦ୍ଧାର

ଧର୍ମଶାଳା,୧୩।୧୨ (ନି.ପ୍ର): ଶୁକ୍ରବାର ସକାଳୁ ଧର୍ମଶାଳା ଥାନା ରସୁଲପୁର ବ୍ଲକ ବନ୍ଧଡିହ ପଂଚାୟତସ୍ଥ ଜୟସୁଙ୍ଗୁଡା ଗ୍ରାମ ନିକଟସ୍ଥ ଆଖୁଆ ନାଳରୁ ଏକ ଅପରିଚିତ ଶିଶୁ ପୁତ୍ର ଭାସୁଥିବା ଅବସ୍ଥାରେ ଉଦ୍ଧାର ହୋଇଛି । ଏହି ମୃତ ଶିଶୁ ପୁତ୍ରର ପରିଚୟ ମିଳି ନଥିବା ବେଳେ ଏହାର ବୟସ ୬ ମାସ ହେବ ବୋଲି ଜଣାପଡିଛି । ବ୍ରହ୍ମବରଦା ପୋଲିସ ଘଟଣାସ୍ଥଳରେ ପଂହଚି ଶବ ଜବତ କରିବା ସହ ଘଟଣାର ତଦନ୍ତ କରିଛି । ଏଭଳି ଘଟଣାକୁ ନେଇ ସ୍ଥାନୀୟ ଅଂଚଳରେ ଚର୍ଚ୍ଚାର ବିଷୟ ପାଲଟିଛି । ସୂଚନା ମୁତାବକ ଆଜି ସକାଳେ ଜୟସୁଙ୍ଗୁଡା ଗ୍ରାମଠାରୁ ଏକ ନିଛାଟିଆ ସ୍ଥାନରେ ଚାଷ ଜମିରେ କିଛି ଚାଷୀ ଚାରଷ କାମ କରୁଥିବା ସମୟରେ ଆଖୁଆନାଳ ପାଣିରେ ଏକ ମୃତ ଦେହ ଭାସୁଥିବା ଦେଖିବାକୁ ପାଇଥିଲେ । ପାଣି ଭିତରୁ ସ୍ଥାନୀୟ ଲୋକେ ଉଦ୍ଧାର କରିଥିଲେ । କୌଣସି ପରିଚୟ ନ ମିଳିବାରୁ ଏହି ଘଟଣାକୁ ନେଇ ବ୍ରହ୍ମବରଦା ଫାଣ୍ଡି ପୋଲିସକୁ ଖବର ଦେଇଥିଲେ । ଫାଣ୍ଡି ଅଧିକାରୀ ପରମାନନ୍ଦ ସେଠୀ ଘଟଣାସ୍ଥଳରେ ପଂହଚି ମୃତ ଶିଶୁ ପୁତ୍ରର ଶବ ଜବତ କରି ଘଟଣାର ତଦନ୍ତ ଚଳାଇଛି । ଏହି ମୃତ ଶିଶୁ ପୁତ୍ରଟିର ବୟସ ପାଖାପାଖି ୬ ମାସ ହେବ ବୋଲି ଜଣାପଡିଛି । ପୋଲିସ ଶବକୁ ଜବତ କରି ଏକ ଅପମୃତ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ନିମନ୍ତେ ଜିଲାମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦେଇଛି । ୩୨/୨୦ରେ ଏକ ମାମଲା ରୁଜୁ କରାଯାଇଥିବା ଜଣାପଡିଛି । ହେଲେ ଏହି ମୃତ ଶିଶୁ ପୁତ୍ର କାହାର ଓ କେମିତି ପାଣିରୁ ପଡିବା ଏବଂ ନିଛାଟିଆ ସ୍ଥାନରୁ ଉଦ୍ଧାର ହେବା ଘଟଣାକୁ ନେଇ ସ୍ଥାନୀୟ ଲୋକେ ସନ୍ଦେହ କରିଛନ୍ତି । ମୃତ ଶିଶୁ ପୁତ୍ରଟି ସ୍ଥାନୀୟ ଅଂଚଳରେ କାହାରି ନୁହେଁ ବୋଲି ଜଣାପଡିଛି । ମଅତ ଶିଶୁ ପୁତ୍ରର ବେକରେ ଆଘାତ ଲାଗିଥବବା ଦେଖିବାକୁ ମିଳିଛି । ଅନ୍ୟ ପକ୍ଷେ କେହି କୁମାରୀ ମାତୃତ୍ୱ ଲାଭ କରି ଏହି ଶିଶୁ ପୁତ୍ରଟିକୁ ଫୋପାଡି ଦେଇଥିବା ନେଇ ମଧ୍ୟ ସ୍ଥାନୀୟ ଅଂଚଳରେ ଆଲୋଚନା ହେଉଛି ।

## କେନ୍ଦୁଝର ଜିଲ୍ଲାରେ ବଣୁଆ ହାତୀଙ୍କର ଉପଦ୍ରବ ଜାରି

### ଭାଙ୍ଗିଲେ ଘର, ନଷ୍ଟ କଲେ ବ୍ୟାପକ ଫସଲ

କେନ୍ଦୁଝର,୧୩।୧୨ (ନି.ପ୍ର): କେନ୍ଦୁଝର ଜିଲ୍ଲାର ବିଭିନ୍ନ ପ୍ରାନ୍ତରେ ବଣୁଆ ହାତୀଙ୍କର ଉପଦ୍ରବ ଜାରୀ ରହିଥିବା ବେଳେ ସାଧାରଣ ଲୋକଙ୍କର ଧନ ଜୀବନ ଏକ ପ୍ରକାର ଅସୁରକ୍ଷିତ ହୋଇ ପଡିଛି । ଫଳରେ ସେମାନେ ଆତଙ୍କିତ ଅବସ୍ଥାରେ ରହିଛନ୍ତି । ଜିଲ୍ଲାର ଆଦିବାସୀ ବହୁଳ ତେଲକୋଇ ରେଞ୍ଜ ଅଧିନସ୍ଥ ବିମଳା ଫରେଷ୍ଟ ବିଟ ଅଂଚଳରେ ହାତୀପଲଙ୍କ ଉପଦ୍ରବ ଉପଦ୍ରବ ଥମିବାରେ ନାମ ଧରୁନାହିଁ । ହାତୀପଲ ଗାଁରେ ପଶି କେତେବେଳେ ହାତୀପଲ ଧନଫସଲ ନଷ୍ଟ କରୁଛନ୍ତି ତ କେତେବେଳେ ସାଧାରଣ ଲୋକଙ୍କର ଘରଦ୍ୱାର ନଷ୍ଟ କରୁଛନ୍ତି । ଗତକାଲି ତଥା ଶୁକ୍ରବାର ବିଳମ୍ବିତ ରାତ୍ରୀରେ ରାଇସୁଆଁ ଗ୍ରାମରେ ଏକ ୧୩ ଟିକିଆ ହାତୀପଲ ଗାଁ ଭିତରକୁ ଧସେଇ ପଶ ଆସିଥିବା ବେଳେ ନରୋତମ ମହାନ୍ତ ଓ ଦୟା ମୁଣ୍ଡା ନାମକ ଦୁଇ ଜଣ ଚାଷୀଙ୍କର ଘର ଭାଙ୍ଗି ସଂଚିତ ଧାନ ଚାଉଳ ଖାଇବା ସହ ନଷ୍ଟ କରି ପକାଇଥିଲେ । ଏପରି କି ମକ୍କା ଫସଲକୁ ମଧ୍ୟ ହାତୀପଲ ଖାଇବା ସହ ଦଳ ମକଚି ନଷ୍ଟ କରି ପକାଇଥିଲେ । ଏବଂ ଗ୍ରାମରେ ପଶି ଏକର ଏକର ଧାନ ଫସଲ ମଧ୍ୟ ଖାଇବା ସହ ମାଡି ମକଚି ନଷ୍ଟ କରି ପକାଇଥିଲେ । ଚାଷୀମାନେ ମୁଣ୍ଡରେ ହାତ ଦେଇ ବସିଥିବା ବେଳେ ହାତୀ ପଲଙ୍କୁ ଘଉଡାଇବାରେ ବନ ବିଭାଗ ସଂପୂର୍ଣ୍ଣ ବିଫଳ ହୋଇଥିବା ଲୋକମାନେ ଅଭିଯୋଗ କରିଛନ୍ତି । ଅନୁରୂପ ଭାବେ ଚମ୍ପୁଆ ରେଞ୍ଜରେ ହାତୀପଲ ପାଂଚ ଜଣ ଚାଷୀଙ୍କର ଘର ଭାଙ୍ଗିବା ସହ ଧାନ ଖଳାରୁ ଶହ ଶହ ଧାନ ବିଡା ଖାଇବା ସହ ନଷ୍ଟ କରି ପକାଇଛନ୍ତି । କେନ୍ଦୁଝର ଜିଲ୍ଲାର ଚମ୍ପୁଆ ରେଞ୍ଜ ରେ ଗତ ବହୁ ଦିନ ଧରି ହାତୀ ଉପଦ୍ରବ ଲାଗି ରହିଛି । ଗତକାଲି ଶୁକ୍ରବାର ଦିନ ବିଳମ୍ବିତ ରାତ୍ରୀରେ ହାତୀପଲ ଅସନପାଟ ଗ୍ରାମରେ ପଶି ଆସିଥିବା ବେଳେ ଚାଷୀ ମାନଙ୍କର ଖଳାରୁ ଶହ ଶହ ଧନ ବିଡା ଖାଇବା ସହ ନଷ୍ଟ କରି ପକାଇଛନ୍ତି । ଏବଂ ସିରିକୁଆଁ ଗ୍ରାମରେ ପଶି ୫ ଜଣ ଚାଷୀଙ୍କର ର ଘର ଭାଙ୍ଗି ଧାନ ଚାଉଳ ଖାଇ ନଷ୍ଟ କରି ପକାଇଛନ୍ତି । ସିରିକୁଆଁ ଗ୍ରାମର ଦୈତାରୀ ମହାନ୍ତ, ବନମାଳୀ ମହାନ୍ତ , ରାସ ମହାନ୍ତ, ଦାମଦର ମହାନ୍ତ, ଶତ୍ରୁଘ୍ନ ମହାନ୍ତ ଙ୍କ ଘର ଭାଙ୍ଗିବା ସହ ପନି ପରିବା ଚାଷ ସବୁ ନଷ୍ଟ କରି ପକାଇଛନ୍ତି । ଏହି ହାତୀପଲରେ ୨୨ ଟି ହାତୀ ରହିଥିବା ବନ ବିଭାଗ ସୂତ୍ରରୁ ସୂଚନା ମିଳିଥିବା ବେଳେ ଏବେ ହାତୀପଲ ଜାଲି ଜଙ୍ଗଲରେ ଡେରା ପକାଇଛନ୍ତି । ଗ୍ରାମ ନିକଟରେ ବଣୁଆ ହାତୀପଲ ଡେରା ପକାଇଥିବାରୁ ଅଂଚଳବାସୀ ଭୟଭୀତ ଅବସ୍ଥାରେ ରହିଛନ୍ତି । ହାତୀପଲଙ୍କୁ ତୁରନ୍ତ ସଂପୃକ୍ତ ଅଂଚଳରୁ ଘଉଡାଇ ଦେବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବୀ ହୋଇଛି । କେନ୍ଦୁଝର ଜିଲ୍ଲାରେ ପ୍ରାୟତଃ ଅଧିକାଂଶ ସମୟରେ କେତେବେଳେ ଦଳବଦ୍ଧ ହାତୀପଲ ତ କେତେବେଳେ ଗୋଠ ଖଣ୍ଡଆ ଦନ୍ତାହାତୀର ଉପଦ୍ରବ ଲାଗି ରହିଥିଲେ ମଧ୍ୟ ଏମାନଙ୍କ ଉପଦ୍ରବରୁ ଲୋକଙ୍କୁ ସ୍ଥାୟୀ ସୁରକ୍ଷା ଦେବାରେ ଜିଲ୍ଲା ବନ ବିଭାଗ କର୍ତୃପକ୍ଷ ବିଫଳ ହେଉଥିବା ବାରମ୍ବାର ପ୍ରମାଣିତ ହେବାରେ ଲାଗିଛି । ରାଜ୍ୟ ସରକାର ଏ ଦିଗରେ ଗୁରୁତର ବିଚାର କରି ବ୍ୟବସ୍ଥା ଗ୍ରହଣ କରିବା ଆବଶ୍ୟକ ହୋଇ ପଡିଛି ।। ଏବଂ ହାତୀଙ୍କ ସହ ସାଧାରଣ ଲୋକଙ୍କର ଧନ ଜୀବନ ସୁରକ୍ଷା ନିମନ୍ତେ ହାତୀ କରିଡର ସହ ଟ୍ରେଂଚ ଆଦି ନିର୍ମାଣର ବ୍ୟବସ୍ଥା କରାଯିବା ଏବଂ ଓ୍ୱାଚ ଟାଓ୍ୱାର ଉପରେ ନିୟମିତ ହାତୀଙ୍କର ଗତିବିଧି ଉପରେ ନଜର ରଖାଯିବାର ଆବଶ୍ୟକତା କୁ ଏଡାଇ ଦିଆ ନ ଯିବା ସପକ୍ଷରେ ମତ ପ୍ରକାଶ ପାଇଛି ।

## ତିନିମୁହାଣିରେ ହେଲମେଟ ଚେକିଂ ଓ ଜୋରିମାନା ଆଦାୟ

କେନ୍ଦ୍ରାପଡା,୧୨ ଡିସେମ୍ବର (ହି.ସ.)-ସଡକ ସୁରକ୍ଷା ଆଇନ କାର୍ଯ୍ୟକାରିତା ରେ କିଛିଦିନ କୋହଳ ହେବାପରେ ପୁନଃର୍ବାର ଏହାକୁ ଲାଗୁ କରାଯାଇ ଦୁଇଚକିଆ ଯାନ ଚାଳକ ମାନଙ୍କ ହେଲମେଟ ଚେକିଂ କରାଯାଇଛି । କେନ୍ଦ୍ରାପଡା ଟାଉନ ଥାନା ପକ୍ଷରୁ ସହର ର ତିନିମୁହାଣୀ ଛକଠାରେ ଶନିବାର ପୂର୍ବାହ୍ନରେ ହେଲମେଟ ଚେକିଂ କରାଯାଇ ଥିଲା । ସହରର ମୁଖ୍ୟ ପ୍ରବେଶପଥ ତଥା ପ୍ଟାମୁଣ୍ଡାଇ ରାଜନଗର, ଆଳି, ରାଜକନିକା ପ୍ରଭୃତି ଅଂଚଳ ପାଇଁ ଏହା ପ୍ରମୁଖ ରାସ୍ତା ହୋଇଥିବାରୁ ଏହି ଛକରେ ଟାଉନ ଥାନା ଇନିସପେକ୍ଟର ଏସ ଲାକରା ଓ ଏସ ଆଇ ସୌମ୍ୟ ରଞ୍ଜନ ଜାଲିଙ୍କ ସମେତ ଅନ୍ୟ ପୋଲିସ କର୍ମଚାରୀ ମାନେ ହେଲେମେଟ ଚେକିଂ କରି ପ୍ରାୟ ୫ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ଜୋରିମାନା ଆଦାୟ କରିଥିବା ଜଣାପଡିଛି ।

## ଜଗତସିଂହପୁର ଜିଲ୍ଲାରେ ୭ ନୂଆ କରୋନା ପଜିଟିଭ୍ ଚିହ୍ନଟ

ଜଗତସିଂହପୁର,୧୩।୧୨ (ନି.ପ୍ର): ଜଗତସିଂହପୁର ଜିଲ୍ଲାରେ ଆଜି ଆଉ ୭ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ଏହାକୁ ମିଶାଇ ଜିଲ୍ଲାରେ ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୮୯୭୬ କୁ ବୃଦ୍ଧି ପାଇଛି । ଅଦ୍ୟାବଧି ୧୫୪ ଆକ୍ରାନ୍ତ ସୁସ୍ଥ ହେଲେଣି । ଜିଲ୍ଲାରେ କରୋନାଜନିତ ସକ୍ରିୟ ମାମଲା ୧୨୦ ରହିଛି । ନୂଆ ଚିହ୍ନଟ ଏହି ୭ ଆକ୍ରାନ୍ତଙ୍କ ମଧରେ ବାଲିକୁଦା ବ୍ଲକରୁ ୨ ଜଣ , ବିରିଡ଼ି ବ୍ଲକରୁ ୩ ଜଣ , ଏରସମା ବ୍ଲକରୁ ୧ ଜଣ,ନାଉଗାଁ ବ୍ଲକରୁ କେହି ନାହାନ୍ତି , ତିର୍ତୋଲ ବ୍ଲକ ରୁ କେହି ନାହାନ୍ତି, ରଘୁନାଥପୁର ବ୍ଲକରୁ କେହି ନାହାନ୍ତି , ଜଗତସିଂହପୁର ପୌରାଞ୍ଚଳ ରୁ କେହି ନାହାନ୍ତି , ଜଗତସିଂହପୁର ରୁ ୧ଜଣ ,ପାରାଦ୍ୱୀପ ପୌରାଂଚଳରୁ କେହି ନାହାନ୍ତି , କୁଜଙ୍ଗ ବ୍ଲକରୁ କେହି ନାହାନ୍ତି , ଅନ୍ୟ ଜିଲ୍ଲାରେ କେହି ନାହାଁନ୍ତି ।ଏହାକୁ ମିଶାଇ ଆଜି ଜିଲ୍ଲାରୁ କରୋନାଜନିତ ମୃତ୍ୟୁ ସଂଖ୍ୟା ୩୪ ।

## ଶିଶୁ ନିଖୋଜ ଘଟଣାରେ ଏସପିଙ୍କୁ ଭେଟିଲା କଂଗ୍ରେସ

କୋରେଇ,୧୩।୧୨ (ନି.ପ୍ର): ରାଜ୍ୟରେ ଶିଶୁ ଅପହରଣ ଓ ହତ୍ୟା ଭଳି ଜଘନ୍ୟ ଘଟଣା ଦିନକୁ ଦିନ ବଢି ଚାଲିଥିବାବେଳେ ରାଜ୍ୟ ପୁଲିସର ନିଷ୍କ୍ରିୟତା ଅପରାଧି ମାନଙ୍କୁ ମନୋବଳକୁ ବଢାଇଦେଇଛି । ଏ ନେଇ ସରକାର ଓ ସରକାରୀ ଦଳର ନେତା ସମ୍ପୃକ୍ତି ଥିବା ଯୋାର୍ଗୁ ପୁଲିସ ତାଙ୍କର ନିର୍ଦ୍ଦେଶାନୁସାରେ କାର୍ଯ୍ୟ କରୁଛି । ଫଳରେ ରାଜ୍ୟରେ ମହିଳା ଓ ଶିଶୁ ମାନେ ସୁରକ୍ଷିତ ନାହାନ୍ତି । ନୟାଗଡ଼ର 'ପରୀ' ହତ୍ୟା ମାମଲା ହେଉ କିମ୍ବା ବିଂଝାରପୁରର 'ପିହୁ' ନିଖୋଜ ଘଟଣା ହେଉ ସବୁଠି ପୁଲିସର କାର୍ଯ୍ୟ ଦକ୍ଷତା ନେଇ ଉଠିଛି ପ୍ରଶ୍ନବାଚୀ । ଏହି ଅଭିଯୋଗ ଆଣିଛି ବିରୋଧି କଂଗ୍ରେସ ଦଳ । ଗତ ଅଗଷ୍ଟ ମାସ ୮ ତାରିଖରେ ଯାଜପୁର ଜିଲ୍ଲା ବିଂଝାରପୁର ଥାନା ମଧୁସୂଦନପୁର ଗ୍ରାମପଂଚାୟତର ଅଙ୍ଗାଳୋ ଗ୍ରାମର ଲକ୍ଷ୍ମଣ ନାୟକ ଓ ମୋନାଲିସାଙ୍କ ଏକ ଦେଢ ବର୍ଷର ଶିଶୁ କନ୍ୟା 'ପିହୁ'ଘର ଆଗରେ ଖେଳୁଥିବା ସମୟରେ ନିଖୋଜ ହୋଇଯାଇଥିଲା । ବହୁତ ଖୋଜା ଖୋଜି ପରେ ନମିଳିବାରୁ ଲକ୍ଷ୍ମଣ ବିଂଝାରପୁର ଥାନାରେ ଏତଲା ଦେଇଥିଲେ । ଏତଲା ପାଇବା ପରେ ପୁଲିସ ଏକ ମାମଲା ୨୨୮/୨୦ ପଂଜିକୃତ କରି ଚୁପ ହୋଇ ବସିଛି । କିନ୍ତୁ ଆସାମୀକୁ ଖୋଜି ବାହାର କରିବା ଲାଗି ତତ୍ପରତା ଦେଖାଉନାହିଁ । ଏ ନେଇ ଶନିବାର ଦିନ ରାଜ୍ୟ ମହିଳା କଂଗ୍ରେସ ସଭାପତି ଶ୍ରୀମତୀ ବନ୍ଦିତା ପରିଡ଼ାଙ୍କ ନେତୃତ୍ୱରେ,ଯାଜପୁର ଜିଲ୍ଲା କଂଗ୍ରେସ ସଭାପତି ମନୋଜ ରାଉତ, କାର୍ଯ୍ୟକାରୀ ସଭାପତି ବିଷ୍ଣୁ ଚରଣ ରାଉତ, ବରୀ ବିଧାୟକ ପ୍ରାର୍ଥୀ ଉମେଶ ଜେନା, ବିଂଝାରପୁର ବିଧାୟକ ପ୍ରାର୍ଥୀ ମନୋରଂଜନ ଦାସ, ଦଳିତ ସେଲ ଜିଲ୍ଲା ସଭାପତି ଦୁର୍ଯ୍ୟୋଧନ ବେହେରା, ଓବିସି ସେଲ ରାଜ୍ୟ ଉପସଭାପତି ପ୍ରଶାନ୍ତ କୁମାର ସାହୁ ଓ ରାହାସ ବିହାରୀ ଦାସ ପ୍ରମୁଖ ଏସପିଙ୍କୁ କାର୍ଯ୍ୟାଳୟରେ ଭେଟି ପିହୁ ନିଖୋଜ ଘଟଣାରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ।

## ମୁଖ୍ୟ ଚିକିତ୍ସାଳୟ ଉନ୍ନତିକରଣ କାର୍ଯ୍ୟ ତନଖି କଲେ ନିର୍ବାହୀ ଯନ୍ତ୍ରୀ

କେନ୍ଦ୍ରାପଡା,୧୩।୧୨ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ନବୀକରଣ ଓ ମରାମତି କାର୍ଯ୍ୟ ଆରମ୍ଭ କରାଯାଇଛି । ମେଡିକାଲ ପରିସର କୁ ସମତଳ କରି ଟାଇଲ ବିଛାଇବା କାର୍ଯ୍ୟ ପୁର୍ତ ବିଭାଗ ପକ୍ଷରୁ ଟେଣ୍ଡର କରାଯାଇ କାମ ଆରମଯବ ହୋଇଥିବା ବେଳେ ଏହାର ମାନ ଓ ଏହାର ଗୁଣାତ୍ମକ ମାନ ରକ୍ଷାକରି କାମ ଠିକ୍ ଭାବରେ କରାଯାଉଛି କି ନାହିଁ ବିଭାଗ ତରଫରୁ ତନଖି କରାଯାଇଛି । ଏହି ଟାଇଲ ବିଛାକାମ ଠିକ୍ ଭାବରେ କରାଯାଉ ନଥିବା ଅଭିଯୋଗ ପାଇବା ପରେ ଶନିବାର ପୁର୍ତ ବିଭାଗର ନିର୍ବାହୀ ଯନ୍ତ୍ରୀ ପ୍ରଦିପ କୁମାର ମହାନ୍ତି ଓ ସହକାରୀ ଯନ୍ତ୍ରୀ ବିଜୟାନନ୍ଦ ଦାସ, ଜେଇଇ ପ୍ରସନ୍ନ ଦାସ ପ୍ରମୁଖ ମେଡିକାଲକୁ ଯାଇ ଏ ସମ୍ବନ୍ଧରେ ତଦାରଖ କରିବା ସହ ଚୁକ୍ତି ଅନୁଯାଇ କାମ କରିବା ପାଇଁ ଠିକାଦାର କୁ ଡାକି ତାଗିଦା କରିଥିଲେ ।

## ଗୁଣ୍ଡିଚାଘାଗୀ ଜଳପ୍ରପାତ ଖାଁ ଖାଁ : ଦେଖିବାକୁ ମିଳୁନାହାଁନ୍ତି ପର୍ଯ୍ୟଟକ

କନ୍ଦୁଝର,୧୩।୧୨ (ନି.ପ୍ର): କେନ୍ଦୁଝର ଜିଲ୍ଲା ର ପ୍ରମୁଖ ପର୍ଯ୍ୟଟନ ସ୍ଥଳ ମଧ୍ୟରୁ ଗୁଣ୍ଡିଚାଘାଗୀ ଜଳପ୍ରପାତ ଅନ୍ୟତମ ଅଟେ । ଜିଲ୍ଲାର ଘଟଗାଁ ବ୍ଲକ ଅନ୍ତର୍ଗତ ବଣଚକୁଳିଆ ଗ୍ରାମ ନିକଟରେ ରହିଛି ଏହି ଗୁଣ୍ଡିଚାଘାଗୀ ଜଳପ୍ରପାତ । ମା ତାରିଣୀଙ୍କ ମନ୍ଦିର ଠାରୁ ମାତ୍ର ୧୨ କିମି ଦୂରରେ ଏହି ଗୁଣ୍ଡିଚାଘାଗୀ ଜଳପ୍ରପାତ ରହିଥିବା ବେଳେ ଏହାର ପ୍ରାକୃତିକ ସୌନ୍ଦର୍ଯ୍ୟ ଭରା ଜଳପ୍ରପାତର ମନୋରମ ଦୃଶ୍ୟକୁ ଉପଭୋଗ କରିବା ପାଇଁ ବର୍ଷସାରା ପର୍ଯ୍ୟଟକଙ୍କୁ ଆକୃଷ୍ଟ କରି ଆସିଥାଏ । ଏବଂ ବିଶେଷ ଭାବେ ପର୍ଯ୍ୟଟନ ଋତୁରେ ଏଠାରେ ପ୍ରବଳ ଭିଡ ହୋଇଥାଏ । ମାତ୍ର ଚଳିତ ବର୍ଷ ସାରା ବିଶ୍ୱର ପର୍ଯ୍ୟଟନ ସ୍ଥଳୀ କରୋନା ଭୟର କାରଣରୁ ଶିଥିଳ ହୋଇପଡିଥିବା ବେଳେ ଏହି ଜଳପ୍ରପାତ ସତେ ଯେମିତି ନିଜେ କରୋନାରେ ଆକ୍ରାନ୍ତ ହୋଇପଡିଛି । ବଣପାହାଡ ଦେଇ ପଥର ଶଯ୍ୟାରେ ବୋହି ଆସୁଥିବା ମୂଷଳ ନଦୀ ଏହି ଠାରେ ଖସି ପ୍ରାୟ ୫୦ ଫୁଟ ତଳକୁ ଖସି ସୃଷ୍ଟି କରିଛି ପ୍ରକୃତିର ମନୋରମ ଦୃଶ୍ୟ । ଗୁଣ୍ଡୁଚି ମୂଷାର ପିଠି ସଦୃଶ୍ୟ ପଥର ଶର୍ଯ୍ୟାରୁ ୩ ଧାରରେ ଶୁଭ୍ର ରଙ୍ଗର ଜଳ ଖସୁଥିବା କାରଣରୁ ଏହି ଜଳ ପ୍ରପାତକୁ ଗୁଣ୍ଡିଚାଘାଗୀ ଜଳ ପ୍ରପାତ ନାମରେ ନାମିତ କରାଯାଇଛି । ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୁର୍ଣ୍ଣ ଏହି ଜଳ ପ୍ରପାତ ପରିବେଶ ଟିକୁ ଯେ କେହିବି ଦେଖିବ କ୍ଷଣି ପାଇଁ ବି ସ୍ତବ୍ଧହୋଇ ରହିଯିବ। ସବୁଜ ବନାନୀ ମଧ୍ୟରେ ଜଳ ପ୍ରପାତ ନିକଟରେ ପ୍ରକୃତିର ଅପୂର୍ବ ସୌନ୍ଦର୍ଯ୍ୟର ଭଣ୍ଡାରକୁ ଉପଭୋଗ କରିବା ସହ ବଣ ଭୋଜିର ମଜା ନେବା ପାଇଁ ଏଠାରେ ପ୍ରାୟତଃ ବର୍ଷ ତମାମ ପର୍ଯ୍ୟଟକଙ୍କ ଭିଡ ଲାଗି ରହିଥାଏ। ଏହି ପର୍ଯ୍ୟଟନ ସ୍ଥଳୀର ବିକାଶ ପାଇଁ ୨୦୦୪ ମସିହାରେ ଏଠାରେ ପ୍ରଥମେ କେନ୍ଦୁଝର ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷ୍ୟରୁ ଏକ ପକ୍କା ରାସ୍ତାର ନିର୍ମାଣ କରାଯାଇଥିଲା। ଏହା ପରଠାରୁ ଜଳପ୍ରପାତ ନିକଟରେ ପାହାଚ ସଙ୍ଗକୁ ସୁରକ୍ଷା ବାଡ, ବଣ ଭୋଜି ପାଇଁ ପିଣ୍ଡି, ପାନୀୟ ଜଳ ଆଦିର ବ୍ୟବସ୍ଥା ପର୍ଯ୍ୟଟକଙ୍କୁ ସୁବିଧା ଯୋଗାଇବା ପାଇଁ ବେଶ ସହାୟକ ହୋଇଛି।ଏଥିସହ ଏହି ଜଳପ୍ରପାତ ରାଜ୍ୟ ପର୍ଯ୍ୟଟନ ମାନ ଚିତ୍ରରେ ସ୍ଥାନ ପାଇବା ପରେ ଏଠାରେ ନୂତନ କରି ନିର୍ମାଣ ହୋଇଥିବା ଓ୍ୱାଚ ଟାଓ୍ୱାର ଏବଂ ବେଲି ବ୍ରିଜ ଉପରୁ ଜଳ ପ୍ରପାତର ସୌନ୍ଦର୍ଯ୍ୟ ଉପଭୋଗ କରିବାର ମଜା ଅବଶ୍ୟ ନିଆରା। ବର୍ଷ ତମାମ ମା ତାରିଣୀଙ୍କ ମନ୍ଦିର କୁ ଆସୁଥିବା ଭକ୍ତ ଙ୍କ ସହ ବଣ ଭୋଜି ପାଇଁ ଏଠାରେ ପର୍ଯ୍ୟଟକଙ୍କ ଭିଡ ପ୍ରାୟତଃ ଲାଗରହିଥାଏ। କିନ୍ତୁ ଚଳିତ ବର୍ଷ କରୋନା ମହାମାରୀ କାରଣରୁ ଏଠାରେ ପର୍ଯ୍ୟଟକଙ୍କ ସେହି ଭିଡ ଆଉ ଦେଖିବାକୁ ମିଳୁନାହିଁ। ପର୍ଯ୍ୟଟକଙ୍କ ଗହଳି ଏଠିକାର ଆଦିବାସୀ ପ୍ରଜା ମାନଙ୍କୁ ରୋଜାଗାର ମଧ୍ୟ ଯୋଗାଇ ଆସୁଥିଲା ।ବିଭିନ୍ନ ପ୍ରକାରର ଦୋକାନର ପସରା ଖୋଲି ଦୁଇ ପଇସା ରୋଜଗାର କରୁଥିବା ଏଠାକାର ଆଦିବାସୀ ଏବେ ଏକପ୍ରକାର ବେରୋଜଗାର । କରୋନା ମହାମାରୀ ଏହି ପର୍ଯ୍ୟଟନ ସ୍ଥଳୀ କୁ ପ୍ରଭାବିତ କରିଥିବା ବେଳେ କେବେ କରୋନା ମହାମାରୀ ଦୂର ହେବ ଓ ପ୍ରକୃତି କୋଳରେ ପର୍ଯ୍ୟଟକଙ୍କ ସମାଗମ ହେବ ତାକୁ ହିଁ ସମସ୍ତଙ୍କର ଅପେକ୍ଷା। ଅବଶ୍ୟ କରୋନା ଦ୍ୱାରା କେବଳ ଯେ ଗୁଣ୍ଡିଚାଘାଗୀ ପ୍ରଭାବିତ ହୋଇଛି ତା ନୁହେଁ ଜିଲ୍ଲାର ଅନ୍ୟାନ୍ୟ ସମସ୍ତ ପର୍ଯ୍ୟଟନସ୍ଥଳୀ ପ୍ରାୟତଃ ଅନୁରୂପ ଭାବେ ପ୍ରଭାବିତ ହୋଇଛି। ପର୍ଯ୍ୟଟକ ମାନଙ୍କ ସୁରକ୍ଷା ଦୃଷ୍ଟିରୁ ଜିଲ୍ଲା ପ୍ରଶାସନ ମଧ୍ୟ ଏ ଦିଗରେ ଅଧିକ ସତର୍କତା ବଜାୟ ରଖିଛି।

## ଅମୃତଭଣ୍ଡାର ଉପକାରିତା



ଅମୃତ ଭଣ୍ଡାରେ ଅନେକ ପ୍ରକାରର ଭିଟାମିନ ସହିତ ରୋଗପ୍ରତିରୋଧକ ଶକ୍ତି ମଧ ରହିଛି । ପାଚିଲା ଅମୃତଭଣ୍ଡା ସାଙ୍ଗରେ ବତୁରା ହୋଇଥିବା କିସମିସ ଏବଂ ମହୁ ମିଶାଇ ପ୍ରତିଦିନ ସକାଳୁ ଖାଇଲେ ଯକୃତ କ୍ରିୟା ଠିକ୍ ହୋଇଥାଏ । ମୁହଁରେ କଳାଦାଗ ହେଲେ କିଛି ଦିନ ନିୟମିତ, ପାଚିଲା ଅମୃତଭଣ୍ଡାକୁ ମୁହଁରେ ଲଗାଇ କିଛି ସମୟ ପରେ ଧୋଇଲେ କଳାଦାଗ ନିଶ୍ଚିହ୍ନ ହୋଇଯାଏ ଓ ତ୍ୱଚାର ଉଜ୍ଜ୍ୱଳତା ବୃଦ୍ଧିପାଏ ।

ପାଚିଲା ଅମୃତଭଣ୍ଡାରେ କିସମିସ୍, କ୍ଷୀର ଏବଂ ଚିନି ମିଶାଇ ଖାଇଲେ ମଳ ପରିଷ୍କାର ହୁଏ । କେବଳ ପାଚିଲା ଅମୃତଭର୍ଡା ନିୟମିତ ଖାଇଲେ କୋଷ୍ଠବଦ୍ଧତା ରୋଗରଉପକାର ମିଳେ ।

ପ୍ରତିଦିନ କଞ୍ଚା ଅମୃତଭଣ୍ଡା ଚୋବାଇ ଖାଇଲେ ଅର୍ଶ ରୋଘୀ ଖୁବ୍ ବେଶୀ ଉପକାର ପାଇପାରିବେ ।

ସ୍ତ୍ରୀମାନଙ୍କର କ୍ଷୀର ନ ହେଉଥିଲେ ଅମୃତଭଣ୍ଡା ତରକାରୀ ବିଶେଷ ଉପକାରୀ ହୋଇଥାଏ ।

## ଚିଆ ବୀଜ ବଢ଼ାଏ ଯୌନାକାଂକ୍ଷା



ଚିଆ ବୀଜ ଓମଏଗା-୩ର ମୁଖ୍ୟ ସ୍ରୋତ । ଏଥିରେ ଆବଶ୍ୟକ ପରିମାଣର ଫ୍ୟାଟି ଏସିଡ୍ ମଧ ରହିଛି, ଯାହା ଶରୀରରେ ଉତ୍ପାଦିତ ହୋଇପାରେନା । ତେଣୁ ସୁସ୍ଥ ଶରୀର ପାଇଁ ଏହାକୁ ଖାଦ୍ୟ ଭାବରେ ଗ୍ରହଣ କରାଯାଇଥାଏ । ଫ୍ୟାଟି ଏସିଡର ଅଭାବ ଫଳରେ ମସ୍ତିଷ୍କର ସ୍ୱାସ୍ଥ୍ୟବସ୍ଥା ଖରାପ ହେବା ସହ ଅବସାଦର ସମ୍ଭାବନା ବଢ଼ିଥାଏ । ଯାହା ଯୌନାକାଂକ୍ଷା କମିବାର ପ୍ରମୁଖ କାରଣ । ତେଣୁ ଯେଉଁମାନଙ୍କର ଏହି ସମସ୍ୟା ଦେଖା ଦେଉଥାଏ । ସେମାନେ ଚିଆ ବୀଜକୁ ନିୟମିତ ସାଲାଡରେ ମିଶାଇ ଖାଇବା ଦ୍ୱାରା ଶରୀର ଆବଶ୍ୟକ କରୁଥିବା ଫ୍ୟାଟି ଏସିଡ୍ ଓ ଲୁକାୟିତ ଯୌନଇଚ୍ଛା ଜାଗ୍ରତ ହୋଇଥାଏ । ୩ବଡ଼ ଚାମଚ ପାଣିରେ ଏକ ଚାମଚ ଚିଆ ବୀଜ ମିଶାନ୍ତୁ । ଏହାକୁ ୧୫ମିନିଟ ଯାଏ ରଖି ଦିଅନ୍ତୁ । ପରେ ଏହାକୁ ସାଲାଡରେ ମିଶାଇ ଖାଆନ୍ତୁ । ଚିଆ ବୀଜରେ ଆବଶ୍ୟକ ଅନୁପାତର ପ୍ରୋଟିନ ଓ ଫାଇବର ରହିଥାଏ ।

## ମୋଟାପଣ ପାଇଁ ଦାୟୀ ଜିନ୍ ଚିହ୍ନଟ

ବର୍ତ୍ତମାନ ମୋଟାପଣକୁ ନେଇ ବିଶ୍ୱର ଅଧିକାଂଶ ଲୋକ ଚିନ୍ତିତ । ଏ ପର୍ଯ୍ୟନ୍ତ ଏହାର ଅନେକ କାରଣ ଉପରେ ଅନୁମାନ ଲଗାଯାଇସାରିଛି । କିନ୍ତୁ ନିକଟରେ ଆମେରିକାରେ ହୋଇଥିବା ଏକ ଗବେଷଣାରୁ ଏଭଳି ଏକ ଜିନର ଚିହ୍ନଟ କରାଯାଇଛି, ଯାହା ମୋଟାପଣ ପାଇଁ ଦାୟୀ ବୋଲି ବୈଜ୍ଞାନିକମାନେ ପ୍ରକାଶ କରିଛନ୍ତି । ଭିନ୍ନ ଭିନ୍ନ ପ୍ରାଣୀଙ୍କ ଉପରେ କରାଯାଇଥିବା ଗବେଷଣା ପରେ ଆମେରିକାର ନର୍ଥ କ୍ୟାରୋଲିନା ୟୁନିଭର୍ସିଟିର ବୈଜ୍ଞାନିକମାନେ ଏକ ଜିନର ସନ୍ଧାନ କରିଛନ୍ତି; ଯାହା ମନୁଷ୍ୟ ଶରୀରର ଆକାର, ଆକୃତି, ଉଚ୍ଚତା ଏବଂ ମୋଟାପଣକୁ ପ୍ରଭାବିତ କରିଥାଏ । ଗବେଷଣାରୁ ମିଳଇଥିବା ନିଷ୍କର୍ଷରୁ ଏହା ଜାଣିବାରେ ସହଜ ହୋଇଛି ଯେ, ମୋଟାପଣକୁ କିଭଳି ପ୍ରକାରେ ଏହାସ୍ଥିର କରିନିଏ । ଅର୍ଥାତ୍ କେଉଁ ମଣିଷ କିଭଳି ମୋଟା ହେବ । ଜର୍ଣ୍ଣାଲ ନେଚର ଜେନେଟିକ୍ସରେ ପ୍ରକାଶିତ ଗବେଷଣାରେ, ବୈଜ୍ଞାନିକମାନେ କ୍ରୋମୋଜୋମରେ ୨୪ କୋଡ଼ିଂ ଜିନର ସନ୍ଧାନ ପାଇଥିଲେ । ତନ୍ମଧ୍ୟରୁ ୧୫ଟି ସାମାନ୍ୟ ଥିବାବେଳେ ଅନ୍ୟ ୯ଟି ଥିଲା ଦୁର୍ଲଭ । ଏହା ଅଣ୍ଟା ଏବଂ ଜଙ୍ଘର ଆକାର ଅନୁପାତକୁ ପୂର୍ବନିର୍ଦ୍ଧାରିତ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରେ । ଯେଉଁ ଲୋକଙ୍କ ଅଣ୍ଟା ଏବଂ ଜଙ୍ଘ ଅଧିକ ମୋଟାଥାଏ, ସେମାନଙ୍କ ମଧ୍ୟରେ ମୋଟାପଣ ସହ ଜଡ଼ିତ ରୋଗ ଅଧିକ ଥିବା ଦେଖାଯାଏ ଏବଂ ଏହି ୯ଦୁର୍ଲଭ ଜିନ୍ ଥିବା ଜଣାଯାଏ ବୋଲି ବୈଜ୍ଞାନିକମାନେ ପ୍ରକାଶ କରିଛନ୍ତି ।

## ଶିଶୁଙ୍କ ପାଇଁ ହିତକାରୀ ଚାରୁମଗଜ



ଛୋଟ ପିଲାଙ୍କ ପାଇଁ ଚାରୁମଗଜ ଖାଇବା ହିତକର ହୋଇଥାଏ । ଥଣ୍ଡାଦିନେ ଚାରୁମଗଜ ଖାଇବା ଦ୍ୱାର ପିଲାଙ୍କ ଶରୀରରେ ଶକ୍ତି କ୍ଷରଣ ହୋଇଥାଏ । ଚାରୁମଗଜରେ ପୋଷକତତ୍ୱ ଯେପରିକି ପ୍ରୋଟିନ୍, କ୍ୟାଲସିୟମ, ବି କମ୍ପଲେକ୍ସ ଓ ଆଣ୍ଟି ଅକ୍ସିଡାଇଜ୍ ଆଦି ରହିଥାଏ । ଯଦି ପିଲାମାନେ ଚାରୁମଗଜ ଖାଇବାକୁ ଭଲ ପାଉଛନ୍ତି ତ ସ୍ନାକ୍ସରେ ପକାଇ ଦେବା ଉଚିତ୍ ।

### ଚାରୁମଗଜର ଉପକାରିତା

***ଶକ୍ତିରେ ଭରପୂର***

ଏଥିରେ ପ୍ରଚୁର ପରିମରଣର ପୋଷକ ତତ୍ତ୍ୱ ରହିଛି ଯାହା ଶରୀରରେ ଅଧିକ ମାତ୍ରାରେ କ୍ୟାଲେରୀ ଯୋଗାଇଥାଏ । ୧୦୦ ଗ୍ରାମ୍ ଚାରୁମଗଜରେ ପାଖାପାଖି ୫୭୩ କ୍ୟାଲେରୀ ରହିଥାଏ । ତେଣୁ ଶିଶୁଙ୍କ ଖାଦ୍ୟରେ ଏହାକୁ ସାମିଲ କରିବା ଆବଶ୍ୟକ ।

***ମାନସିକ ଚିନ୍ତା ଦୂର କରେ***

ଚାରୁମଗଜ ଦ୍ୱାରା ଦୁଶ୍ଚିନ୍ତାରୁ ମୁକ୍ତି ମିଳିଥାଏ । ମାନସିକ ଦୁର୍ବଳତା ହ୍ରାସ ପାଏ । ଚାରୁମଗଜକୁ ବୁଦ୍ଧିବର୍ଦ୍ଧକ କୁହାଯାଏ । ଚାରୁମଗଜରେ ପ୍ରୋଟିନ୍, କ୍ୟାଲସିୟମ ଓ ବି କମ୍ପଲେକ୍ସ ପରିମାଣ ପାଇଁ ମାନସିକ ଦୁର୍ବଳତା କମିଯାଏ ।

***ପ୍ରଚୁର ଆଣ୍ଟିଅକ୍ସିଡାଣ୍ଟ***

ଚାରୁମଗଜ ମଞ୍ଜିରେ ଆଣ୍ଟିଅକ୍ସିଡାଣ୍ଟ ରହିଥାଏ । ଫ୍ରି ରେଡିକଲ୍ସ ପ୍ରଚୁର ପରିମାଣର ମେଦ ସୃଷ୍ଟି କରିଥାଏ । ଯାହା ନିକଟତର ଟିସୁ ଓ ସେଲ ଗୁଡ଼ିକୁ କ୍ଷତି ପହଞ୍ଚାଇଥାଏ । ତାକୁ ରୋକିବା ପାଇଁ ଆଣ୍ଟିଅକ୍ସିଡେଣ୍ଟ ଜାତ ଖାଦ୍ୟ ଖାଇବା ଆବଶ୍ୟକ । ଏହା ଫ୍ରି ରେଡିକାଲ୍ସକୁ ନଷ୍ଟ କରି ଶରୀରରେ ମେଦ ନିୟନ୍ତ୍ରଣରେ ଲାଭଦାୟୀ ହୋଇଥାଏ ।

ଇମ୍ୟୁନିଟି ବଢ଼ାଏ - ଚାରୁମଗଜରେ ବହୁ ପରିମାଣର ଭିଟାମିନ୍ ରହିଥାଏ ଯାହା ଶରୀରରେ ଇମ୍ୟୁନିଟି ବଢ଼ାଇବାରେ ସାହାଯ୍ୟ କରେ । ପିଲାଙ୍କ ଶରୀରରେ ଇମ୍ୟୁନିଟି କମ ଥିବା ହେତୁ ସଂକ୍ରମଣ ଓ ରୋଗ ପ୍ରତିରୋଧ ଶକ୍ତି କମ୍ ଥାଏ । ପିଲାବେଳୁ ଯଦି କମ୍ୟୁନିଟି ପ୍ରତି ଧ୍ୟାନ ରଖାଯାଏ ତେବେ ରୋଗରୁ ରକ୍ଷା କରାଯାଇପାରିବ ।

***ଲଘୁ ଶଙ୍କା ସମସ୍ୟା***

ଯଦି ପିଲା ଶେଯରେ ପରିସ୍ରା କରିଦେଉଛି ତେବେ ଏହି ସମସ୍ୟାକୁ ଏଡାଇବା ପାଇଁ ଚାରୁମଗଜ ଦିଅନ୍ତୁ । ଏଥିପାଇଁ କଳା ଚାରୁମଗଜକୁ ଗୁଡ ସହ ମିଶାଇ ଲଡ୍ଡୁ ତିଆରୀ କରି ପିଲାଙ୍କୁ ଖୁଆଇବା ଆବଶ୍ୟକ ।



ଘା'ରୁ ରକ୍ଷା- ଖଣ୍ଡିଆ ଓ ଘା' ରୁ ରକ୍ଷା କପାଇବା ପାଇଁ ଚାରୁମଗଜ ଖଇବା ଉଚିତ୍ । ଚାରୁମଗଜ ଶୀଘ୍ର ଘା' ଭରିବାରେ ସାହାଯ୍ୟ କରେ । ଏଥିରେ ଥିବା ଆଣ୍ଟିବ୍ୟାକ୍ଟେରିଆ ଗୁଣ ଘା' ଓ ଖଣ୍ଡିଆକୁ ଶୀଘ୍ର ଠିକ୍ କରିଦିଏ ।

***ହାଡ଼ ମଜବୁତ୍ କରେ***

ଚାରୁମଗଜରେ ପ୍ରୋଟିନ୍ ସହ ଏମିନୋ ଏସିଡ୍ ରହିଥାଏ । ପିଲାର ବୌଦ୍ଧିକ ବିକାଶ ହେବା ସହ ଶାରୀରିକ ବିକାଶ ମଧ ହୋଇଥାଏ । ଦୈନନ୍ଦିନ ୧୦୦ଗ୍ରାମ୍ ଚାରୁମଗଜ ମଞ୍ଜି ସେବନ କରିବା ଦ୍ୱାରା ୬୦ ମିଲିଗ୍ରାମ କ୍ୟାଲସିୟମ ମିଳିଥାଏ । ଗରମ ଦିନେ ୨୫ ଗ୍ରାମ ଓ ଶୀତ ଦିନେ ୫୦ ଗ୍ରାମ କ୍ୟାଲସିୟମ ଖାଇବା ଦ୍ୱାରା ଶରୀରର ଆବଶ୍ୟକତା ପୂରଣ ହୋଇଥାଏ ।

## ଘର ପାଇଁ ଉପଯୋଗୀ ଗିଜର୍




- ଇଲେକ୍ଟ୍ରିକ୍ ଗିଜର୍: ଏହା ଏକ ସାଧାରଣ ଗିଜର୍ । ପାଣିକୁ ଗରମ କରିବା ପାଇଁ ଏଥିରେ କପର୍ କଏଲ୍ ବ୍ୟବହୃତ ହୋଇଥାଏ । ତୁରନ୍ତ ପାଣିକୁ ଗରମ କରିବାରେ ଏହି ଗିଜର୍ ଭଲଭାବେ କାମ କରେ । ଏହାର ମୂଲ୍ୟ ମଧ ସେତେ ଅଧିକ ନୁହେଁ ।
- ଗ୍ୟାସ୍ ଗିଜର୍: ବଡ଼ ପରିବାର ପାଇଁ ସର୍ବୋତ୍କୃଷ୍ଟ ହେଉଛି ଗ୍ୟାସ ଗିଜର୍ । ସ୍ନାନାଗାର ଏଥିନିମନ୍ତେ ବଡ଼ ହୋଇଥିବା ଆବଶ୍ୟକ, କାରଣ ବାୟୁ ଚଳାଚଳ ଏଇ ଗ୍ୟାସ୍ ଗିଜର୍ ନିମନ୍ତେ ଖୁବ୍ ଜରୁରୀ । ଗ୍ୟାସ୍ ବର୍ଣ୍ଣର ସହାୟତାରେ ଏଥିରେ ପାଣି ଗରମ ହୋଇଥାଏ । ଆକାରରେ ବଡ଼ ଏହି ଗିଜର୍‌ର ପାଣି ଗରମ ତାପମାତ୍ରାକୁ ମଧ ନିୟନ୍ତ୍ରଣ କରିହୋଇଥାଏ ।
- ଟ୍ୟାଙ୍କ୍ ୱାଟର୍ ହିଟର୍: ଏହି ହିଟରରେ ପାଣି ସଂରକ୍ଷିତ ହୋଇରହେ । ତେବେ ଅଧିକ ସମୟ ପାଣି ରହିବା ପରେ ପୁଣି ଥଣ୍ଡା ହୋଇଯାଏ । ଟ୍ୟାଙ୍କ ୱାଟର୍ ହିଟର ଉଭୟ ବିଦ୍ୟୁତ୍ ଚାଳିତ ଓ ଗ୍ୟାସ୍ ଚାଳିତ ।
- ହାଇବ୍ରିଡ୍ ୱାଟର୍ ହିଟର୍: ଅନ୍ୟ ହିଟର୍ ଠାରୁ ୬୦ ପ୍ରତିଶତ କମ୍ ବିଦ୍ୟୁତ୍ ଖର୍ଚ୍ଚ କରୁଥିବା ଏଇ ହିଟର୍‌ର ମୂଲ୍ୟ କିନ୍ତୁ ଅଧିକ । ଏହି ହିଟର୍ ନିରନ୍ତର ଭାବେ ଗରମ ପାଣିର ପ୍ରବାହକୁ ଅବ୍ୟାହତ ରଖେ ।
- ସୋଲାର ୱାଟ୍: ଛୋଟ ପରିବାର ପାଇଁ ଏହା ଏକ ଉତ୍ତମ ବିକଳ୍ପ । ପ୍ରାରମ୍ଭିକ ପର୍ଯ୍ୟାୟରେ ଏଥିପାଇଁ ଅଧିକ ଟଙ୍କା ଖର୍ଚ୍ଚ କରିବାକୁ ପଡ଼େ, ପରେ କିନ୍ତୁ ଏହା ଖୁବ୍ ଉପଯୋଗୀ ହୋଇଥାଏ । ସୋଲାର୍ ଶକ୍ତି ସାହାଯ୍ୟରେ ଚାଲୁଥିବା ଏହି ହିଟର୍ ବିଦେଶୀ ରାଷ୍ଟ୍ରରେ ଖୁବ୍ ଲୋକପ୍ରିୟ ।

## ପନିର ତାୱା ମସଲା



**ସାମଗ୍ରୀ:**

ପନିର-୩୦୦ଗ୍ରାମ, ଦହି-୧/୨ କପ୍, ଜିରା-୧/୩ ଚାମଚ, କସୁରୀ ମେଥି-୧/୪ ଚାମଚ, କଟା ପିଆଜ-୨, ଚୂନାଚୂନା କଟା ରସୁଣ-୨ଚାମଚ, ଚୂନାଚୂନା କଟା ଅଦା-୧ଇଞ୍ଚ, କଞ୍ଚା ଲଙ୍କା ପେଷ୍ଟ-୧ ଚାମଚ, ହଳଦୀ ଗୁଣ୍ଡ- ୧/୪ ଚାମଚ, ଲଙ୍କାଗୁଣ୍ଡ-୧/୪ ଚାମଚ, ଧନିଆ ଗୁଣ୍ଡ- ୧ ଚାମଚ, ଗରମ ମସଲା ଗୁଣ୍ଡ-୧/୨ ଚାମଚ, ଟମାଟୋ ପ୍ୟୁରି-୧/୨ କପ୍, କ୍ରିମ୍ -୧ ଚାମଚ, ଲେମ୍ବୁ ରସ-୨ ଚାମଚ, ତେଲ ଏବଂ ଲୁଣ ଆବଶ୍ୟକ ଅନୁସାରେ ।

**ପ୍ରସ୍ତୁତ ପ୍ରଣାଳୀ:**

ପ୍ରଥମେ ଏକ ପାତ୍ରରେ ଦହି, ସାମାନ୍ୟ ହଳଦୀ ଗୁଣ୍ଡ, କଞ୍ଚାଲଙ୍କାପେଷ୍ଟ, ଅଳ୍ପ ଲଙ୍କାଗୁଣ୍ଡ ଏବହ ଅଳ୍ପ କସୁରୀ ମେଥି ପକାଇ ଭଲଭାବେ ଗୋଳାନ୍ତୁ । ଏବେ ସେଥିରେ ପନିର ଟୁକୁଡ଼ା ପକାଇ ୧୫-୨୦ ମିନିଟ ପାଇଁ ମ୍ୟାରିନେଟ୍ ହେବାକୁ ଛାଡ଼ିଦିଅନ୍ତୁ । ଏଥର ପ୍ୟାନରେ ତେଲ ଗରମ କରି ସେଥିରେ ପନିର ଟୁକୁଡ଼ାକୁ ହାଲକାଫ୍ରାଏ କରନ୍ତୁ । ଫ୍ରାଏ ହେବା ପରେ ପନିରକୁ ଅଲଗା ପାତ୍ରରେ କାଢ଼ି ରଖିଦିଅନ୍ତୁ । ଏବେ ଆଉ ଟିକିଏ ତେଲ ଦେଇ ଜିରା, ପିଆଜ, ଅଦା ଏବଂ ରସୁଣ ପକାଇ ଭାଜନ୍ତୁ । ପିଆଜ ସାମାନ୍ୟ ଲାଲ ହୋଇ ଆସିଲେ ସେଥିରେ ହଳଦୀ ଗୁଣ୍ଡ, ଧନିଆ ଗୁଣ୍ଡ, କସ୍ତୁରୀ ମେଥି ଏବଂ ଟମାଟୋ ପ୍ୟୁରୀ ପକାଇ କିଛି ସମୟ କଷନ୍ତୁ । ମସଲା ଭଲଭାବେ କଷି ହୋଇଗଲେ ସେଥିରେ ପନିର ଟୁକୁଡ଼ା ପକାଇ ଅଧ କପ ପାଣି ଢ଼ାଳି ୧୦ମିନିଟ ଫୁଟିବାକୁ ଛାଡ଼ନ୍ତୁ । ୧୦ମିନିଟ ପରେ ଗରମ ମସଲା, ତାଜା କ୍ରିମ ଏବଂ ଲେମ୍ବୁ ରସ ପକାଇ ପ୍ଲେଟକୁ କାଢ଼ି ଗରମ ଗରମ ରୁଟି ସହ ପରଷନ୍ତୁ ପନିର ତାୱା ମସଲା ।

## ନିମ୍ନ ରକ୍ତଚାପ ପୀଡ଼ିତ ଶିଶୁର ଯତ୍ନ

ନବଜାତ ଶିଶୁ ଜନ୍ମ ହେବା ପରେ ନିମ୍ନ ରକ୍ତଚାପ ଭଳି ସମସ୍ୟା ଦେଖାଯିବା ସାଧାରଣ କଥା । ସେମାନଙ୍କ ଠାରେ ନିମ୍ନ ରକ୍ତଚାପ ଭଳି ସମସ୍ୟା ଦେଖାଯିବାର ବହୁ କାରଣ ରହିଛି । କିନ୍ତୁ କାରଣ ଗୁଡ଼ିକୁ ଜାଣିବା କଷ୍ଟକର ହୋଇଥିଲେ ମଧ ଏହିପରି ସମସ୍ୟା ଦେଖାଯିବା ବଡ଼କଥା ନୁହେଁ । କିନ୍ତୁ ଶିଶୁମାନଙ୍କ ଏହି ସମସ୍ୟା ଦେଖିଲେ ତାକୁ ଅଣଦେଖା ନକରି କ'ଣ କରିବେ ଆସନ୍ତୁ ଜାଣିବା ।



### ନିମ୍ନ ରକ୍ତଚାପର କାରଣ

ନବଜାତ ଶିଶୁଠାରେ ନିମ୍ନ ରକ୍ତଚାପ ଦେଖାଯିବାର ବହୁ କାରଣ ରହିଛି ଯେପରି ପ୍ରସବ ପୂର୍ବରୁ କିମ୍ବା ପରେ ଅତ୍ୟଧିକ ରକ୍ତ ବୋହିବା ।

କୌଣସି ପ୍ରକାର ସଂକ୍ରମଣ କାରଣରୁ ମଧ ଶିଶୁଙ୍କର ରକ୍ତଚାପ ନିମ୍ନ ହୋଇଥାଏ ।

ମାଆକୁ ପ୍ରସବ ପୂର୍ବରୁ ଦିଆଯାଇଥିବା ମେଡିସିନ କାରଣରୁ ଶିଶୁଠାରେ ଏପରି ସମସ୍ୟା ଦେଖାଯାଏ ।

ପ୍ରସବ ପରେ ଅଧିକ ପରିମାଣ ତରଳ ପଦାର୍ଥ ବୋହିବା ।

ଅଚାନକ ନବଜାତ ଶିଶୁର ମୋହୋଲ ପରିବର୍ତ୍ତନ ହୋଇଥାଏ ତେଣୁ ଏହା ମଧ ମୁଖ୍ୟ କାରଣ ହୋଇପାରେ ।

### ନବଜାତ ଶିଶୁ ଦୁର୍ବଳ ହେବା ଉପଚାର

ଏହି ପରିସ୍ଥିତିରେ ନବଜାତ ଶଶୁକୁ ଇଞ୍ଜେକସନ୍ ମାଧ୍ୟମରେ ତରଳ ପଦାର୍ଥ ଦିଅନ୍ତୁ ।

ରକ୍ତଚାପ ବଢ଼ାଇବା ପାଇଁ ଶିଶୁକୁ ମେସିନ୍ କିମ୍ବା ଏପରି ମାହୋଲରେ ରଖନ୍ତୁ ଯେପରି ଶିଶୁଟିର ରକ୍ତଚାପ ସାଧାରଣ ସ୍ଥିତିକୁ ଆସିପାରିବ ।

କିଛି ସମୟରେ ନବଜାତ ଶିଶୁ ଦୁର୍ବଳ ହେବା କାରଣରୁ ନିମ୍ନ ରକ୍ତଚାପର ସମସ୍ୟା ଦେଖାଦେଇଥାଏ । ଏପରି ସ୍ଥିତିରେ ଶିଶୁଙ୍କୁ ତୁରନ୍ତ ରକ୍ତ ମଧ ଦିଆଯାଇଥାଏ ।

ଶିଶୁକୁ ନିମ୍ନ ରକ୍ତଚାପରୁ ରକ୍ଷା କରିବାକୁ ହେଲେ ଡାକ୍ତରଙ୍କ ପରାମର୍ଶ ତୁରନ୍ତ କରାଇବା ଦରକାର ଯେପରି ଶିଶୁଟିକୁ ଅନ୍ୟ କୌଣସି ସଂକ୍ରମଣ ରୋଗଠାରୁ ଦୂରେଇ ରଖିପାରିବେ ।

### ନବଜାତ ଶିଶୁର ଯତ୍ନ

ନବଜାତ ଶିଶୁର ଶରୀରକୁ ସବୁବେଳେ ଘୋଡ଼ାଇ ରଖିବା ଦରକାର । କାରଣ ଶିଶୁର ଶରୀର ବାହାର ପରିବେଶର ତାପମାତ୍ରା ଅନୁଯାୟୀ ସ୍ୱୟଂ ଘୋଡାଇ ହୋଇପାରେ ନାହିଁ । ନବଜାତ ଶିଶୁକୁ ଯେଉଁଠାରେ ରଖୁଛନ୍ତି ସେଠାକାର ତାପମାତ୍ରା ସାଧାରଣତଃ ୩୭ ଡିଗ୍ରୀରୁ ଅଧିକ ନହୋଇଥିବା ଦରକାର ।

ଶିଶୁଟି କାନ୍ଦିବା ଚିନ୍ତାର କାରଣ ହୋଇନଥାଏ । ତେଣୁ ସାଧାରଣତଃ ଶିଶୁମାନେ ଶେଯରେ ପରିସ୍ରା କରିବା ଦ୍ୱାରା କାନ୍ଦିଥାନ୍ତି । କିନ୍ତୁ ଏହା ଧ୍ୟାନ ରଖିବେ ଯେ ଶିଶୁଟି ଲଗାତାର କାନ୍ଦୁଥିଲେ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ ।

ଛୋଟ ଶିଶୁକୁ ମାଲିସ୍ କରିବା ଦ୍ୱାରା ସେମାନଙ୍କ ହାଡ ମଜଭୂତ ହୋଇଥାଏ । ତେଣୁ ନବଜାତ ଶିଶୁର ମାଲିସ୍ ସମୟରେ ବାଦାମ ତେଲର ବ୍ୟବହାର କରନ୍ତୁ । ଶିଶୁ ଜନ୍ମର ୧୦ଦିନ ପରେ ମାଲିସ୍ କରନ୍ତୁ, ତା ପୂର୍ବରୁ ମାଲିସ୍ କରିବା ଅନୁଚିତ୍ ।

ଶିଶୁ ପାଇଁ ମାଆ କ୍ଷୀର ସର୍ବୋତ୍ତମ ହୋଇଥାଏ । ଏଥିରେ ଥିବା କୋଲେଷ୍ଟ୍ରୋମ ଶିଶୁର ସ୍ୱାସ୍ଥ୍ୟ ପାଇଁ ବହୁ ଜରୁରୀ ହୋଇଥାଏ ଏବଂ ଏହା ଶିଶୁକୁ ଭବିଷ୍ୟତରେ ବହୁ ରୋଗରୁ ମଧ ଦୂରେଇରଖେ । ସେଥିପାଇଁ ଜନ୍ମପରେ ୬ମାସ ଯାଏ ଶିଶୁକୁ ମାଆ କ୍ଷୀର ପିଆଇବା ଦରକାର ।

ଶିଶୁକୁ କିଛି ସମୟ ପାଇଁ ଖରାକୁ ନେବା ପ୍ରକିୟାକୁ ଫୋଟୋଥେରାପି କୁହାଯାଏ । ତେଣୁ ନବଜାତ ଶିଶୁକୁ କିଛି ସମୟ ପାଇଁ କପଡ଼ାରେ ଗୁଡାଇ ଖରାରେ ଦେଖାନ୍ତୁ ଏହାଦ୍ୱାରା ଛୁଆର ହାଡ ମଜଭୂତ ହୋଇଥାଏ ।

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୧୪ ଡିସେମ୍ବର ୨୦୨୦, ସୋମବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଚେତାବନୀ...

କରୋନା ମହାମାରୀରେ ଓଡ଼ିଶାରେ ବିଭିନ୍ନ ବର୍ଗର ବହୁସଂଖ୍ୟକ ଲୋକଙ୍କ ଜୀବିକା ବିପନ୍ନ ହୋଇଛି। ପ୍ରବାସୀ ଶ୍ରମିକ, ଦିନ ମଜୁରିଆ, କ୍ଷୁଦ୍ର ଚାଷୀ, ଖୁଚୁରା ଦୋକାନୀ ଏବଂ ଲଘୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଛନ୍ତି। ସମ୍ପୂର୍ଣ୍ଣ ଦେଶର ଅର୍ଥନୀତି ମଧ୍ୟ ଦୋହଲି ଯାଇଛି। ମହାମାରୀ ପ୍ରଭାବରେ ବ୍ୟବସାୟ, କଳକାରଖାନା, କମ୍ପାନୀ କାର୍ଯ୍ୟାଳୟ ଆଦି ବନ୍ଦ ହୋଇଯିବା ଫଳରେ ଯେଉଁଭଳି ବିଭୀଷିକାର ଚିତ୍ର ଆମେ ସମସ୍ତେ ଦେଖିଲେ ତାହା ଭୁଲିବାର ନୁହେଁ। ଟିଭି, ଇଣ୍ଟରନେଟ ଓ ଖବରକାଗଜ ଆଦି ଗଣମାଧ୍ୟମରେ ହଜାର ହଜାର ସଂଖ୍ୟାରେ କର୍ମସଂସ୍ଥାନ ହରାଇ ପ୍ରଚଣ୍ଡ ଖରାରେ ପାଦରେ ଶହଶହ କିମି ଚାଲିଚାଲି ଗାଁକୁ ଫେରୁଥିବାର କରୁଣ ଦୃଶ୍ୟ ଆମ ସମସ୍ତଙ୍କୁ ଓ ଶାସନ କଳକୁ ବିବ୍ରତ କରୁଥିଲା। ଭୋକ ଉପାସରେ ଓ ପ୍ରବଳ ଗ୍ରୀଷ୍ମ ପ୍ରବାହରେ ଅଧାବାଟରେ ଅନେକ ଘରବାହୁଡ଼ା ଲୋକଙ୍କର କରୁଣ ମୃତ୍ୟୁର ଦୃଶ୍ୟ ମଧ୍ୟ ଦେଖିବାକୁ ମିଳିଥିଲା। ସମସ୍ତଙ୍କ ମନରେ ପ୍ରଶ୍ନ ଆସିବା ସ୍ୱାଭାବିକ ଯେ ହଠାତ୍ ବେରୋଜଗାରର ପାଲଟିଥିବା ଏତେଗୁଡ଼ିଏ କାର୍ଯ୍ୟକ୍ଷମ ଓ କୁଶଳୀ ଶ୍ରମିକଙ୍କର କର୍ମସଂସ୍ଥାନ ହେବ କିପରି ? ଯୁଦ୍ଧକାଳୀନ ଭିତ୍ତିରେ ଜୀବନ ଜୀବିକା ଓ କର୍ମଯୋଗାଣ ନିମନ୍ତେ ରାଜ୍ୟ ସରକାର ଅନେକଗୁଡ଼ିଏ କାର୍ଯ୍ୟକ୍ରମ ଘୋଷଣା କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ୟାଙ୍କ ମାଧ୍ୟମରେ ରିହାତି ଦରରେ ଋଣ ଯୋଗାଣକୁ ଅଗ୍ରାଧିକାର ଦେବାପାଇଁ ମୁଖ୍ୟମନ୍ତ୍ରୀ ସମସ୍ତ ବ୍ୟାଙ୍କର ପ୍ରତିନିଧିମାନଙ୍କୁ ଆହ୍ୱାନ ଜଣାଇଥିଲେ। ସେଥିମଧ୍ୟରୁ କୃଷକମାନଙ୍କୁ ୫୦ହଜାର ଟଙ୍କା ପର୍ଯ୍ୟନ୍ତ ବିନା ସୁଧରରେ ଏବଂ ୨% ସୁଧରେ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଯୋଗାଣ, ମିଶନ ଶକ୍ତି ଅଧୀନରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ବିନା ସୁଧରେ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଯୋଗାଣ, ସୁଧ ରିହାତି ଜରିଆରେ ଏମଏସଏମଇ କ୍ଷେତ୍ରରେ ବିକାଶ ଆଦି ଅନ୍ୟତମ। ଏହି ସବୁ ଯୋଜନାରେ ବ୍ୟାଙ୍କମାନଙ୍କର ଆଶୁ ଋଣ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ଥିଲା। କିନ୍ତୁ ଏବେ ଏ ସମ୍ପର୍କରେ ସମୀକ୍ଷାରୁ ଜଣାପଡ଼ିଲା ଯେ ଧନ୍ଦା ହରାଇଥିବା ବେରୋଜଗାରୀଙ୍କ ପୁନଃସଂସ୍ଥାନ ପାଇଁ ବ୍ୟାଙ୍କମାନଙ୍କ ଭୂମିକା ଆଶାନୁରୂପ ହୋଇନାହିଁ। ଆସନ୍ତା ୨୨ ତାରିଖରେ ମୁଖ୍ୟମନ୍ତ୍ରୀ ଏହାର ଆଶାନୁରୂପ ହୋଇନାହିଁ। ଆସନ୍ତା ୨୨ ତାରିଖରେ ମୁଖ୍ୟମନ୍ତ୍ରୀ ଏହାର ସମୀକ୍ଷା କରିବେ ଏବଂ ବ୍ୟାଙ୍କମାନଙ୍କଠାରୁ ଏ ସମ୍ପର୍କରେ କୈଫିୟତ ତଲବ କରାଯିବ ବୋଲି କୁହାଯାଇଛି। ଏପରିକି ଅବହେଳା କରିଥିବା ବ୍ୟାଙ୍କମାନଙ୍କ ବିରୋଧରେ କେନ୍ଦ୍ର ସରକାରଙ୍କୁ ରିପୋର୍ଟ ପଠାଯିବ ବୋଲି ମଧ୍ୟ ଚେତାବନୀ ଦିଆଯାଇଛି। ଭାରତର ଜନମଙ୍ଗଳ ଭିତ୍ତିକ ରାଷ୍ଟ୍ରନୀତିରେ ବ୍ୟାଙ୍କ ଜାତୀୟକରଣ ପରେ ଦୁର୍ବଳ ଶ୍ରେଣୀ ଲୋକମାନଙ୍କୁ ଆର୍ଥିକ ବିକାଶ ଯୋଜନାରେ ସହଭାଗୀ କରିବାରେ ବ୍ୟାଙ୍କମାନଙ୍କ ପ୍ରମୁଖ ଭୂମିକା ରହିଆସିଛି। ଅଗ୍ରାଧିକାର ଭିତ୍ତିରେ ବ୍ୟାଙ୍କ ଋଣ ପ୍ରଦାନ ଆମ ଅର୍ଥନୀତିର ପରିଚାଳନାରେ ବିଶେଷ ସ୍ଥାନ ନେଇଛି। ତେଣୁ ଦେଶର ଓ ଜମାକାରୀମାନଙ୍କର ବ୍ୟାଙ୍କରେ ଗଚ୍ଛିତ ଅର୍ଥର ଲାଭ ସମାଜର ଦୁର୍ବଳ ଶ୍ରେଣୀଙ୍କୁ ଯେ ପ୍ରଥମେ ମିଳିବା କଥା- ଏଥିରେ ସନ୍ଦେହ ନାହିଁ। ସମ୍ପ୍ରତି ମହାମାରୀ ଓ ଆର୍ଥିକକ ମାନ୍ଦାବସ୍ଥାରେ ବ୍ୟାଙ୍କଗୁଡ଼ିକ ଜନସାଧାରଣଙ୍କ ପାଖରେ ଉତ୍ତରଦାୟୀ ରହିବା ହିଁ ଅତି ଆବଶ୍ୟକ। ବିଶେଷକରି ଓଡ଼ିଶା ଭଳି ଆର୍ଥିକ ଅନୁନ୍ନତ ରାଜ୍ୟରେ ଏହା ଅପରିହାର୍ଯ୍ୟ। ଏଣୁ ମୁଖ୍ୟମନ୍ତ୍ରୀଙ୍କ ଚେତାବନୀ ଯଥାର୍ଥ।


## କବିତା କୋଣାର୍କ

### ବିଚିତ୍ର ମନ୍ଦିର...

**ରାଜେନ୍ଦ୍ର କୁମାର ତ୍ରିପାଠୀ**

ଏଇଟି ମୋର ଗାଁ ମନ୍ଦିର
ପୂଜା ପାଉଛନ୍ତି ଚନ୍ଦ୍ରଶେଖର।
ପାର୍ବତୀଙ୍କ ସଙ୍ଗେ ମହେଶ୍ୱର
ଅବସ୍ଥାନ କରିଛନ୍ତି ଏଠାର।
ପାର୍ଶ୍ୱ ଦେବତାମାନ ଅଛନ୍ତି ଘେରିଣ
ଦକ୍ଷିଣ ପାର୍ଶ୍ୱରେ ବିଜେ ଗଜାନନ।
ମନ୍ଦିର ଉପରେ ତ୍ରିଶୂଳ ସୋହେ
ଗାତ୍ରରେ ତାର ପଥର ମୂର୍ତ୍ତି କଥା କହେ।
କେଉଁ ଶିଳ୍ପୀ ଏହି ମୂର୍ତ୍ତି ଗଢ଼ିଛି
ଜୀବନ୍ତ ପରି ଭ୍ରମ ସୃଷ୍ଟି କରୁଛି।
କାର୍ତ୍ତିକେୟ ବିଜେ ପଶ୍ଚିମ ପାଶ୍ୱେ
ଅପୂର୍ବ ତାଙ୍କ ରୂପକାନ୍ତି ଦିଶେ।
ଉତ୍ତର ଦିଗରେ ବିଜେ ପାର୍ବତୀ
ଆହାକି ସୁନ୍ଦର ତାଙ୍କରି କାନ୍ତି।
ନବଗ୍ରହ ମୂର୍ତ୍ତି ମୁଖ୍ୟ ଦ୍ୱାରାଦେଶରେ
ବିରାଜମାନ କରିଛନ୍ତି ଦ୍ୱାର ଉପରେ।
ମୁଖ୍ୟ ଫାଟକର ଦୁଇ ପାର୍ଶ୍ୱରେ
ଅଛନ୍ତି ଜୟ ବିଜୟ ସେଠାରେ।
ମନ୍ଦିର ଦ୍ୱାର ସମ୍ମୁଖରେ ଶୋହେ
ଗରୁଡ଼ ମୂର୍ତ୍ତି ପଥରର ଦେହେ।
ଗୋପୀନାଥ ସଙ୍ଗେ ଚନ୍ଦ୍ରଶେଖର
ହରିହର ଅବସ୍ଥିତ ଏକତ୍ର।
ବିଚିତ୍ର ମନ୍ଦିର ଆମ ଗ୍ରାମର
ଏକ ସିଂହାସନେ ଦୁଇ ଠାକୁର।
ଗୋପୀନାଥ ମନ୍ଦିର ବୋଲି ବିଖ୍ୟାତ
ପ୍ରତ୍ୟକ୍ଷ ଠାକୁର ବୋଲି ସର୍ବବିଦିତ।
ଦୁଇ ଦିଅଁଙ୍କର ପୂଜାଉତ୍ସବ
ପାଳନ୍ତି ସଭିଁଏ ହୋଇଣ ଏକ।
ପୂଜା ପର୍ବଣେ କାନ୍ଧକୁ କାନ୍ଧ ମିଳାଇ
ଭାଇଚାରାର ଅଭିବୃଦ୍ଧି ହୁଅଇ।
ବାରମାସେ ତେର ଯାତ ହୁଏ ଏଠାର
ଆଧ୍ୟାତ୍ମିକ ପରିବେଶ ଭକ୍ତମାନଙ୍କର।
ସ୍ୱାସ୍ଥ୍ୟ ପାଇଁ ନିହାତି ଦରକାର।
ସ୍ୱାସ୍ଥ୍ୟ କହିଲେ କେବଳ ନୁହେଁ ଶରୀର।
ଏଥିରୁ ଯେ ମାନସିକ ଶାନ୍ତି ପାଏ
ଦୁଃଖ କ୍ଲେଶ ତାର ଲାଘବ ହୁଏ।
ବିଜେ ହୋଇଥିବା ଦିଅଁଙ୍କର
ଯାନି ଯାତରା ହୁଏ ନିରନ୍ତର।
ଯେଉଁ ତିଥିରେ ଯେଉଁ ଉତ୍ସବ ପଡେ
ତା'ପାଳନ୍ତି ସଭିଁଏ ସଂହତି ବଢ଼େ।


+ସହକାରୀ ଶିକ୍ଷକ, ଉତ୍କଳ
ବିଦ୍ୟାପୀଠ ସରକାରୀ ଉଚ୍ଚ
ବିଦ୍ୟାଳୟ, ଲାଠୀ, ଗଂଜାମ
ମୋ: ୮୨୪୯୮୦୧୮୫୪

# ଓଡ଼ିଆ ପରମ୍ପରାରେ ବୃକ୍ଷପୂଜା : ବଉଳ ଅମାବାସ୍ୟା

**ବିପିନ ବିହାରୀ ମହାନ୍ତି**

ବର୍ଷକ ବାରମାସ। ମଳମାସକୁ ବାଦ୍‌ଦେଲେ ବାରମାସରେ ଭିନ୍ନନାମରେ ଭିନ୍ନ କାରଣକୁ ଧରି ବାରଗୋଟି ଅମାବାସ୍ୟା ପାଳନ କରାଯାଏ। ତେବେ ଏହି ବାରଗୋଟି ଅମାବାସ୍ୟା ମଧ୍ୟରୁ ସାଧାରଣତଃ ଜ୍ୟେଷ୍ଠମାସର ସାବିତ୍ରୀ ଅମାବାସ୍ୟା, ଶ୍ରାବଣମାସର ଚିତାଲାଗି ଅମାବାସ୍ୟା, ଭାଦ୍ରବମାସର ସପ୍ତପୁରୀ ଅମାବାସ୍ୟା, ଆଶ୍ୱିନ ମାସର ମହାଳୟା ଏବଂ ପୌଷମାସର ବଉଳ ଅମାବାସ୍ୟ ମୁଖ୍ୟତଃ ଆମର ଦୃଷ୍ଟି ଆକର୍ଷଣ କରନ୍ତି। ଏମାନେ କିନ୍ତୁ ସମଧର୍ମୀ ନୁହଁନ୍ତି। କିଏ ଧର୍ମକୁ ଆଧାର କରି କିଏ କୃଷି ବା କିଏ ସାମାଜିକ କୋଉ ଚଳଣିକୁ ନେଇ ପାଳିତ ହୋଇ ଆସୁଛନ୍ତି। ମାତ୍ର ପୌଷମାସର ବଉଳ ଅମାବାସ୍ୟା ସ୍ୱତନ୍ତ୍ର। ଏଥିରେ କେବଳ ପ୍ରକୃତିର ପୂଜା, ବିଶେଷ କରି ବୃକ୍ଷପୂଜା କରାଯାଏ। ଏହା ପ୍ରକୃତିର ପୂଜା ଉପରେ ଆଧାରିତ କାରଣରୁ ଏହାର ସ୍ୱତନ୍ତ୍ର ପୂଜକ କେହି ନଥାନ୍ତି। ଏହା ଏକ ସାମାଜିକ ପର୍ବ ମଧ୍ୟ। ଏଣୁ ଏହାର ପୂଜକ ପ୍ରତିଟି ଗୃହର ଗୃହକର୍ତ୍ତା, କର୍ତ୍ତୀ ଅଥବା କୌଣସି ବୟସ୍କ ବ୍ୟକ୍ତି। ବ୍ରାହ୍ମଣ ବା କୋଉ ପୁରୋହିତ ନୁହଁନ୍ତି।

ଏହି ଉତ୍ସବ ଓଡ଼ିଶାର ନିଜସ୍ୱ ପର୍ବ। ଏହା ଓଡ଼ିଶାର ଘରେ ଘରେ ପାରମ୍ପରିକ ରୀତି ଅନୁସାରେ ସାମାଜିକ ଉତ୍ସବ ଭାବେ ପାଳନ କରାଯାଏ। ପୌଷ ଅମାବାସ୍ୟ ହେଉଛି ଶୀତର ଅନ୍ତ ଏବଂ ବସନ୍ତ ଆଗମନର ସନ୍ଧିକ୍ଷଣ ମୁହୂର୍ତ୍ତ। ସାଧାରଣତଃ ଏହି ସମୟରେ ଆମ୍ବ ଗଛରେ ବଉଳ ଓ ପଣସ ଗଛରେ କଷିଫଳ ଧରେ। ଲୋକ ବିଶ୍ୱାସରେ ଏହି ସମୟରେ ବୃକ୍ଷର ପୂଜା କଲେ ବହୁତ ଫଳ ଧରେ। ଆମେ ଏକଥା ଜାଣେ ଯେ ଉଭୟ ଆମ୍ବ ଓ ପଣସ ହେଉଛନ୍ତି ଅର୍ଥକାରୀ ଫସଲ। ରସାଳ ଫଳ ଏବଂ ପାଚିଲାକୁ ସୁସ୍ୱାଦ। ଯେମିତି ଧାନ ପରି ଶସ୍ୟ ଫସଲ ପାଇଁ ଭଲ ଅମଳକୁ କୃଷିଭିତ୍ତିକ ଅନେକ ପର୍ବ ଅଛି, ସେମିତି ଆମ୍ବ, ପଣସ, ନଡ଼ିଆ ଏବଂ ଅନ୍ୟାନ୍ୟ ଫଳ ପାଇଁ ବୃକ୍ଷ ଦେବତାମାନଙ୍କର ପୂଜା କରାଯାଏ। ବଉଳ ଅମାବାସ୍ୟା ଦିନ ଆମେ ମୁଖ୍ୟତଃ ଆମ୍ବ ଗଛର ପୂଜାକରୁ ଯଦିଓ ଏ ପୂଜା ଆମ ବାଡ଼ବଗିଚାର ସମସ୍ତ ଫଳଗଛର ପୂଜାକୁ ବୁଝାଏ।

ପୂଜା ପାଇଁ ନୂଆ ଚାଉଳକୁ ଚୁନାକରି ସେଥିରେ ନଡ଼ିଆ, ଗୁଡ଼ ବା ଚିନି ସହ ପିଠା ମସଲା ଦେଇ ଗଇଁଠାପିଠା ପ୍ରସ୍ତୁତ କରାଯାଏ। ଏହା ବ୍ୟତୀତ କ୍ଷୀରୀ, ଖେଚଡ଼ି ବା ଅନ୍ୟାନ୍ୟ ପିଠାପଣା ଭୋଗ କରାଯାଇପାରେ। ତେବେ ପୂଜାର ଗଇଁଠା ପିଠାହିଁ ମୁଖ୍ୟ ଭୋଗ।

ଅମାବାସ୍ୟା ଦିନ ଅଥବା ତା' ପୂର୍ବଦିନଠୁ ପୂଜା ହେବାକୁ ଥିବା ଗଛମୂଳରୁ ଘାସ, ଅନାବନା ଗଛ ଓ ଲତା ଇତ୍ୟାଦି ସଫା କରି ଦିଆଯାଇଥାଏ। ପୂଜାଦିନ ସକାଳୁ ଗଛ ମୂଳର ଚଉଭେଦୀକୁ ଗୋବରରେ ଭଲକି ଲିପି ଦିଆଯାଏ। ଏହି ଲିପାସ୍ଥାନରେ ଝୋଟି ବା ଚିତା ପକାଯାଏ। ସଂଧ୍ୟା ବେଳେ ପୂଜା ହେବାକୁଥିବା ଗଛଗୁଡ଼ିକୁ ହଳଦି ପାଣିରେ ଗାଧୋଇ ଦେଇ ସିନ୍ଦୁର ଓ ଦୀପ ଦେଇ ଗଇଁଠା ପିଠାରେ ଅଥବା ଗଇଁଠା ସହ ଅନ୍ୟାନ୍ୟ ଭୋଗ ସାମଗ୍ରୀ ଦେଇ ପୂଜା କରାଯାଏ। କେତେକ ସ୍ଥାନରେ ଗଇଁଠା ସହ ବଉଳଗୁଡ଼ ମିଶାଇ ଭୋଗ କରା ଯିବାର ପ୍ରଥା ଅଛି। ସେଠାରେ ଏପରି ପିଠାକୁ ବଉଳଗୁଡ଼ ବୋଲି କୁହନ୍ତି।

ଗୃହ ବାହାରେ ବୃକ୍ଷପୂଜା। ଘର ଭିତରେ ମଧ ନୂଆ ବଉଳ ସହ ଗଇଁଠା ଓ କ୍ଷୀରୀପିଠା ଈଶାଣ ବା ଇଷ୍ଟ ଦେବତାଙ୍କୁ ପୂଜା କରାଯାଏ। ଶ୍ରୀମନ୍ଦିରରେ ମଧ ଜୀଉମାନଙ୍କ ପାଖରେ ଗଇଁଠା ପିଠା ସହ ବଉଳ ଅର୍ପଣ କରାଯାଏ। ସେମିତି ଗାଁ ଭଗବତ ବା ମନ୍ଦିରମାନଙ୍କରେ ଏପ୍ରକାର ପୂଜାବିଧି କରାଯାଏ।

ସହରୀ ସଭ୍ୟତାର ପ୍ରାୟ ବୃକ୍ଷପୂଜା ଦେଖାଯାଏ ନାହିଁ। ତେବ ପରମ୍ପରା ଅନୁଯାୟୀ ସେସବୁ ସ୍ଥାନରେ ଈଶାଣ ବା ଇଷ୍ଟପୂଜା ହୁଏ। ନୋହିଲେ ବାଡ଼ିବଗିଚାରେ କେଉଁଠି ଟିକେ ଭୋଗ ରାଗ କରି ଦିଆଯାଏ।

ଆମ ସମାଜରେ, ମିତ, ସଇ, ସଂଗାତ, ଚାନ୍ଦ ଏବଂ ବଉଳ ଇତ୍ୟାଦି ସମ୍ବନ୍ଧୀତାକ ଓ ବନ୍ଧୁତ୍ୱର ଚଳଣି ଅଛି। ବଉଳ ଆମାବାସ୍ୟା ଦିନ ଏମିତି ଅନେକ ବଉଳଗୁଡ଼ ଖିଆଖୋଇ ବଉଳ ବସନ୍ତି। ବଉଳ ବସିବା ଏକ ମଧୁର ଭାବ। ଏହିଦିନ ଘରେ ଘରେ ବୁଲି ଭାବର ଆଦାନ ପ୍ରଦାନ ହେବା ସହା ଗଇଁଠା ଭୋଜନ ମଧ ହୁଏ। ସାମାଜିକ ଚଳଣିରେ ଏହା ଏକ ମଧୁର ଏବଂ ଉପଭୋଗ୍ୟ ପର୍ବ ହେଲେ ହେଁ, ଋତୁଚକ୍ରରେ ବସନ୍ତର ଆଗମନ ତଥା ଆମ୍ବ-ପଣସ ଇତ୍ୟାଦିର ଫଳରେ ସମ୍ଭାର ନିମନ୍ତେ ଏକ ସ୍ୱାଗତିକାର ପର୍ବ। ଏଠାରେ ସ୍ମରଣ କରାଇ ଦେବାକୁ ଚାହୁଁ ଯେ, ଓଡ଼ିଶାରେ ପାଳନ କରାଯାଉଥିବା କୌଣସି ଓଷା, ଉପାସ,ବ୍ରତ ବା ଧର୍ମଭିତ୍ତିକ ପର୍ବପର୍ବାଣୀ ଏହା ନୁହେଁ। ଏହା ସଂପୂର୍ଣ୍ଣ ଭାବରେ ପ୍ରକୃତିପୂଜାର ନିଦର୍ଶନ ସ୍ୱରୂପ ଏକ ସାମାଜିକ ପର୍ବ।


ଓଡ଼ିଶା ଭାଷା ସଂରକ୍ଷଣ ଏବଂ
ଗବେଷଣା ପ୍ରତିଷ୍ଠାନ
ବିକାଶ ନଗର, ଜଟଣୀ,
ଖୋର୍ଦ୍ଧା-୭୫୨୦୫୦
ମୋ : ୯୯୩୮୩୪୧୩୮


# ଖୁସି

**ପଙ୍କଜ କୁମାର ପାଣିଗ୍ରାହୀ**

ଜଣେ ସାଧାରଣ ମଣିଷର ଭାବଧାରା, ବିଚାରଶକ୍ତି, କାର୍ଯ୍ୟକଳାପ ତଥା ଜୀବନ ବଂଚିବା ପ୍ରଣାଳୀ ନିର୍ଭର କରିଥାଏ ତା'ର ଜନ୍ମଗତ ଗୁଣ, ଚରିତ୍ର ଏବଂ ପାରିପାର୍ଶ୍ୱିକ ଶୈକ୍ଷିକ ପରିବେଶକୁ ନେଇ । ସାଧାରଣତଃ ମଣିଷ ନିଜର ଚତୁରୀ, କୌଶଳ ବ୍ୟବହାର କରି ସବୁ ସମୟରେ ନିଜର ବଂଚିବା ପ୍ରଣାଳୀକୁ ଅତ୍ୟଧିକ ସରଳ, ସୌଖିନ କରିବାପାଇଁ ଚେଷ୍ଟା କରିଥାଏ । କହିବାକୁଗଲେ ମଣିଷ

> ସୁସ୍ଥ ଶରୀର, ପ୍ରାପ୍ତ ଆଶା ମଧ୍ୟରେ ସନ୍ନିବେଶିତ ସାଧାରଣ ମଣିଷର ପ୍ରାୟତଃ ସମସ୍ତ ଖୁସି,ବ୍ୟତୀତ ଆହୁରି ଅନେକ ମାଧ୍ୟମରେ ଖୁସିର ଆସର ରହିଥାଏ ! ଅନେକ ସମୟରେ ନିଜ ଜ୍ଞାତସାର ମଧ୍ୟରେ ତ କେତେବେଳେ ଅଜ୍ଞାତରେ........!!

ସବୁବେଳେ ଖୁସିରେ ରହିବା ପାଇଁ ଯଥାସାଧ ଚେଷ୍ଟା ଜାରିରଖିଥାଏ । କୌଣସି କ୍ଷେତ୍ରରେ ନିଜର ଭାବଧାରାକୁ ଆକ୍ଷେପ କରୁଥିବା ବିଷୟ ହେଉ କିମ୍ବା କୌଣସି ଦ୍ରବ୍ୟ ଅପ୍ରାପ୍ତି ମଣିଷକୁ ଦୁଃଖୀ କରିଥାଏ । ଏତଦ୍ ବ୍ୟତୀତ କେତେକ କ୍ଷେତ୍ରରେ ମଣିଷ ମନର ଉନ୍ମାଦନା ହେଉ କିମ୍ବା ଭାବନକୁ ନେଇ ଯୁକ୍ତାତ୍ମକ ସଂକେତରେ ମଧ ମଣିଷ ଖୁସି ହୋଇଥାଏ। ପ୍ରାୟତଃ ମଣିଷର ଆକାଂକ୍ଷା ପୂରଣ ହେଲେ ସେ ଏକପ୍ରକାର ମାନସିକ ଶାନ୍ତି ଜନିତ ଖୁସି ହେଉଥିବା ସ୍ୱୀକାର୍ଯ୍ୟ। ହେଲେ ସଂସାରର ସମସ୍ତ ପାର୍ଥିବ ଏବଂ ଅପାର୍ଥିବ ମାନସିକ ଭାବାବେଗ ଜନିତ ଉଦ୍‌ବେଗ ଗୁଡିକ ପୂର୍ଣ୍ଣ ହେବାପରେ ମଧ ମଣିଷ ଆହୁରି ଅନେକ କ୍ଷେତ୍ରରେ ଅନ୍ତର୍ନିହିତ ଖୁସି ହୋଇଥାଏ ଯାହା ବାହାରକୁ ପରିପ୍ରକାଶ ହେଉନଥିଲେ ମଧ ନିଜ ମନଭିତରେ ଆନ୍ଦୋଳିତ କରି ଖୁସିର ଆସର ପ୍ରବାହ କରିଥାଏ । ମଣିଷର ଅସୀମିତ ଖୁସି ଭିତରେ ଭାବ ବିହ୍ୱୋଳିତ ବିଚାରଧାରା ଜନିତ ଖୁସି ମଧ୍ୟରୁ କିଛି ଅଂଶ ବିଶ୍ଳେଷଣ କରି ଉପସ୍ଥାପିତ ଆଲେଖ୍ୟଟି କିଂଚିତ ଦିଗ୍‌ଦର୍ଶୀ ହେବବୋଲି ବିଚାର କରି ଉପସ୍ଥାପନା ପୂର୍ବକ ଆପଣଙ୍କ ସୁବିଚାର ମତାମତ ଆଶା କରାଯାଉଅଛି।

କିଛି ଲୋକ ସଂସାରର କେତେକ କଥା ଜାଣିପାରିଛି ବୋଲି ଭାବି ଖୁସି ହୋଇଥାନ୍ତି। ଆଉ କେତେକ ମୁଁ ଅନେକ କଥା ଜାଣିପାରିଛି ଯାହା ଅନ୍ୟମାନେ ଜାଣନ୍ତି ନାହିଁ ବୋଲି ଭାବି ଖୁସି ହୋଇଥାନ୍ତି। ଅନ୍ୟଏକ ଗୋଷ୍ଠୀ ମୁଁ ସଂସାରର ସବୁକଥା ଜାଣିଛି, ଆଉ ମୋପରି କିଏ ଏତେ କଥା ଜାଣନ୍ତି ନାହିଁ ବୋଲି ଭାବି ଖୁସି ହୋଇଥାନ୍ତି । ଆଉ ଏକ ଗୋଷ୍ଠୀ ମୁଁ ସଂସାରର ଏତେକଥା ଜାଣିଛିଯେ ଅନ୍ୟ କେହି ସେସବୁ ଜାଣିବା ଅସମ୍ଭବ ବୋଲି ଭାବି ଖୁସି ହୋଇଥାନ୍ତି । ସବୁଠାରୁ ସାଙ୍ଘାତିକ ଖୁସି ହୋଇଥାନ୍ତି ଯେଉଁମାନେ ପ୍ରବଚନ ଦେଲେ ହାଜର ହଜାର ଲୋକ ମୁହଁ ଉପରକୁ କରି ଶୁଣିଥା" ସେମାନଙ୍କ କଥା, ଯେଉଁମାନଙ୍କୁ ଆମେ ଖୁସି ହୋଇ ସମାଜର ପରମ ପୂଜ୍ୟ ଦେବତାଙ୍କ ନାମରେ ସମ୍ବୋଧିତ କରିଥାଉ ବାବାଜୀ, ମାତାଜୀ ବୋଲି ! ସେମାନଙ୍କ ଖୁସିର ଆକଳନ କରିବା ଅସମ୍ଭବ, କାରଣ ସେମାନେ ସର୍ବଜନ ମାନସରେ ଅଭିଷିକ୍ତ !! ଜନ୍ମ ହେବାଠାରୁ ସଂସାର ଦେଖିବା ପରେ ସଂସାର ବିଷୟରେ ଜାଣିବା ପାଇଁ ସବୁବେଳେ ଜିଜ୍ଞାସୁ ମଣିଷ କିଏ କୋଉଠାରେ ଅଟକିଯାଇଥାଏ ପରବର୍ତ୍ତୀ ସମୟରେ, ସଂସାର ଜାଳ ଜ୍ୱାଳାରେ ବାନ୍ଧିହୋଇ । ନିଜ ଫୁରୁସତ ସମୟରେ ଯେତିକି ମନମାନସରେ ସ୍ଥାନିତ ହେଉଥାଏ ସେଗୁଡ଼ିକୁ ନେଇ ନିଜେନିଜେ ଖୁସି ହେଉଥିବା ଗୋଟିଏ ଗୁରୁତ୍ୱପୂର୍ଣ୍ଣ ଶରୀରର ଅବିଚ୍ଛେଦ୍ୟ ଅଂଗଭଳି ରହିଥାଏ ମନ ମାନସରେ ପ୍ରତ୍ୟେକ ମଣିଷର। ଆଉ ସେହି ଜାଣିବା ବିଷୟକୁ ନେଇ ମଣିଷ ମନରେ ସୃଷ୍ଟି ହୋଇଥାଏ ଅନ୍ୟ ଏକ ଅଦୃଶ୍ୟ ଅଙ୍ଗ ଯାହା ଅହଂକାର ରୂପରେ ଦେଖାଦିଏ ତା'ର ପ୍ରକୋପ ବିସ୍ତାର କରି ଅନ୍ୟମାନଙ୍କ ଉପରେ ! ନିଜ ଖୁସି ଜନିତ ଯୁକ୍ତାତ୍ମକ ଭାବଧାରାର ଉପଦ୍ରବରୁ ଜନ୍ମିତ ଏକ ବିଯୁକ୍ତାତ୍ମକ ପ୍ରକୋପ ଅହଂଭାବ ସମାଜରେ ଅନ୍ୟଏକ ରୂପ ପ୍ରବାହ କରିଥାଏ ଯଦ୍ୱାରା ସେହି ମଣିଷ ପୁନର୍ବାର ଘୃଣିତ ହୋଇଥାଏ ଯାହା ତାହାର ସେହି ଖୁସିକୁ ଫିକା କରିଦିଏ । କିନ୍ତୁ ଯାହାକୁ (ବାବାଜୀ, ମାତାଜୀ, ପ୍ରବଚକ ଇତ୍ୟାଦି) ସମାଜ ସମ୍ମାନର ସହ ଗ୍ରହଣ କରିଥାଏ, ସେମାନଙ୍କ ଅହଂଭାବ ସଂସାରର ସବୁଠାରୁ କଠୋର ହୋଇଥିଲେ ମଧ ମାନ୍ୟତାରେ ଅନ୍ଧ ମଣିଷର ସେସବୁ ଭାବ ବହିର୍ଭୁତ ହୋଇଥାଏ ! ଅର୍ଥାତ ସେମାନେ ସବୁବେଳେ ନମସ୍ୟ, ପୂଜ୍ୟ ହୋଇ ରହିଥାନ୍ତି ସେମାନଙ୍କ ପଦଲେହନକାରୀଙ୍କ ପାଖରେ । କୌଣସି ସୂତ୍ରରେ ନିଜ ବିଚାରଶକ୍ତି ସ୍ୱତଃ ଜାଗ୍ରତ କରିବାରେ ଅକ୍ଷମ ମଣିଷ, କିମ୍ବା ନିଛନ୍ଦ, ନିଛକ ବିଶ୍ୱାସ ଜନିତ ଅନ୍ୟର ପ୍ରରୋଚନାରେ ନିଜକୁ ଜଳାଳି ଦେଇ ମିଥ୍ୟା, ଅଲୌକିକ କିମ୍ବା ଅସମ୍ଭବ ଭାବଧାରରେ ସ୍ୱପ୍ନ ରାଇଜରେ ବିହାର କଲାଭଳି ଅନୁଭୂତି ମଣିଷକୁ ଅକଳନ ଖୁସି ପ୍ରଦାନ କରୁଥିବା କଥା ପ୍ରାୟତଃ ସମସ୍ତଙ୍କ ଜୀବନରେ ଘଟିଥିବା ଏକ ସାଧାରଣ ବିଷୟ, ଯାହା ତର୍ଜମା କଲେ ଜଣାଯିବ ଯେ..............

କୌଣସି ବିଷୟର ପ୍ରାମାଣିକ ତଥ୍ୟ ନଥାଇ କେବଳ କାହାର ଆନୁମାନିକ ମତବାଦ ଉପରେ ଆଧାରିତ ଅଲୌକିକ ବିଷୟ ଗୁଡିକ ଯାହା ଜୀବନ କାଳ ମଧରେ କେବେହେଲେ ଅନୁଭବ କରି ହେଉନଥିଲେ ମଧ ମୃତ୍ୟୁ ପରେ ପ୍ରାପ୍ତ ହେବା ଭାବନା ମଣିଷକୁ ଯେଉଁ ଖୁସିର ଅସାରରେ ଭରିଦିଏ ତାହା ହୁଏତ ସଂସାରର ଅନ୍ୟ କୌଣସି ପ୍ରାପ୍ତିରେ ନଥିବା ଭଳି ଅନୁଭବ ମଣିଷର ଗୋଟିଏ ସାଙ୍ଘାତିକ ଖୁସିର ବିଷୟ ହୋଇଥାଏ ! ଅର୍ଥାତ ଅନେକ ସମୟରେ ଆମେ ବିଭିନ୍ନ ଆନୁମାନିକ ବିଷୟକୁ ନେଇ ଏତେ ନିଗୁଢ଼ ମନୋନିବେଶ କରିଥାଉ ଯାହା କେବଳ ନିଜ ମସ୍ତିଷ୍କର ଭାବଧାରାକୁ ଆନ୍ଦୋଳିତ କରି କୌଣସି ସମୟରେ ଅଶରୀରରେ ମଧ ଆଶାତୀତ ଖୁସି ପ୍ରଦାନ କରିବା ସମ୍ଭାବନା ସଂସାରର ସବୁଠାରୁ ସାଙ୍ଘାତିକ ଖୁସି ପ୍ରଦାନ କରୁଥିବା ଗୋଟିଏ ସାଧାରଣ ମାନବ ଚରିତ୍ରରେ ପରିଣତ ହୋଇଥିବା ସ୍ୱୀକାର୍ଯ୍ୟ ! ନିଜ ଜୀବନଧାରା ଏବଂ ଜନ୍ମଦାତା ତଥା ପାଳନକର୍ତ୍ତା ପ୍ରକୃତିର ଆଧାର, ନିୟମ ଗୁଡିକୁ ବିଶ୍ଳେଷଣ କରି ବୁଝିବା ସାମର୍ଥ୍ୟ ବିହୀନ ମଣିଷ ସବୁବେଳେ ଅନ୍ୟର ମତବାଦ ଉପରେ ନିର୍ଭର, ବିଶ୍ୱାସ କରି ଜୀବନ ପ୍ରବାହ କରୁଥିବା ହେତୁ ଚତୁରଙ୍କ ଶଢଯାନ୍ତ୍ରିକ ପ୍ରରୋଚନା, ପ୍ରତାରଣାର ଶିକାର ହେଉଥିବା ଜାଣିନପାରି ବରଂ ତାହାର ବିପରୀତେ ଖୁସି ଅନୁଭବ କରୁଥିବା ଏକ ବିଡମ୍ବନାର ବିଷୟ ଯାହା ସାଧାରଣରେ ସର୍ବଜନ ଅଜ୍ଞାତ !


(ଅବଶିଷ୍ଟାଂଶ ପୃଷ୍ଠା ୪ରେ)


# ପ୍ରତିଶ୍ରୁତି ପାଣିର ଗାର ନୁହେଁ ତ ?

**ସୁବ୍ରତ କର**



ବାଇ ଇଲେକସନର ପ୍ରକ୍ରୀୟା ସରିବା ମାସେ ହୋଇଗଲା। ବାଲେଶ୍ୱର ବାସୀଙ୍କ ପାଇଁ ପ୍ରଚୁର ପ୍ରତିଶୃତି ଜିତିଥିବା ଦଳର ମୁଖିଆ ପାଖରୁ ଆସିଥିଲା। ବାଲେଶବାସି ଆଶ୍ୱସ୍ତ ହୋଇଥିଲେ ବହୁଦିନ ପରେ ବାଲେଶ୍ୱରଠାରେ କିଛି ଗୋଟାଏ ବଡ଼ ଧରଣର ହେବ, କାରଣ ଦଳର ମୁଖିଆ ନିଜେ ବାଲେଶ୍ୱରର ଦାୟିତ୍ୱ ନେଇଛନ୍ତି। ଲୋକେ ଏବଂ ମୁଖିଆଙ୍କ ମଧ୍ୟରେ ମାଧ୍ୟମ ନାହିଁ। ଲୋକେ ପ୍ରତିଶ୍ରୁତିକୁ ଆଖିଆଗରେ ରଖି ଭୋଟ ଦେଲେ ଏବଂ ଦଳର ଲୋକଙ୍କୁ ଜିତାଇ ମଧ୍ୟ ଦେଲେ। ଏବେ ମୁଖିଆଙ୍କ ପାଳି। ଏହି ମାସେ ଭିତରେ ପୁରୀ, କଟକ ଏବଂ ଭୁବନେଶ୍ୱରର ଅନେକ କିଛି ବିଶ୍ୱସ୍ତରୀୟ କାର୍ଯ୍ୟକଳାପକୁ ହାତକୁ ଦଳର ମୁଖିଆ ନେଇଛନ୍ତି। ପୁରୀ ମନ୍ଦିର, ଲିଙ୍ଗରାଜ ମନ୍ଦିର, ଭୁବନେଶ୍ୱର ବସଷ୍ଟାଣ୍ଡ, କଟକ ମେଡିକାଲ କଲେଜ ଇତ୍ୟାଦି। ଖୁବ୍ ଭଲ କଥା ଓଡ଼ିଆ ଆଗାନ୍ତୁ ଏବଂ ଓଡ଼ିଶା ମଧ୍ୟ ଆଗକୁ ମାଡ଼ିଯାଉ। ସେହିଭଳି ବାଲେଶ୍ୱରପାଇଁ ମୁଖିଆ କିଛି ଚିନ୍ତା କରିଛନ୍ତି କି ନାହିଁ ଜଣା ପଡୁନାହିଁ। ଯଦି କିଛି କରିଛନ୍ତି ବାଲେଶ୍ୱର ବାସିଙ୍କୁ ଟିକିଏ ଜଣାଇଲେ ଭଲ ହୁଅନ୍ତା। ଆମେ ସମସ୍ତେ ଅନେଇ ବସିଛୁ ମୁଖିଆ କଣ ଆମ ପାଇଁ ମନରେ ରଖିଛନ୍ତି। ମୋତେ ଗତ ଇଲେକସନ ବେଳେ ଦୁଇ ଦଳର ବଡ଼ ନେତାଙ୍କ ସହିତ ମିଶିବାକୁ ନିମନ୍ତ୍ରଣ ଆସିଥିଲା ଏବଂ ମୁଁ ଏହାକୁ ଏଡ଼ାଇ ନଥିଲି କାରଣ ମୋର ସର୍ତ୍ତ ଥିଲା ଆମେ ଯାହା କଥାହେବୁ ବାଲେଶ୍ୱରର ଅର୍ନ୍ତଗତ ଉପରେ ଏହାଛଡ଼ା ରାଜନୀତି ନୁହଁ। ମୋର ଚାହିଦା ଥିଲା ବାଲେଶ୍ୱରର ମେଡିକାଲ କଲେଜ ହେଲା ଆମକୁ ଗୋଟାଏ ଭଲ ହୃଦରୋଗ ବିଶେଷଜ୍ଞ ଦିଆହେଉ। ସେ ମଧ୍ୟ ସାଥେ ସାଥେ ମୋ ସାମନାରେ ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ସହିତ କଥାହେଲେ ଏବଂ ପ୍ରତିଶୃତି ନେଲେ ଯେ ମାସେ ଭିତରେ ନିଶ୍ଚୟ କିଛି ବ୍ୟବସ୍ଥା କରିବେ। ଏ ପର୍ଯ୍ୟନ୍ତ ଏ ବିଷୟରେ ସେମିତି କିଛି ପଦକ୍ଷେପ ନିଆ ହୋଇପାରିନାହିଁ।

ସବୁଠୁ ବଡ଼ କଥା ହେଲା ଆମ ଜିଲ୍ଲା ପ୍ରତିବର୍ଷ ରାଜ୍ୟ ସରକାରଙ୍କୁ ପ୍ରାୟ ୨୦୦୦ ହଜାର କୋଟି ରାଜସ୍ୱ ଦେଉଛି, କିନ୍ତୁ ଦୁଃଖର କଥା ସେହି ଟଙ୍କାରୁ ମୋଟେ ୭୦୦ରୁ ୮୦୦ କୋଟି ଟଙ୍କା ଜିଲ୍ଲାପାଇଁ ଖର୍ଚ୍ଚ ହେଉଛି। ବଳକା ଟଙ୍କା କଟକ, ଭୁବନେଶ୍ୱରରେ ବିଶ୍ୱସ୍ତରୀୟ କାର୍ଯ୍ୟକଳାପ ପାଇଁ ଖର୍ଚ୍ଚ ହେବାପାଇଁ ରଖାହେଉଛି। ଏହି ବିଷୟରେ ବହୁତ କମ୍ ବାଲେଶ୍ୱରବାସିଙ୍କୁ ଜଣାଅଛି। ଏହା ଉପରେ କାହାରି ଚିନ୍ତା ନାହିଁ। ଆମର ଦାବି ସମ୍ପୂର୍ଣ୍ଣ ଟଙ୍କା (୨୦୦୦) କୋଟି ଟଙ୍କା ଜିଲ୍ଲା କାମରେ ଖର୍ଚ୍ଚ ହେଉ।

## କବିତା କୋଣାର୍କ

### ଦେଶ ପ୍ରେମ...

**ଧ୍ରୁବ ଚରଣ ବେହେରା**



ସତ୍ୟ ଅହିଂସାର ପୂଜାରୀ ଅଟନ୍ତି
ଭାରତୀୟ ବୀର ସେନା
ଖାତିର ନଥାଏ ହୀମ କାକରକୁ
ଏହି ତାଙ୍କ ଉପାସନା।

ନିଘଂଚ ଜଙ୍ଗଲ କଂଟା ଲତା ବୁଦା
ଅନଳ ଅଗ୍ନିର ବର୍ଷା
ସବୁ ବିପଦକୁ ଏଡ଼ାଇ ଚାଲନ୍ତି
ନ ରଖି ମନରେ ଈର୍ଷା।

ଦୃଢ଼ ମନବଳେ ଜିତିଥାନ୍ତି ଶତ୍ରୁ
ନିଶି ଉଜାଗରେ ରହି
ନିତି ଖେଳିଥାନ୍ତି ନିଜ ରକ୍ତେ ହୋଲି
ଜୟ ହିନ୍ଦ୍ ଗାଥା ଗାଇ।

ଦେଇ ପାରିବାନି ଆମ୍ଭେ ତା ପାଉଣା
ନିଷ୍ଠାପର ସେବା ପାଇଁ
ଭକ୍ତି ବଳେ ସିଏ ସୀମାନ୍ତ ଜଗିଛି
ଆମରି ସୁରକ୍ଷା ନେଇ।

ଯାହା ଲାଗି ତୁମେ ସୁଖ ନିଦ୍ରା ଯାଅ
ଭାବିଛକି ଥରେ କୁହ
ସକାଳୁ ଉଠିଲେ ସେ ବୀରଙ୍କ କଥା
ମନୁ ତୁମେ ଭୁଲିଯାଅ।

ତୁମେ ହସୁଥାଅ ଆନନ୍ଦ ଉଲ୍ଲାସେ
ନିଜ କାନ୍ଥ ଚାରି ପଟେ
ଛତିଶଗଡ଼ର ଘନ ଜଙ୍ଗଲରେ
ଶତ୍ରୁ ଗୁଳି କିଏ ଭେଟେ।

ଆମ ଲାଗି ତାର ନିଜ ପରିବାର
କରିଦିଏ ସାତପର
ଅନ୍ତର ହୃଦରେ ଭାବିଛକି ଥରେ
ସୁ ପୁତ୍ର ସିଏ କାହାର।

ହୋଇପାରେ ସିଏ କାହାର ସେ ପତି
କାହାର ଅଟଇ ଭାଇ
କେଉଁ ମାଆରସେ ଅଟେ ଗେହ୍ଲା ପୁଅ
ଅଟେ କା କଳା କହ୍ନାଇଁ।

ଗର୍ଭ ଧାରିଣୀର ଜୀବନ ସାଥି ସେ
କାହା କୋଳ ଛୁଆ ବାପା
ଧନ୍ୟ ତାର ପିତା ଅଟେ ନନ୍ଦରାଜା
ତା ପାଇଁ ଦେଶ ବନ୍ଦିତା।

ଅତି ଅଲିଅଳି ସୁନା ଭଉଣୀର
ଆଦରର ବଡ଼ ଭାଇ
ନିତି ଜାଳିଦିଏ ଭକ୍ତିର ଦୀପ ସେ
ଭାଇର ମଙ୍ଗଳ ପାଇଁ।

ସାତ ମାନସିକ କରି ବସିଥାଏ
ବାନ୍ଧିବାକୁ ହାତେ ଡୋରି
ଭାଇ ଯାଇଅଛି ଯୁଦ୍ଧ କ୍ଷେତ୍ର ମୋର
ଆସିଯାଉ ଶିଘ୍ର ଫେରି।

ସ୍ନେହର ରାଖିଟି ରଖିଛି ଭାଇରେ
ବାନ୍ଧିଦେବି ତୋର ହାତେ
ଭଗବତୀ ମାଆ ଦୟା ରଖିଥିବୁ
ମୋ ଭାଇକୁ ଚଲାପଥେ।

ମାଆ ବନଦେବୀ ସାହା ତୁ ହୋଇବୁ
ଘୋର ବିପଦରେ ତୁହି
ବିଜୟ ତ୍ରିରଙ୍ଗା ଉଡୁଥାଉ ସଦା
ବନ୍ଦେ ମାତରମ୍ କହି।

ଜାତୀୟ ସଙ୍ଗୀତ ଗୁଂଜି ଉଠୁଥାଉ
ସୀମାନ୍ତ ସହର ଯାଏଁ
ଆମ ଗାଆଁ ମାଟି ଗର୍ବେ ଫୁଲିଉଠୁ
ସୈନିକର ହେଉ ଜୟେ।

ବୀର ଶହୀଦଙ୍କ ଅମର କାହାଣୀ
ଘୋଷୁ ଆମ ଇତିହାସ
ଆମେରେ ଜନତା ପୁଣ୍ୟ ଭାରତର
ଏହି ଆମର ସଙ୍ଗୀତ।

ଦେଶ ପ୍ରେମ ଜାଗୁ ସବୁରି ମନରେ
ଜାତି ପାଇଁ ଉଠ ମାତି
ଅତୀତ କାହାଣୀ ସଂଗ୍ରାମୀ କବିତା
ଆମ ଦେଶ ଆମ ପ୍ରୀତି।

ଶାନ୍ତି ଖେଳିଉଠୁ କୋଣ ଅନୁକୋଣେ
ରାଷ୍ଟ୍ର ଧ୍ୱଜା ଫର ଫର
ଉଡୁଥାଇ ଗାଇ ବୀର ଶହୀଦଙ୍କ
ବଳିଦାନ କବିତାର।


+ସୁଭାଷ ନଗର, ଅଠରବାଟିଆ,
ବାଲୁଗାଁ, ଖୋର୍ଦ୍ଧା
ମୋ: ୮୩୨୮୯୩୦୫୫୪

## ଆଜିର ଗଳ୍ପ

# ଜୀବନ ଯମୁନା

ଶ୍ରୀକୃଷ୍ଣ ସାମଲ
ଶ୍ରୀକୃଷ୍ଣ ନିବାସ
କରଞ୍ଜିଆ, ମୟୂରଭଞ୍ଜ
ମୋ-୯୪୩୭୩୨୦୬୭୯

ଜୀବନକୁ ଭଲ ପାଉଥିଲା ଯମୁନା । ତାଙ୍କର ଭଲ ପାଇବା ଏତେ ଗାଢ ନିବିଡ ଥିଲା ଯେ, ସେଥିରେ ପାଣି ବି ଗଳୁ ନ ଥିଲା । ହେଲେ ବିଡମ୍ବନା ଜୀବନ କିଛି ଦିନ ପାଇଁ ବାହାରକୁ ଚାଲିଯାଇଥିବା ବେଳେ ହଠାତ ଯମୁନାର ବାହାଘର ଏକ ଇଞ୍ଜିନିୟର ବର ସହିତ ଲାଗିବାରୁ ପିତାମାତା ତାହାର ଏ ସୁବର୍ଣ୍ଣ ସୁଯୋଗକୁ ହାତଛଡା ନ କରି ଇଞ୍ଜିନିୟର ବର ସହିତ ଯମୁନାର ବାହାଘର ସ୍ଥିର କରି ଦେଲେ । ଏଥିରେ ଯମୁନାକୁ ପଦୁଟିଏ ବି ପଚାରିଲେ ନାହିଁ । ବିବାହର ଦିନ ଧାର୍ଯ୍ୟ ହୋଇଯିବା ପରେ ପରିବାରର ଯେଉଁ ସଦସ୍ୟମାନେ ଯମୁନା ଓ ଜୀବନ କଥା ଜାଣିଥିଲେ ସେମାନେ ଯମୁନାକୁ ହାଡେନାଡେ ଜଗି ରହିଲେ । କାଳେ ଯମୁନା କ’ଣ କିଛି କରି ବସିବ ? ଯମୁନାର ସାଙ୍ଗସାଥି ଆସିଲେ ସେମାନଙ୍କୁ ବି ଜଗି ରହିଲେ । ତାର ମୋବାଇଲ ଫୋନକୁ ଗାୟବ କରିଦେଲେ । ସତେ ଯେମିତି ସେ ବନ୍ଦିନି ଜୀବନଯାପନ କରିବାକୁ ଲାଗିଲା । ସେ ସବୁ ବୁଝୁଥାଏ । କରିବ କ’ଣ ? ପ୍ରାଣପ୍ରିୟ ଜୀବନକୁ କିମିତି ଖବର ଦେବ ? ନିରୋଳାରେ ସେ ସେମାନଙ୍କ ପ୍ରେମକଥା ଭାବିଭାବି ଆଖିରୁ ଅଶ୍ରୁ ଢାଳି ଚାଲିଥାଏ । ଦିନ କେଇଟାରେ ତାର ବାହାଘର ହୋଇଗଲା । ହେଲେ ତାକୁ କିଛି ଭଲ ଲାଗିଲାନି । ଇଞ୍ଜିନିୟର ବର, ଇଞ୍ଜିନିୟର ବଙ୍ଗଳା, ପିଅନ ଚପରାସୀ, ରାଜକୀୟ ପରିପାଟୀ ତାକୁ ଆକର୍ଷଣ କରି ପାରିଲାନି । ସେ କେବଳ ତାର ପ୍ରାଣପ୍ରିୟ ଜୀବନ ଓ ପ୍ରେମକଥା ହିଁ ଭାବି ଚାଲିଥାଏ । ଭାବୁଥାଏ ପ୍ରାଣପ୍ରିୟ ଜୀବନ ଆସନ୍ତେ କି, ମୁଁ ଏହି କୃତ୍ରିମ ପରିବେଶ ଭିତରୁ ମୁକୁଳି ତାଙ୍କ ସହିତ ଆକାଶରେ ଉଡି ବୁଲନ୍ତି । ସେ ଭଗବାନଙ୍କୁ ମନେମନେ ଡାକୁଥାଏ । ଯାହାହେଉ କିଛି ଦିନ ପରେ ଜୀବନ ଫେରି ଆସି ଦେଖେ ତ ତାର ପ୍ରାଣପ୍ରିୟା ଯମୁନାର ବାହାଘର ସରି ଯାଇଛି । ସତେ କି ତାର ମୁଣ୍ଡରେ ବଜ୍ର ପଡିଲା । ସେ ନିର୍ବାକ ହୋଇଗଲା । ତାର ହୃଦସ୍ପନ୍ଦନ ବନ୍ଦ ହୋଇଯିବା ପରି ତାକୁ ମନେ ହେଲା । ତା’ପରେ ସେ ପ୍ରକୃତିସ୍ଥ ହୋଇ କାହାକୁ କିଛି ନ ପଚାରି ସିଧା ଯମୁନା ବାହା ହୋଇଥିବା ଇଞ୍ଜିନିୟରର ଖବର ସଂଗ୍ରହ କଲା । ଠିକଣା ହସ୍ତଗତ କଲା । କେମିତି କେଜାଣି ଜାଣିପାରି ଇଞ୍ଜିନିୟର ସରକାରୀ କାମରେ ବାହାରେ ଥିଲା ବେଳେ ସିଧା ଯମୁନା ରହୁଥିବା ଇଞ୍ଜିନିୟର ବଙ୍ଗଳାରେ ପହଞ୍ଚି ଗଲା । ଦରଓ୍ୱାନକୁ ଯମୁନା ମାଡାମ ମୋର ଭଉଣୀ ଓ ମୁଁ ତାଙ୍କ ବାପ ଘରୁ ତାଙ୍କୁ ସାକ୍ଷାତ କରିବାକୁ ଆସିଛି ବୋଲି କହି ଯମୁନାକୁ ଡାକି ଦେବାକୁ କହିଲା ଓ ତାର ନାମ ଜୀବନ ବୋଲି ଜଣାଇ ଦେଲା । ଦରଓ୍ୱାନ ଦୋଦୋ ପାଞ୍ଚ ହୋଇ ଯାଇ ଯମୁନାକୁ ସବୁ କହିଲା । ଏହା ଶୁଣି ଯମୁନା ଘାବେରେଇ ଯାଇ ଦରଓ୍ୱାନକୁ କହିଲା ହଉ ରୁହ । ମୁଁ ଯାଇ ଦେଖେଁ କିଏ ଆସିଛି ? ତା’ପରେ ଗେଟ ଖୋଲି ଦେବ । ତାପରେ ବଙ୍ଗଳାରୁ ବାହାରି ଗେଟ ପାଖକୁ ଆସି ଯମୁନା ଦେଖେ ତ ସତକୁ ସତ ତାର ପ୍ରାଣପ୍ରିୟ ଜୀବନ । ସେ କୋଟିନିଧି ପାଇଲା ପରି ମନେ କଲା । ଭାବିଲା ସତକୁ ସତ ଭଗବାନ ତାର ଡାକ ଶୁଣିଲା । ପାଦ ତାର ତଳକୁ ଲାଗୁ ନଥାଏ । ସେ ସିଧା ଜୀବନକୁ ବଙ୍ଗଳ ଭିତରକୁ ପାଛୋଟି ନେଲା । ଡ୍ରଇଁ ରୁମରେ ବସାଇ ଲଗାଲଗି ଜୀବନ ସହିତ ବସିଗଲା । କହିଲା ଏତେ ବାଟରୁ ଆସିଛ ରୁହ ମୁଁ କ’ଣ ଟିକେ ଆଣେ । ଖାଇ ଦେଇ ଗପସପ ହେବା । ହେଲେ ଜୀବନକୁ କିଛି ଭଲ ଲାଗୁ ନଥାଏ । ସେ ଭାବୁ ଥାଏ ଏତେ ଶୀଘ୍ର କେମିତି ତାଙ୍କର ଅନାବିଳ ପ୍ରେମରେ ଏତେ ବଡ ପରିବର୍ତ୍ତନ ହୋଇଗଲା ? ତାର ପ୍ରକୃତ କାରଣ ନ ଜାଣିଲା ପର୍ଯ୍ୟନ୍ତ ତାକୁ କିଛି ଭଲ ଲାଗୁ ନଥାଏ । ଯମୁନା କିଛି ସମୟ ପରେ ମନଲୋଭା ଜଳଖିଆ ଆଣି ଟିପଏ ଉପରେ ଥୋଇ ଦେଇ ଖାଇବାକୁ ଅନୁରୋଧ କଲା । ହେଲେ ପରେ ଖାଇବି କହି ମୋତେ ଆଗେ କୁହ ଜୀବନରେ ଏତେ ବଡ ନିଷ୍ପତ୍ତି କେମିତି ନେଇ ପାରିଲ ? ମୋତେ ଟିକେ ଜଣେଇଲନି କାହିଁକି ? ଆମର ଅନାବିଳ ପ୍ରେମ କ’ଣ ମିଛ ଥିଲା ? ମୁଁ ବାହାରକୁ ଯାଇଥିବା ବେଳେ ଏତେ ବଡ ନିଷ୍ପତ୍ତି କିପରି ନେଲ ? ସେତେବେଳକୁ ଯମୁନାର ଆଖିରେ ଥିଲା ଅଶ୍ରୁରବନ୍ୟା । ଯମୁନା ସବୁକଥା ସୂଚାଇ ଦେଲାପରେ ଜୀବନ ପ୍ରକୃତିସ୍ଥ ହୋଇ କହିଲା ଯମୁନା ଜାଣିଛ ମୁଁ ଏହି କେତେ ଦିନ କେମିତି ବଞ୍ଚିଛି ? ଭାବିଥିଲି ଯମୁନା ବିନା ଏ ଜୀବନ ତୁଚ୍ଛ । ତୁମ ବିନା ମୁଁ ବଞ୍ଚି ପାରିବିନି ଯମୁନା । ଯମୁନା କଥା ଛାଡାଇ ନେଇ କହିଲା ତୁମେ ଭାବୁଥିବ ମୁଁ ଖୁବ ଖୁସିରେ ଅଛି । ହେଲେ ଏ ବଙ୍ଗଳା, ଏ ପରିବେଶ, ଏ ରାଜକୀୟ ପରିପାଟୀ ମୋତେ ବିଷଧର ସର୍ପ ଦଂଶନ କଲା ଭଳି ମନେ କରୁଛି । ମୁଁ ଅହରହ ବିଷଜ୍ୱାଳାରେ ଜଳିପୋଡି ମରୁଛି । ଭାବୁଥିଲି କେବେ ତୁମ ସହିତ ଦେଖା ହେଲେ ସବୁ କଥା କହି ତୁମ ଠାରୁ କ୍ଷମା ମାଗି ନେଇଥାନ୍ତି । ଆଉ ଆମ ଅନାବିଳ ପ୍ରେମକୁ ଭୁଲି ଯାଇ ସୁଖ ସଂସାର କରିବାକୁ ଅନୁରୋଧ କରିଥାନ୍ତି । ହେଲେ ଭଗବାନଙ୍କ ଇଚ୍ଛା ଖୁବ ଶୀଘ୍ର ତୁମ ସହିତ ମୋର ସାକ୍ଷାତ କରାଇ ଦେଲେ । ଏହା ଶୁଣି ଜୀବନ କହିଲା ମୋତେ ଯଦି ଏତେ ଭଲ ପାଅ ଏ ସମ୍ପର୍କ କାଟି ମୋ ଜୀବନ ସାଥି ହୋଇ ପାରିବ ? ଉତ୍ତରରେ ଯମୁନା କହିଲା- ମୁଁ ଯେ ବିବାହିତା ? ତୁମେ କ’ଣ ମୋତେ ଜୀବନ ସାଥି କରି ସୁଖି ହୋଇ ପାରିବ ? “ ବେଙ୍ଗ କହେ ବେଙ୍ଗୁଲୀ ଲୋ ପୃଥିବୀ କ୍ଷଣ କ୍ଷଣକେ ଆନ ।” ଏହା ଶୁଣି ଜୀବନ କହିଲା- ଅନାବିଳ ପ୍ରେମ ନିକଟରେ ପରିସ୍ଥିତି ଓ ଚାପ ନିଶ୍ଚିତ ଭାବେ ମଉଳି ଯିବ ଯମୁନା । ତୁମେ ପରିସ୍ଥିତି ଓ ଚାପରେ ପଡି ଏତେ ବାଟ ଚାଲି ଆସିଛ । ମୁଁ ତୁମର ପରିସ୍ଥିତି ଓ ଚାପ ପାଇଁ ଆଦୌ ପ୍ରଭାବିତ ନୁହେଁ । ଖାଲି ତୁମେ ମନକୁ ବୁଝାଇ ପାରିଲେ ହେଲା । ଯାହାହେଉ “ଜୀବନ ଯମୁନାରେ ଜୁଆର ଉଠେ” ଭଳି ଜୀବନ ଯମୁନା ଏକାଠି ହେଲା ପରେ ତାଙ୍କର ଅନାବିଳ ପ୍ରେମକୁ ପୁଣି ଥରେ ସାକାର କରିବାକୁ ଶପଥ ନେଇନେଲେ । ଯମୁନା ତୁରନ୍ତ ବଙ୍ଗଳାକୁ ଲକଅପ୍ କରି ଦରଓ୍ୱାନକୁ ଚାବିନେ । ଧରାଇ ଦେଇ କହିଲା ବୋଉ ମୋର ସାଙ୍ଘାତିକ ବେମାର । ବଞ୍ଚିବ କି ମରିବ ଠିକଣା ନାହିଁ । ମୋତେ ଭାଇ ସହିତ ଯିବାକୁ ପଡିବ । ମୁଁ ତାଙ୍କୁ ଫୋନ କରି ଦେଇଛି । ଏହା କହି ଆଡୁଆଳକୁ ଯାଇ ଇଞ୍ଜିନିୟରକୁ ଫୋନରେ କହିଲା ମୁଁ ମୋର ସମସ୍ତ ସମ୍ପର୍କକୁ କାଟି ମୋ ପ୍ରେମକୁ ଆପଣାର କରି ନେଲି । ସବୁ ଜଣା ପଡିବା ପରେ ଇଞ୍ଜିନିୟର କିମ୍ୱା ଯମୁନାର ବାପଘର ଲୋକେ କେହି ହେଲେ ଏଥିରେ ଗୁରୁତ୍ୱ ଦେଲେ ନାହିଁ କି ଆଇନର ଆଶ୍ରୟ ନେଲେ ନହିଁ । ଜୀବନର ପରିବାର ଲୋକେ ଏହାକୁ ସ୍ୱାଗତ କଲେ । ଖୁବ୍ ଖୁସିରେ ଅଛନ୍ତି ଜୀବନ ଓ ଯମୁନା । ଜୀବନର ଏକ ବ୍ୟବସାୟ ପ୍ରତିଷ୍ଠାନ ରହିଛି । ଏହା ତାଙ୍କର ଗୁଜୁରାଣ ମେଣ୍ଟାଇବାରେ ସହାୟକ ହୁଏ । ବାପା ତାର ଚାଷବାସ କରନ୍ତି । ସତରେ ଅନାବିଳ ପ୍ରେମ ନିକଟରେ ସବୁ ତୁଚ୍ଛ ।

# ଡ୍ରେସକୁ ଚାହିଁ ବ୍ୟାଗ୍

**ସାଧାରଣତଃ ଆମେ ବିଭିନ୍ନ ସ୍ଥାନକୁ ଭିନ୍ନ ଭିନ୍ନ ଡ୍ରେସ୍ ପିନ୍ଧିବା ସହ ଡ୍ରେସ୍ ଅନୁଯାୟୀ ଷ୍ଟାଇଲିସ୍ ବ୍ୟାଗ୍ କ୍ୟାରି କରିଥାଉ । ଯୁଗ ବଦଳିବା ସହ ଲୋକମାନେ ନିଜ ଲାଇଫଷ୍ଟାଇଲରେ ମଧ ପରିବର୍ତ୍ତନ ଆଣିଲେଣି । ବର୍ତ୍ତମାନ ଟ୍ରେଣ୍ଡରେ ରହିଛି ହ୍ୟାଣ୍ଡବ୍ୟାଗ୍ । ଏବେ ମହିଳାଙ୍କ ମଧରେ ପୋଷାକ ପରି ହ୍ୟାଣ୍ଡବ୍ୟାଗର କ୍ରେଜ ଦେଖିବାକୁ ମିଳୁଛି । ଭିନ୍ନଭିନ୍ନ ପୋଷାକ ସହ ବିଭିନ୍ନ ବ୍ୟାଗ କ୍ୟାରି କରି ନିଜକୁ ଷ୍ଟାଇଲିସ୍ ଲୁକ୍ ଦେଉଛନ୍ତି ମହିଳାମାନେ । ଆସନ୍ତୁ ଜାଣିବା କେଉଁ ଡ୍ରେସ୍ ସହ କେଉଁ ବ୍ୟାଗ୍ କ୍ୟାରି କରାଯାଇପାରିବ ।**





### ଗୋଲ୍ଡେନ୍ ଏବଂ ସିଲଭର ପୋଟଲୀ :

ଟ୍ରାଡିଶନାଲ ଲୁକ୍ ଯେପରି ଶାଢ଼ି କିମ୍ୱା ଇଣ୍ଡୋଓ୍ୱେଷ୍ଟର୍ଣ୍ଣ ଆଉଟ୍‌ଫିଟ୍ ସହ ଆପଣ ଗୋଲ୍ଡେନ୍ ଏବଂ ସିଲଭର ପୋଟଲୀ ବ୍ୟବହାର କରିପାରିବେ । ସାଧାରଣତଃ ମହିଳାମାନେ ଏହି ବ୍ୟାଗକୁ ଶାଢ଼ି ଏବଂ ଲେହେଙ୍ଗା ସହ କ୍ୟାରି କରୁଥିବା ଦେଖିବାକୁ ମିଳେ । ସିଲ୍କ ଶାଢ଼ି କିମ୍ୱା ବନାରସୀ ଶାଢ଼ି ସହ ଗୋଲ୍ଡେନ୍ ପୋଟଲୀ ବ୍ୟାଗ କ୍ୟାରି କଲେ ଏହା ଆପଣଙ୍କୁ ରୟାଲ ଲୁକ୍ ଦେବ । ଗୋଲ୍ଡେନ୍ ଏବଂ ସିଲଭର ପୋଟଲୀର ବିଭିନ୍ନ ଡିଜାଇନ୍ ମାର୍କେଟରେ ଉପଲବ୍ଧ ।

### କ୍ଲଚ ବ୍ୟାଗ୍ :

ମହିଳାମାନେ ସବୁବେଳେ ଷ୍ଟାଇଲିସ୍ ରହିବାକୁ ପସନ୍ଦ କରିଥାନ୍ତି । ସେଥିପାଇଁ ସେମାନେ ସବୁବେଳେ ଟ୍ରେଣ୍ଡକୁ ଫଲୋ କରିଥାନ୍ତି । ଯେହେତୁ ବର୍ତ୍ତମାନ ବିବାହ ଋତୁ ଚାଲିଛି ସେଥିପାଇଁ ମହିଳାମାନେ ନିଜ ଷ୍ଟାଇଲିସ୍ ଲୁକ୍ ପାଇଁ ପ୍ରସ୍ତୁତି ଆରମ୍ଭ କରିସାରିଲେଣି । ତେବେ ପ୍ରତ୍ୟେକ ମହିଳାଙ୍କ ପାଖରେ କ୍ଲଚ୍ ବ୍ୟାଗ୍ ରହିବା ଆବଶ୍ୟକ, କାରଣ ଏହି ବ୍ୟାଗ୍ ପ୍ରତି ଓ୍ୱେଡିଙ୍ଗ ଆଉଟଫିଟ୍ ସହ ମ୍ୟାଚ୍ କରିଥାଏ ଯେପରି ଲେହେଙ୍ଗା, ଶାଢ଼ି, ଗାଉନ୍ ଆଦି । ଏହାଛଡ଼ା କଲଚ୍ ବ୍ୟାଗ୍ ଓ୍ୱେଷ୍ଟର୍ଣ୍ଣ ଡ୍ରେସ୍ ସହ ମଧ ଆପଣ କ୍ୟାରି କରିପାରିବେ ।





### ମନିପର୍ସ :

ମନି ପର୍ସ ସାଧାରଣତଃ ଓ୍ୱେଷ୍ଟର୍ଣ୍ଣ ଆଉଟଫିଟ୍ ସହ କ୍ୟାରି କରାଯାଏ । ଏହି ବ୍ୟାଗକୁ କ୍ୟାରି କରିବା ସହଜ । ମହିଳାମାନେ ସାଧାରଣତଃ କଲେଜ ପାର୍ଟି, ଅଫିସ୍ ପାର୍ଟି ଏବଂ ଇଭେଣ୍ଟ ଶୋକୁ ଓ୍ୱାନ୍‌ପିସ୍ ସହ ମିନି ବ୍ୟାଗ୍ କ୍ୟାରି କରୁଥିବା ଦେଖାଯାଉଛି । ମିନିବ୍ୟାଗ୍ କ୍ୟାରି କରୁଥିବା ଦେଖାଯାଛି । ମିନି ବ୍ୟାଗ୍ କ୍ୟାରି କରୁଥିବା ଦେଖାଯାଉଛି ।

# ବାଇଗଣ ପରିବାର ଉପକାରିତା

**ନିକଟରେ ଆମେରିକୀୟ ଗବେଷକଗଣ ପ୍ରକାଶ କରିଛନ୍ତି, ଦୈନିକ ବାଇଗଣ ଖାଇବା ଶରୀର ପାଇଁ ଭଲ ।**


- ବାଇଗଣ ଭର୍ତ୍ତାରେ ଛୋଟ ଚାମଚରେ ଏକ ଚାମଚ ମହୁ ମିଶାଇ ଖାଇଲେ ନିଦ ଭଲ ହୋଇଥାଏ । ରାତିରେ ଏହା ଖାଇବା ଅଧିକ ଲାଭପ୍ରଦ ।
- ବାଇଗଣ ସୁପରେ ହେଙ୍ଗୁ ଓ ରସୁଣ ସମପରିମାଣରେ ମିଶାଇ ପିଇଲେ ଅମ୍ଳ ରୋଗରୁ ରକ୍ଷା ମିଳେ । ଆଫ୍ରିକୀୟ ଆଦିବାସୀଙ୍କ ମତରେ ବାଇଗଣ ପୋଡ଼ାକୁ ଗୋଟା ଖାଇଲେ କାଶ ସମସ୍ୟାରୁ ମୁକ୍ତି ମିଳେ ।
- ସକାଳ ଜଳଖିଆରେ ବାଇଗଣ ଭର୍ତ୍ତାରେ ଅଳ୍ପ ଚିନି ମିଶାଇ ଖାଇଲେ ରକ୍ତ ଜନିତ ରୋଗର ଆଶଙ୍କା କମ ହୁଏ ।
- ଗବେଷକଙ୍କ ମତରେ, ବିଷାକ୍ତ ଛତୁ ଖାଇଦେଲେ, ଗୋଟା ବାଇଗଣକୁ ଚକଟି ତୁରନ୍ତ ଖାଇଲେ ବିଷ କ୍ରିୟା ପ୍ରଭାବହିନ ହୋଇଥାଏ ।
- ଏଥିରେ ଖାଦ୍ୟତନ୍ତୁ ପ୍ରଚୁର ପରିମାଣରେ ଥାଏ । ଟାଇପ-୨ ମଧୁମେହ ରୋଗୀ ଏହାକୁ ନିୟମିତ ଖାଇଲେ ଶର୍କରା ନିୟନ୍ତ୍ରଣାଧୀନ ହୁଏ । ହୃଦରୋଗୀଙ୍କ ପାଇଁ ଏହା ଏକ ଉତ୍ତମ ପରିବା ।



# ପ୍ରଜନନ କ୍ଷମତା ଜଣାଇବ ‘ରୋବୋ ସେନସର୍’

ସାଧାରଣତଃ ଲୁଟେନାଇଜିଂ ହର୍ମୋନ୍ ମହିଳାମାନଙ୍କୁ ପ୍ରଜନନକ୍ଷମ କରାଇଥାଏ । ଗର୍ଭଧାରଣରେ ଏଲଏଚର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଏହି ହର୍ମୋନର ଉପସ୍ଥିତି ଓ ଦକ୍ଷତା ବାବଦରେ ଜାଣିବା ଲାଗି ରକ୍ତ ପରୀକ୍ଷା କରିବାକୁ ପଡୁଥିଲେ ହେଁ, ତାହା ସମୟସାପେକ୍ଷ, ବ୍ୟବହୁଳ ଏବଂ ବେଳେବେଳେ ସ୍ପଷ୍ଟ ଚିତ୍ର ମିଳେ ନାହିଁ । ଏବେ ସ୍ୱାସ୍ଥ୍ୟ - ବିଜ୍ଞାନୀଙ୍କ ଦ୍ୱାରା ଏକ ନୂଆ ଯନ୍ତ୍ର ବିକଶିତ ହୋଇଛି, ଯାହା ଏଲଏଚ ବାବଦରେ କମ ସମୟରେ ସଠିକ୍ ସୂଚନା ଦେବାକୁ ସକ୍ଷମ । ଶକ୍ତିଶାଳୀ ସେନସରଯୁକ୍ତ ଯନ୍ତ୍ରଟି ‘ରୋବୋଟିକ୍ ଏପିଟି ଇଲେକ୍ଟ୍ରୋକେମିକାଲ ରିଡର’ ଭାବେ ନାମିତ । ଲଣ୍ଡନର ଇମ୍ପେରିଆଲ କଲେଜ ଏବଂ ହଂକଂ ବିଶ୍ୱବିଦ୍ୟାଳୟର ସ୍ୱାସ୍ଥ୍ୟ-ଗବେଷକମାନେ ବୈଷୟିକ ଜ୍ଞାନ-କୌଶଳ ଉପଯୋଗରେ ତାହା ବିକଶିତ କରିଥିବା ପ୍ରକାଶ । ‘ନେଚର କମ୍ୟୁନିକେସନ’ ପତ୍ରିକାରେ ଏ ବାବଦରେ ବିସ୍ତୃତ ରିପୋର୍ଟ ପ୍ରକାଶ ପାଇଛି ।

# ମାଷ୍ଟାର୍ଡର ଯାଦୁ



**ରଙ୍ଗ ମଣିଷ ଜୀବନରେ ଉତ୍ସାହ ଏବଂ ଉଲ୍ଲାସର ପ୍ରତୀକ ଭାବେ ଜଣାଯାଏ । ହଳଦିଆ ରଙ୍ଗ ତ ଅସୀମ ଶକ୍ତିର ପ୍ରତୀକ । ଆଉଟଫିଟରୁ ନେଇ ଆସୋସୋରିଜ୍ ପର୍ଯ୍ୟନ୍ତ ଏ ରଙ୍ଗର ବ୍ୟବହାର ମନରେ ଆତ୍ମତୃପ୍ତି ଭରିଦିଏ । ମୁଡକୁ ଆଉ ଟିକିଏ ଆନନ୍ଦରେ ଭରିବାକୁ ଏ ମାସରେ ଟ୍ରାଏ କରନ୍ତୁ ମାଷ୍ଟାର୍ଡ ରଙ୍ଗ ।**

- ‘ମଷ୍ଟାର୍ଡ’ ବା ଗାଢ଼ ହଳଦିଆ ରଙ୍ଗ ଏବେ ଫ୍ୟାଶନ୍ ଦୁନିଆରେ ଚହଳ ସୃଷ୍ଟି କରିଛି । ଏ ରଙ୍ଗର ପୋଷାକ, ନେକ୍‌ପିସ୍, ଷ୍ଟୋଲ, ଜୋତା ଏବଂ ହ୍ୟାଣ୍ଡବ୍ୟାଗ୍ ଚାହିଦାରେ ରହିଛି ।
- ମାଷ୍ଟାର୍ଡ ରଙ୍ଗର ଲେହେଙ୍ଗା ଏବେ ପାର୍ଟି ଫଙ୍କସନର ମୁଖ୍ୟ ଆକର୍ଷଣ ପାଲଟିଛି । ଏ ରଙ୍ଗର ଲେହେଙ୍ଗା ସାଙ୍ଗକୁ ଷ୍ଟୋନ୍ ବସା ନେକଲେସ ଏବଂ ଇୟରିଙ୍ଗ ବେଶ ମାନିଥାଏ ।
- ଶାଢ଼ି ଯଦି ମାଷ୍ଟାର୍ଡ ରଙ୍ଗର ହୋଇଥାଏ, ତେବେ ଜାଣିନିଅନ୍ତୁ ସମସ୍ତଙ୍କ ଦୃଷ୍ଟି ଆପଣଙ୍କ ଉପରେ ରହିବ । ଭିଡ଼ ଭିତରୁ ବି ଅଲଗା ବାରିହୋଇ ପଡ଼ିବେ ।
- ଏବେ ମଷ୍ଟାର୍ଡ ରଙ୍ଗର ନେକପିସ୍ ମାର୍କେଟରେ ଉପଲବ୍ଧ ଯାହା କପଡ଼ା ଏବଂ ଉଲରେ ତିଆରି । ଏହାକୁ କାଜୁଆଲ କିମ୍ୱା ପାର୍ଟି ଫଙ୍କସନରେ ମଧ ପିନ୍ଧିପାରିବେ ।
- ଇୟରରିଙ୍ଗ ବିନା ସବୁ ଅଧୁରା ଲାଗେ । ଏଣୁ ମଷ୍ଟାର୍ଡ ରଙ୍ଗର ଲଙ୍ଗ ଟସେଲ ଇୟରରିଙ୍ଗକୁ ଆପଣ ସବୁ ଆଉଟଫିଟରେ ପିନ୍ଧିପାରିବେ । ଏଭଳି ଇୟରରିଙ୍ଗ ପିନ୍ଧିଥିଲେ ଅନ୍ୟକୌଣସି ଆସେସୋରିଜର ଆବଶ୍ୟକତା ପଡ଼ିବନି ।

# ସୁଖଦ ନିଦ୍ରା ହିଁ ସୁନ୍ଦରତାର ଉପଚାର....

**କାର୍ଯ୍ୟରତ ଜୀବନରେ ସୁନ୍ଦରତା ପ୍ରତି ଦୃଷ୍ଟି ଦେବା ହୋଇଯାଏ କଷ୍ଟସାଧ ବ୍ୟାପାର ହେଲେ ଶୋଇବା ପୂର୍ବରୁ କିଛି ନିୟମ ମାନିବା ଦ୍ୱାରା ମୁଖର ସୁନ୍ଦରତା ବୃଦ୍ଧି ହେବା ସହ ମାନସିକ ଭାରାକ୍ରାନ୍ତରୁ ମଧ ମୁକ୍ତି ମିଳିଥାଏ । ଦୈନନ୍ଦିନ ଜୀବନରେ ଏହିପରି କିଛି ନିୟମ ମାନିବା ଦ୍ୱାରା ସୁନ୍ଦରତା କ୍ରମାଗତ ଭାବେ ବୃଦ୍ଧି ପାଇଥାଏ ।**

- ରାତିରେ ଶୋଇବା ପୂର୍ବରୁ ୩୦ମିନିଟ୍ ଥଣ୍ଡା ପାଣିରେ ଗାଧୋଇବା ଦ୍ୱାରା ଦେହରୁ ଦୁର୍ଗନ୍ଧ ସହ ଥକ୍କାପଣ ମଧ ଦୂର ହୁଏ । ଏଥିରେ ଗୋଲାପର ପାଖୁଡ଼ା ପକାଇ ଗାଧେଇବା ଦ୍ୱାରା ମାନସିକ ଚିନ୍ତାକୁ ମଧ ମୁକ୍ତି ମିଳିଥାଏ ।
- ଶୋଇବା ପୂର୍ବରୁ ଉଷୁମ କ୍ଷୀରରେ ହଳଦୀ ପକାଇ ପିଇବା ଦ୍ୱାରା ଶରୀରରୁ ବିଷାକ୍ତ ପଦାର୍ଥ କଟିଯିବା ସହ ରକ୍ତ ସଫା ହୋଇଥାଏ । ନିଦ ମଧ ଶାନ୍ତିପୂର୍ଣ୍ଣ ହୋଇଥାଏ ।
- ପୂରାଦିନରେ ଆମ ଶରୀର ସହ ଆଖି ମଧ ଖୁବ୍ କାମ କରିଥାଏ ତେଣୁ ଶୋଇବା ପୂର୍ବରୁ ଆଖିର ଚାରିପଟେ କ୍ରିମରେ ଧୀରେ ଧୀରେ ମସାଜ କରିବା ଆବଶ୍ୟକ ।
- ଶୋଇବା ପୂର୍ବରୁ ଭଲରେ ଦାନ୍ତକୁ ବ୍ରଶ କରିବା ଆବଶ୍ୟକ । ରାତିରେ ଖାଇବା ପରେ ଦାନ୍ତକୁ ବ୍ରଶ କରିବା ଦ୍ୱାରା ଦାନ୍ତ ସଫା ହେବା ସହ ମୁଖର ସୁନ୍ଦରତା ବୃଦ୍ଧି ପାଇଥାଏ ।







# ସ୍ମରଣ ଶକ୍ତି ହ୍ରାସ କରେ ଚିନ୍ତା

ଚିନ୍ତାମୁକ୍ତ ନହେଲେ ଆପଣଙ୍କ ସ୍ମରଣଶକ୍ତି ଦୁର୍ବଳ ହୋଇଯିବ ବୋଲି ଏକ ଅଧ୍ୟୟନରୁ ଜଣାପଡ଼ିଛି । ନିକଟରେ ଷ୍ଟାନଫୋର୍ଡ଼ ବିଶ୍ୱବିଦ୍ୟାଳୟରେ କରାଯାଇଥିବା ଏକ ଅଧ୍ୟୟନରେ ଜଣାପଡ଼ିଛି ଯେ ଚିନ୍ତାଗ୍ରସ୍ତ କରାଉଥିବା ହରମୋନ ସ୍ତର ଅଧିକ ବୃଦ୍ଧି ପାଇବା ଯୋଗୁଁ ମସ୍ତିଷ୍କର ରଚନାତ୍ମକ ଶକ୍ତି ଓ ସ୍ମରଣ ଶକ୍ତି ହ୍ରାସ ପାଇଥାଏ । ଏହି ଅଧ୍ୟୟନରେ ଅଧ୍ୟୟନକରୀ ରବର୍ଟ ସାପୋଲ୍ସି ଏକ ମୂଷା ଉପରେ ଏହି ପରୀକ୍ଷା କରିଥିଲେ । ମୂଷାଠାରେ ଦେଖାଯାଇଥିବା ଅବସାଦ ପାଇଁ ଦାୟୀ କର୍ଟିକୋଷ୍ଟେରନ ନାମକ ହରମୋନ ମାନବ ମଧ୍ୟରେ ଥିବା କର୍ଟସୋଲ ସହ ସମାନ । ଏହି ହରମୋନ ବୃଦ୍ଧି ପାଇଲେ ପ୍ରିଫ୍ରଣ୍ଟଲ କାଟେକ୍ସ କୋଷିକା ବୃଦ୍ଧିପାଏ ଯେଉଁଥିପାଇଁ ସ୍ମରଣଶକ୍ତି ହ୍ରାସ ପାଏ ବୋଲି ଅଧ୍ୟୟନରେ କୁହାଯାଇଛି ।

# କେନ୍ଦୁଝରରେ ୩୫ ଲିଟର ଚୋରା ମଦ ଜବତ : ୪ ଗିରଫ

କେନ୍ଦୁଝର ,୧୩।୧୨ (ନି.ପ୍ର): କେନ୍ଦୁଝର ଜିଲ୍ଲା ର ବିଭିନ୍ନ ଅଂଚଳରେ ଚୋରା ମଦ ବେପାର ପ୍ରାୟତଃ ଏକ କୁଟୀର ଶିଳ୍ପ ଭାବେ ପରିଣତ ହୋଇ ସାରିଲାଣି । ଜିଲ୍ଲାର ଅବକାରୀ ଥାନା ରହିଥିଲେ ମଧ୍ୟ ଚୋରା ମଦ କାରବାର ଘଟଣାରେ ଅଙ୍କୁଶ ଲାଗିପାରୁନାହିଁ । ଜିଲ୍ଲାରେ ଚୋରାମଦ କାରବାର ବଢୁଥିଲେ ମଧ୍ୟ ନା ପୋଲିସ କିମ୍ବା ଅବକାରୀ ବିଭାଗ କେହି ବି ସେସବୁ ବନ୍ଦ କରିବା ଦିଗରେ ଅନ୍ତରିକତା ପ୍ରଦର୍ଶନ କରୁନାହାଁନ୍ତି । ଯେଉଁଥିପାଇଁ ଜିଲ୍ଲାରେ ଚୋରା ମଦ ବେପାର କାରବାର ବଢିବାରେ ଲାଗିଛି । ଦିନେ ଅଧେ ମଦ ଜବଦ କରି ବାହା ବା ନେବାକୁ ଚେଷ୍ଟା କରୁଛନ୍ତି । ଇତି ମଧ୍ୟରେ ଘଟଗାଁ ଅବକାରୀ ଥାନା ଅଧିକାରୀ କୃଷ୍ଣଚନ୍ଦ୍ର ପରିଡାଙ୍କ ନେତୃତ୍ୱରେ ଆଜି ଶନିବାର ଦିନ ଘଟଗାଁ ବ୍ଲକ ଅନ୍ତର୍ଗତ ବଡମସିଣାବିଲା, ବଡଘର, ଢେଙ୍କିକୋଟ ଓ ଦୁଖାବାହାଲି ଆଦି ଗ୍ରାମରେ ଅଚାନକ ଚଢାଉ କରି ୪ ଜଣ ଚୋରାମଦ ବେପାରିଙ୍କୁ ଗିରଫ କରାଯାଇଛି । ଗିରଫ ଅଭିଯୁକ୍ତ ମାନେ ହେଲେ ସଂଜୟ ପାତ୍ର, ସାବିତ୍ରୀ ମୁଣ୍ଡା, ବୁଦୁନୀ ମୁଣ୍ଡା ଓ ସନ୍ତୋଷ ମୁଣ୍ଡା । ଏମାନଙ୍କ ଠାରୁ ୩୫ ଲିଟର ମଦ ଜବତ ହୋଇଥିବା ବେଳେ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି । ଏହି ଚଢାଉରେ ଘଟଗାଁ ଅବକାରୀ ଥାନା ଅଧିକାରୀ କୃଷ୍ଣଚନ୍ଦ୍ର ପରିଡା, ଜତିନ୍ଦ୍ର ମହାନ୍ତ, ଲକ୍ଷ୍ମଣ ମହାନ୍ତ ଓ ରେବତୀ ସାହୁ ପ୍ରମୁଖ ସାମିଲ ଥିଲେ ।

# ଘର ଉପରେ ଗଛପଡି ବୃଦ୍ଧାଙ୍କର ମୃତ୍ୟୁ : ବାଳିକା ଗୁରୁତର

କନ୍ଧମାଳ,୧୩।୧୨ (ନି.ପ୍ର): ଫୁଲବାଣୀ ପିଅନପଡା ଅଂଚଳରେ ଥିବା ବନ୍ଧ ନିକଟରେ ଏକ ପୁରୁଣା ଘର ଉପରେ ବଡ ଆମ୍ବ ଗଛ ପଡିଯିବା ଫଳରେ ଘରେ ଥିବା ଜଣେ ବୃଦ୍ଧାଙ୍କର ଘଟଣା ସ୍ଥଳରେ ମୃତ୍ୟୁ ଘଟିଛି । ଏହା ସହିତ ଘରେ ଥିବା ଆଉ ଜଣେ ୪ ବର୍ଷର ବାଳିକା ଗୁରୁତର ଭାବରେ ଆହତ ହୋଇ ଫୁଲବାଣୀ ଡାକ୍ତରଖାନାରେ ଭର୍ତ୍ତି ହୋଇ ଚିକିତ୍ସିତ ହେଉଥିବା ଜଣାପଡିଛି । ସୂଚନା ଅନୁସାରେ ଆଜି ସଂନ୍ଧ୍ୟା ସମୟରେ ପିଅନପଡା ସ୍ଥିତ ହନୁମାନ ମୂର୍ତ୍ତି ପାଖରେ ଥିବା ଏକ ପୁରୁଣା ଗଛ ନିକଟରେ ଥିବା ଏକ ଘର ଉପରେ ପଡିଯାଇଥିଲା । ଫଳରେ ଘରଟି ଭାଙ୍ଗିଯିବା ସହିତ ଭିତରେ ଶୋଇଥିବା ବୃଦ୍ଧାଙ୍କ ଉପରେ ଘର ଭିତରେ ଥିବା ଆଲମାରିଟି ଚାପି ହୋଇଯାଇଥିବାରୁ ସେଠାରେ ତାଙ୍କର ମୃତ୍ୟୁ ଘଟିଛି । ମୃତ ବୃଦ୍ଧାଙ୍କ ନାମ ସୁକୁମଣି ବେହେରା(୫୫) ବୋଲି ଜଣାପଡିଛି । ସୁକୁମଣିଙ୍କ ନାତୁଣି ବେବୀ ମୁଖି ଏଥିରେ ଗୁରୁତର ଭାବରେ ଆହତ ହୋଇଥିଲା । ସ୍ଥାନୀୟ ଲୋକେ ଅଗ୍ନିଶମ ବିଭାଗକୁ ଖବର ଦେବାପରେ ସେଠାରେ ଅଗ୍ନିଶମ ବାହୀନି ସେଠାରେ ପହଂଚି ଗଛକୁ କାଟିବାପରେ ସେଠାରୁ ଆହତ ନାବାଳିକାକୁ ଉଦ୍ଧାର କରାଯାଇ ତାଙ୍କୁ ଫୁଲବାଣୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ଖବର ପାଇଁ ଫୁଲବାଣୀ ଆଦର୍ଶ ଥାନା ପୋଲିସ ସେଠାରେ ପହଂଚି ଶବକୁ ବ୍ୟବଚ୍ଛେଦ ପାଇଁ ପଠାଇବା ସହିତ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିବା ଜଣାପଡିଛି ।

# ମା' କ୍ଷେତ୍ରବାସିନୀ ପୀଠକୁ ରାଜ୍ୟ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ଦାବି

## ସମ୍ବର୍ଦ୍ଧନା ସଭାରେ ସାଂସଦ ଓ ବିଧାୟକଙ୍କ ପ୍ରତିଶ୍ରୁତି

ଭଦ୍ରକ,୧୩।୧୨ (ନି.ପ୍ର): ଭଦ୍ରକ ବ୍ଲକ୍ କଲେଇ ପଂଚାୟତର ଚୁନିଦାସ୍ଥିତ ମା' କ୍ଷେତ୍ରବାସିନୀ ଓ ଓଁ ଶ୍ରୀ ଶ୍ରୀ ମା' ସପ୍ନେଶ୍ୱରୀ ସନ୍ତୋଷୀ ଦେବୀ ମନ୍ଦିର ପୀଠକୁ ରାଜ୍ୟ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ଦେବା ନେଇ ଏକ ସ୍ମାରକପତ୍ର ସ୍ଥାନୀୟ ଅଂଚଳବାସୀଙ୍କ ପକ୍ଷରୁ ଭଦ୍ରକ ବ୍ଲକ୍ ପଂଚାୟତ ସମିତି ଉପାଧକ୍ଷା ଜ୍ୟୋସ୍ନାମଂଜରୀ ରାଉତ, ସରପ ମିନାକ୍ଷୀ ପରିଡା, ସ୍ୱାଧୀନତା ସଂଗ୍ରାମୀ ହୃଦାନନ୍ଦ ରାଉତ, ଶିକ୍ଷାବିତ୍ ପୁରସ୍ତମ ସାହୁ, ଯୁବ ସମାଜସେବୀ ତୁଷାରକାନ୍ତି ପରିଡା, ସମାଜସେବୀ ନିତ୍ୟାନନ୍ଦ ବେହେରା, ଶିକ୍ଷାବିତ୍ ବାବୁଲା ରାଉତ, ଗୌରୀଗୋପାଳ ଜେନା, ରମାକାନ୍ତ ରାୟ, କ୍ଷେତ୍ରବାସୀ ହାଇସ୍କୁଲର ପ୍ରଧାନ ଶିକ୍ଷକ ଭୀମଚରଣ ପରିଡା, କୃଷ୍ଣଚନ୍ଦ୍ର ବେହେରାଙ୍କ ସମେତ ଶତାଧିକ ବିଭିନ୍ନ ବର୍ଗର ଜନସାଧାରଣ ମନ୍ଦିର ପ୍ରତିଷ୍ଠା ଉତ୍ସବର ସମ୍ବର୍ଦ୍ଧନା ସଭାରେ ମୁଖ୍ୟଅତିଥି ଓ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିବା ଭଦ୍ରକ ସାଂସଦ ମଂଜୁଲତା ମଣ୍ଡଳ ଓ ବିଧାୟକ ସଂଜୀବ କୁମାର ମଲ୍ଲିକଙ୍କୁ ପୃଥକ୍ ପୃଥକ୍ ଭାବେ ପ୍ରଦାନ କରିଛନ୍ତି । ଯୁବ ସମାଜସେବୀ ଅଭିରାମ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଉତ୍ସବରେ ଅନ୍ୟତମ ସମ୍ମାନିତ ଅତିଥି ଭାବେ ପୂର୍ବତନ ବ୍ଲକ୍ ଅଧକ୍ଷ ମଳୟ ଜେନା, ସନ୍ତୋଷୀ ଦେବୀ ମନ୍ଦିରର ପ୍ରତିଷ୍ଠାତା ବାସନ୍ତୀଲତା ପରିଡା ଓ ପୀତାମ୍ବର ପରିଡା ମଧ ଉପସ୍ଥିତ ଥିଲେ । ଏହି ଅବସରରେ ମା' ସନ୍ତୋଷୀ ଦେବୀଙ୍କର ଏକ ପୁସ୍ତକ ଉନ୍ମୋଚନ ହୋଇଥିବାବେଳେ ସ୍ଥାନୀୟ ଅଂଚଳର ବରିଷ୍ଠ ସ୍ୱାଧୀନତା ସଂଗ୍ରାମୀ ହୃଦାନନ୍ଦ ରାଉତ, ସାମ୍ବାଦିକ ପ୍ରମୋଦ ରାୟ, ପଂଚାୟତ ସମିତି ଉପାଧକ୍ଷା ଜ୍ୟୋସ୍ନାମଂଜରୀ ରାଉତ, ସରପ ମିନାକ୍ଷୀ ପରିଡା, ଗ୍ରାମା ଳ ଥାନାଧିକାରୀ ଆଲୋକ ଜେନା, ଯୁବ ସମାଜସେବୀ ସନ୍ତୋଷ ଦାସ ପ୍ରମୁଖଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ତେବେ ଏହି ସ୍ମାରକପତ୍ରରେ ଉଲ୍ଲେଖ ଥିବା ତଥ୍ୟ ଅନୁଯାୟୀ ଏହି ସ୍ଥାନ ରାଜ୍ୟର ଅନ୍ୟ ସ୍ଥାନ ଭଳି ଓଡ଼ିଶା ଇତିହାସରେ ଏକ ସ୍ୱତନ୍ତ୍ର ସ୍ଥାନ ଅଟେ । ପ୍ରତିବର୍ଷ ମକର ସଂକ୍ରାନ୍ତି ଅବସରରେ ଏହି ଶକ୍ତିପୀଠରେ ହୋମଯଜ୍ଞ ହେବା ସହ ୩ ଦିନ ଧରି ଯେଉଁ ମକର ମେଳା ଅନୁଷ୍ଠିତ ହୁଏ ତାହା ନଦେଖିଲେ ବିଶ୍ୱାସ କରି ହେବ ନାହିଁ । ଭଦ୍ରକ ଜିଲାର ପୁରାତନ ଜଗନ୍ନାଥ ସଡକ (ଯାହା ପୂର୍ବରୁ ପୁରୀ ଶ୍ରୀକ୍ଷେତ୍ରରୁ କୋଲକାତା ପର୍ଯ୍ୟନ୍ତ ପରିବ୍ୟାପ୍ତ ଥିଲା) ଏବେ ଭଦ୍ରକ ବ୍ଲକର କଲେଇ ପ ାୟତ ଦେଇ ଧାମନଗର ଯାଇଛି । ଏଠାରେ ମା' କ୍ଷେତ୍ରବାସିନୀଙ୍କ ଆସ୍ଥାନ । ଏବେ ଏଠାରେ ମା' ସ୍ୱପ୍ନେଶରୀ ସନ୍ତୋଷୀ ଦେବୀ ମନ୍ଦିର ପ୍ରତିଷ୍ଠା ହେବାରୁ ଏହାର ମହତ୍ୱ ବୃଦ୍ଧି ପାଇଛି । ତେବେ ମା' କ୍ଷେତ୍ରବାସିନୀଙ୍କ ଇତିହାସରୁ ଜଣାଯାଏ ପୂଣ୍ୟତୋୟା କପାଳୀ ନଦୀ କୂଳରେ ପ୍ରତିଷ୍ଠିତ ଏହି ପୀଠ ପ୍ରାୟ ଷୋଡଶ ଶତାବ୍ଦୀର । ଓଡିଶାର ଶେଷ ସ୍ୱାଧିନ ରାଜା ମୁକୁନ୍ଦଦେବ ଏହି ରାସ୍ତା ଦେଇ ଯିବା ସମୟରେ ମା'ଙ୍କୁ ପ୍ରତିଷ୍ଠା କରିଥିଲେ । ସେହିଦିନରୁ ଏଠାରେ ମା' ପୂଜା ପାଇଆସୁଛନ୍ତି । ସମୟକ୍ରମେ ସ୍ଥାନୀୟ ଲୋକେ ମା'ଙ୍କର ଶ୍ରେଷ୍ଠ ପୂଜାଭାବେ ପବିତ୍ର ମକର ସଂକ୍ରାନ୍ତିକୁ ୩ ଦିନଧରି ପୂଜା କଲେ । ଯାହାର ଇତିହାସ ପ୍ରାୟ ୫୦୦ ବର୍ଷରୁ ଉର୍ଦ୍ଧ୍ୱ ହେବବୋଲି ଜଣାଯାଏ । ଏପରି ସ୍ଥଳେ ଏହି ଶକ୍ତିପୀଠ ପ୍ରତି ସରକାରଙ୍କର ପର୍ଯ୍ୟଟନ ବିଭାଗ କି ପ୍ରଶାସନର କୌଣସି ଶୁଭ ଦୃଷ୍ଟି ପଡୁନଥିବାରୁ ଏପର୍ଯ୍ୟନ୍ତ ଏହା ରାଜ୍ୟବାସୀଙ୍କ ଦୃଷ୍ଟି ଆଢୁଆଳରେ ରହିଆସିଅଛି । ତେବେ ଏହି ସ୍ମାରକପତ୍ର ଗ୍ରହଣ କରିବା ସମୟରେ ଉଭୟ ଜନ ପ୍ରତିନିଧି ଖୁବ୍‌ଶୀଘ୍ର ଏଠାରେ ଏକ କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ଅର୍ଥ ମଂଜୁର ହୋଇଥିବାର ସୂଚନା ଦେଇ ସେମାନଙ୍କର ଦାବିକୁ ସରକାରଙ୍କ ନିକଟରେ ଉପସ୍ଥାପନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ ।

# ସ୍ୱର୍ଗତ ଶିକ୍ଷକ ସୁରେନ୍ଦ୍ର ଦାସଙ୍କୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ଭଦ୍ରକ,୧୩।୧୨ (ନି.ପ୍ର): ଗତ ଗୁରୁବାର ଅପରାହ୍ନରେ ସଡକ ଦୁର୍ଘଟଣାରେ ପ୍ରାଣହରାଇଥିବା ଅବସରପ୍ରାପ୍ତ ଶିକ୍ଷକ ତଥା ସାହିତ୍ୟିକ ସୁରେନ୍ଦ୍ର ଦାସଙ୍କୁ ଶାରଦା ବିଦ୍ୟାମନ୍ଦିର ପରିସରରେ ଶନିବାର ଅଶ୍ରୁଳ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରାଯାଇଛି । ଭଣ୍ଡାରିପୋଖରୀ ସାହିତ୍ୟ ସଂସଦ କାର୍ଯ୍ୟକାରୀ ସଭାପତି ପ୍ରକାଶ ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ସ୍ମୃତିସଭାକୁ ଅବସରପ୍ରାପ୍ତ ଶିକ୍ଷକ ନଟବର ରାଉଳ, ଜଗନ୍ନାଥ ପଣ୍ଡା, ପବନ କୁମାର ନାୟକ, ଡମ୍ବରୁଧର ବେହେରା ସ୍ୱର୍ଗତ ଦାସଙ୍କ ଫଟୋଚିତ୍ରରେ ପ୍ରଦୀପ ପ୍ରଜ୍ଜ୍ୱଳନ କରି ଆରମ୍ଭ କରିଥିଲେ । ସାହିତ୍ୟିକ ଜଗନ୍ନାଥ ପଣ୍ଡା ଶାନ୍ତିସ୍ତୋତ୍ର ପାଠ କରିଥିଲେ ।

# ଏଟିଏମ ଲୁଟ ଉଦ୍ୟମ : ୫ ଗିରଫ

## ଖଣ୍ଡା, ବୋମା, କଟର ମେସିନ୍ ଆଦି ଜବତ

ପୁରୀ,୧୩।୧୨ (ନି.ପ୍ର): ଗୁରୁବାର ବିଳମ୍ବିତ ରାତିରେ ବଳିଆପଣ୍ଡା ଥାନା ଅନ୍ତର୍ଗତ ଦାମୋଦର ରୋଡଠାରେ ଥିବା ଏକ ଏଟିଏମକୁ ଲୁଟ କରିବା ଯୋଜନାକୁ ବଳିଆପଣ୍ଡା ପୁଲିସ ଫଣ୍ଡ କରିଛି । ବଳିଆପଣ୍ଡା ଥାନାର ଏଏସଆଇ ରବିନ୍ଦ୍ର କୁମାର ପ୍ରଧାନଙ୍କ ସୂଚନାକୁ ଭିତ୍ତିକରି ୫ଜଣଙ୍କୁ ପୁଲିସ ଗିରଫ କରିଛି । ସେମାନେ ହେଲେ କୁମ୍ଭାରପଡା ଥାନା ଅନ୍ତର୍ଗତ ବଡଶଙ୍ଖ ସୁଦର୍ଶନ ନଗରର ରମେଶ ବାରିକ (୨୯), ସମୁଦ୍ରକୂଳ ଥାନା ଅନ୍ତର୍ଗତ ପେଣ୍ଠକଟା ଭୂଦାନ ନଗରର ରବି ସୁବୁଦ୍ଧି (୩୧), ମହେନ୍ଦ୍ର ସାହୁ (୨୨), ଟାଉନଥାନା ଅନ୍ତର୍ଗତ ଜଗନ୍ନାଥ ବଲ୍ଲଭର ଚନ୍ଦନ ଦାସ (୨୪) ଓ ବଳିଆପଣ୍ଡା ଶିବଶକ୍ତି ବସ୍ତିର ମାଧବ ମଣ୍ଡଳ (୩୧) । ସମସ୍ତ ଅଭିଯୁକ୍ତଙ୍କୁ ପୁଲିସ କୋର୍ଟ ଚାଲାଣ କରିଛି । ସେମାନଙ୍କଠାରୁ ଗୋଟିଏ ଖଣ୍ଡା, ଗୋଟିଏ ହାତ ତିଆରି ବୋମା, ବେଣ୍ଟଲଗା ଆରି କଟର, କଟର ମେସିନ୍, ଦୁଇଟି ଲୁହାଛଡ, ଦୁଇଟି ନମ୍ବର ବିହୀନ ମୋଟର ସାଇକେଲ, ବାରୁଦ, ଝୋଟ ସୁତୁଲି, ନିହଣ ଓ କିଛି କାଛଖଣ୍ଡ ଜବତ କରିଛି । ସେମାନଙ୍କ ନାମରେ ବଳିଆପଣ୍ଡା ଥାନାରେ ୧୬୪/୨୦୨୦ କ୍ରମେ ଭାରତୀୟ ଦଣ୍ଡବିଧି ଆଇନ ୩୯୯,୪୦୨, ୩୫୩, ୩୦୭ ଓ ଅସ୍ତ୍ରଶସ୍ତ୍ର ନିରୋଧ ଆଇନ ସେକ୍ସନ ୨୫ ଅନୁଯାୟୀ ମାମଲା ରୁଜୁ କରାଯାଇଛି । ଏହି ଗିରଫ ଫଳରେ ସଂପୃକ୍ତ ଅଞ୍ଚଳରେ ଅପରାଧୀଙ୍କ ମଧରେ କୋକୁଆ ଭୟ ସୃଷ୍ଟି ହୋଇଛି ।

# କେନ୍ଦ୍ରାପଡା ସହରର ମୁଖ୍ୟ ରାସ୍ତା ଉପରେ ବୁଲାଗୋରୁଙ୍କ ମେଳି

କେନ୍ଦ୍ରାପଡା,୧୩।୧୨ (ନି.ପ୍ର): କେନ୍ଦ୍ରାପଡା ସହରର ମୁଖ୍ୟ ସ୍ଥାନ ଓ ରାସ୍ତା ମାନଙ୍କରେ ବୁଲା ଗୋରୁଙ୍କ ଗହଳି ଟ୍ରାଫିକ ସମସ୍ୟା ସୃଷ୍ଟି କରିବା ସହ ପଥଚାରୀ ମାନଙ୍କ ପାଇଁ ଅଯଥା ଗହଳି ସୃଷ୍ଟି କରୁଛି । ସ୍ଥାନୀୟ ଅଂଚଳର କେତେକ ବ୍ୟକ୍ତି ସେମାନଙ୍କ ପାଳିତ ଗୋରୁଗାଈ , ଛେଳି ମେଣ୍ଢା ଆଦି ଗୃହପାଳିତ ପଶୁ ମାନଙ୍କୁ ବାହାରକୁ ଛାଡି ଦେଉଥିବାରୁ ସେମାନଙ୍କ ସହ ଷଣ୍ଢ ମାନେ ବିଭିନ୍ନ ରାସ୍ତା ମାନଙ୍କରେ ଗହଳି ଜମାଉଥିବା ଲକ୍ଷ୍ୟ କରାଯାଉଛି । ଏହି ଗୋରୁଗାଈ ମାଲିକ ମାନେ କେବଳ କ୍ଷୀରଦୁଆଁ ସମୟରେ ଏମାନଙ୍କୁ ଘରେ ରଖି ଅନ୍ୟ ସମୟରେ ରାସ୍ତାକୁ ଛାଡୁ ଥିବାରୁ ଅନ୍ୟ ମାନଙ୍କ ପାଇଁ ଏହା ସମସ୍ୟା ସୃଷ୍ଟି କରୁଛି । ପୌର ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଉ ନଥିବାରୁ ଏବେ ବହୁ ସଂଖ୍ୟାରେ ଗୋରୁଗାଈ, ଛେଳି ମେଣ୍ଢାଙ୍କୁ ରାସ୍ତା ଉପରେ ଦେଖିବାକୁ ମିଳୁଛି । ତୁରନ୍ତ ଏଥିପ୍ରତି ପୌର ପ୍ରଶାସନ ଦୃଷ୍ଟିଦେଇ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି କରାଯାଇଛି ।

# ପ୍ରଥମ ସ୍ତ୍ରୀକୁ ନିର୍ଯ୍ୟାତନା : ସ୍ୱାମୀ ସହ ୫ ଜଣଙ୍କ ନାମରେ ମାମଲା

ଜୟପୁର,୧୩।୧୨ (ନି.ପ୍ର): ଜୟପୁର ମହିଳା ଥାନାରେ ପ୍ରଥମ ସ୍ତ୍ରୀ କୁ ନିଯ୍ୟାତନା ଦେଇ ଘର ବାହାର କ କରି ଦ୍ୱିତିୟ ସ୍ତ୍ରୀ ଗ୍ରହଣ କରିଥିବା ନେଇ ଅଭିଯୋଗ ହୋଇଛି । ପୋଲିସ ସୁତ୍ର ରୁ ପ୍ରକାଶ ଯେ କୋରାପୁଟ ଜିଲା ବୈପାରିଗୁଡା ଅଂଚ ଳର ଦେବକି ଗଲରି ଗତ ୨୦୦୭ ମସିହାର ନବରଙ୍ଗପୁର ଜିଲା ବାଣିଆଁ ଗ୍ରାମର ଆଲବନ ହରିଜନ କୁ ବିବାହ କରିଥିଲେ । ସ୍ୱାମି ଅଲବନ ପ୍ରତ୍ୟେକ ଦିନ ଦେବକି ଶାରିରିକ ଓ ମାନସିକ ନିର୍ଯ୍ୟାତନଦେଉଥିଲେ । ପରେ ସ୍ୱାମୀ ଆଲବନ ଦ୍ୱିତୀୟ ସ୍ତ୍ରୀ ଗ୍ରହଣ କରି ଗତ ଏପ୍ରିଲ ୨୦୨୦ ରେ ଦେବକି କୁ ମାର ମିଟ କରି ଜୀବନରେ ମାରିଦେବାକୁ କହି ଘରୁ ଶାଶୁ , ଶଶ୍ୱରୁ, ଦେଢଶୁର, ଦ୍ୱିତୀୟ ସ୍ତ୍ରୀ ଓ ସ୍ୱାମୀ ମିଶି ତଡି ଦେଇ ଥିଲେ ।ଏ ମାନଙ୍କର ୨ଟି ପୁଅ ଓ ୨ ଟି ଝିଅ ରହିଛି । ଦେବକି ସ୍ୱାମୀ ତଡିଦେବା ପରେ ବାପ ଘରେ ରହୁଛି । ଏନେଇ ଆଜି ମହିଳା ଥାନାରେ ନିର୍ଯ୍ୟାତନନେଇ ଅଭିଯୋଗ ଦେବାରୁ ପୋଲିସ ୭୫/୨୦ ମାମଲା ରୁଜୁ କରି ଥିବା ବେଳେ ମାମଲା କୁ ଏଏସଆଇ ଜିଗିଲି ଗମାଙ୍ଗୋ ତଦନ୍ତ କରୁଥିବା ଜଣାଯାଇଛି ।

# ବିଧାୟକ ବିଷ୍ଣୁ ସେଠୀଙ୍କୁ ତୁରନ୍ତ ଗିରଫ କର

ଭଦ୍ରକ, ୧୩ ଡିସେମ୍ବର (ହି.ସ.) - ୧୦ ଡିସେମ୍ବରକୁ ପୃଥିବୀ ତମାମ ମାନବ ଅଧିକାର ଦିବସ ରୂପେ ପାଳନ କରାଯାଉଥିବା ବେଳେ ଭଦ୍ରକର ଏକ ହୋଟେଲରେ ଅନୁଷ୍ଠିତ ହେଉଥିବା ଏହି ଉପଲକ୍ଷେ ସଭାରେ ବିରୋଧୀ ଦଳର ଉପନେତା ତଥା ବିଜେପିର ବରିଷ୍ଠ ନେତା ଧାମନଗର ବିଧାୟକ ବିଷ୍ଣୁ ସେଠୀ ନାରୀମାନଙ୍କ ପ୍ରତି ଅଭଦ୍ରୋଚିତ ଅସାମ୍ବିଧାନିକ ମନ୍ତବ୍ୟ ଦେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ନାରୀଜାତି ପ୍ରତି ତାଙ୍କର ଅଶାଳୀନ ମନ୍ତବ୍ୟକୁ ପ୍ରତିବାଦ କରି ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତିର ସର୍ବଭାରତୀୟ ସମ୍ପାଦିକା ତାପସୀ ପ୍ରହରାଜ ଶ୍ରୀଯୁକ୍ତ ସେଠୀଙ୍କ ବିରୁଦ୍ଧରେ ଭଦ୍ରକ ଏସ୍‌ପିଙ୍କଠାରେ ଲିଖିତ ଅଭିଯୋଗ କରିଛନ୍ତି । ତୁରନ୍ତ ଶ୍ରୀ ସେଠୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ତାଙ୍କୁ ଗିରଫ କରିବାକୁ ସମିତି ପକ୍ଷରୁ ଦାବି କରାଯାଇଛି । ଶ୍ରୀ ସେଠୀ ସଭାକୁ ନିମନ୍ତ୍ରିତ ହୋଇ ନଥିବା ସତ୍ତ୍ୱେ ତାଙ୍କର ଉପସ୍ଥିତିକୁ ଦେଖି ଆୟୋଜକମାନେ ତାଙ୍କୁ ସଭାରେ ଜଣେ ଅତିଥି ଭାବେ ମ ।ସିନ କରାଇଥିଲେ । ସଭାରେ ତାଙ୍କୁ କହିବାର ସୁଯୋଗ ମଧ ଦିଆ ଯାଇଥିଲା । ମାତ୍ର ଶ୍ରୀଯୁକ୍ତ ସେଠୀ ଜଣେ ନିର୍ବାଚିତ ପ୍ରତିନିଧି ହୋଇ ମଧ ସୌଜନ୍ୟତାର ସବୁ ସୀମା ଲଂଘି 'ମହିଳାମାନେ କେବେ ବି ପୁରୁଷଙ୍କ ସହ ସମାନ ହୋଇ ପାରିବେ ନାହିଁ, ଅଧିକାର ନାମରେ ସ୍ୱେଚ୍ଛାଚାରିତା କରୁଛନ୍ତି, ସ୍ୱାମୀମାନେ ତାଙ୍କର ପାଦ ଚାଟନ୍ତୁ ବୋଲି ଚାହୁଁଛନ୍ତି' ଭଳି ମନ୍ତବ୍ୟ ଦେବା ସମଗ୍ର ନାରୀ ସମାଜ ପ୍ରତି ଅସମ୍ମାନ ତଥା ଘୋର ଅବମାନନା । କେବଳ ଏତିକି ନୁହେଁ ମ ରେ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିବା ଶ୍ରୀମତୀ ପ୍ରହରାଜ ସଭା ଛାଡି ଚାଲିଯିବା ପାଇଁ ସଭାରେ ଅଧକ୍ଷତା କରୁଥିବା ବରିଷ୍ଠ ଆଇନଜୀବୀ ଡ. ଟହଲୀ ଚରଣ ମହାନ୍ତିଙ୍କ ଠାରୁ ଅନୁମତି ମାଗୁଥିବା ବେଳେ ଶ୍ରୀ ସେଠୀ ମାଇକ୍ ଛାଡି ଶ୍ରୀମତୀ ପ୍ରହରାଜଙ୍କ ପାଖକୁ ଆସି ଅଶାଳୀନ ଭାଷା ପ୍ରୟୋଗ କରି ତାଙ୍କୁ ଧମକ ଦେବା ବିଜେପିର ମହିଳା ବିରୋଧୀ ଚିତ୍ରର ପ୍ରମାଣ ଦେଇଥିଲା । ଶ୍ରୀ ସେଠୀଙ୍କର ଏଭଳି ଅଭଦ୍ରାମି ବ୍ୟବହାରକୁ ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତି ଭଦ୍ରକ ଜିଲ୍ଲା ଶାଖା ତୀବ୍ର ନିନ୍ଦା କରୁଛି । ଭଦ୍ରକ ମାଟି 'ଅତିଥି ଦେବୋଭବ' ସଂସ୍କୃତିରେ ବିଶ୍ୱାସ କରୁଥିବା ବେଳେ ଜିଲ୍ଲାକୁ ଆସୁଥିବା ଅତିଥିମାନଙ୍କ ପ୍ରତି ଜିଲ୍ଲାର ଜଣେ ଲୋକ ପ୍ରତିନିଧିଙ୍କର ଏପରି ବ୍ୟବହାର ସମଗ୍ର ଭଦ୍ରକବାସୀଙ୍କ ପାଇଁ ଲଜ୍ଜା । ବିଧାୟକ ଶ୍ରୀଯୁକ୍ତ ସେଠୀଙ୍କୁ ତୁରନ୍ତ ଗିରଫ କରିବାକୁ ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତି ଭଦ୍ରକ ଜିଲ୍ଲା ଶାଖା ସଭାପତି ପ୍ରତିଭା ଜେନା, ସମ୍ପାଦିକା ମମତା ଜେନା, ସୁମତୀ ନାୟକ, ଶିଖା ମହାପାତ୍ର, ସୀତାରାଣୀ ଦାଶ, ରୋଜାଲିନ ସାମ୍ୟବାଦୀ, କାମିନୀ ଭୋଇ, ଶାନ୍ତିଲତା ନାୟକ ପ୍ରମୁଖ ନିବେଦନ କରିଛନ୍ତି ।

# ବ୍ୟାୟାମଶାଳାର ପୁନଃଉଦ୍ଧାର କରିବାକୁ ଦାବି

ଜୟପୁର,୧୩।୧୨ (ନି.ପ୍ର): ଜୟପୁର ପୌରା ଳର ମାଦଳା ସାହିରେ ଥିବା ରେ ଥିବା ବ୍ୟାୟାମଶାଳାର ପୁନଃଉଦ୍ଧାର ତଥା ଶାରୀରିକ ଦକ୍ଷତା ସରଞ୍ଜାମ ସମ୍ବନ୍ଧରେ ପୌର କାଯ୍ୟନିବାହୀ ଅଧିକାରୀଙ୍କ ନିକଟରେ ଦାବି କରିଛନ୍ତି । ଏନେଇ ସହି ବାସିନ୍ଦା ତରଫରୁ ଏକ ଦାବୀ ପତ୍ର ପ୍ରଦାନ କରାଯାଇଛି । ଉକ୍ତ ଦାବୀ ପତ୍ର ରେ ଉଲ୍ଲେଖ କରାଯାଇଛି ଯେ ଜୟପୁର ସହରର ସବପୁରାତନ ବ୍ୟାୟାମଶାଳାର ପୁନଃ ନିର୍ମାଣ ସହ ଅତ୍ୟାଧୁନିକ ସରଞ୍ଜାମର ଆବଶ୍ୟକତା କୁ ଅଖି ଆଗରେ ରଖି ଯୁଗ ଗୋଷ୍ଠୀ ଦାବୀ କରିଛନ୍ତି ଯେ ବହୁ ପୁରାତନ ତଥା ଜରାଜୀର୍ଣ୍ଣ କୋଠାର ପୁନଃ ଉଦ୍ଧାର ନିତାନ୍ତ ଆଭଷ୍ୟକ ହୋଇଛି । ବହୁତ ଗୁଟିଏ ଶାରୀରିକ ଦକ୍ଷତା ପ୍ରତିପାବନ କରୁଥିବା ସରଞ୍ଜାମ ଗୁଡିକ କାହିଁ କେଉଁ ଆବାହନ କାଳରେ ପଡି ରହିଥିବାରୁ ସେ ଗୁଡିକ କଲଙ୍କି ଲାଗିକଲାଣି । ସେହପରି ପୁରୁଣା କୋଠାର ମଧ୍ୟ ନୁତନତ୍ୱ ଆବଶ୍ୟକ ରହିଛି । କେତେ ବେଳେ ଭୁଷୁଡି ଯିବ କହି ହେବ ନାହିଁ । ଏ ସବୁ ବିଷୟ କୁ ଧ୍ୟାନ ରେ ରଖି ଏହାର ପୁନଃଉଦ୍ଧାର କରିବାକୁ ଦାବୀ କରାଯାଇଛି । ତେଣୁ ପରିଷଦ ତୁରନ୍ତ ଦାବୀ ପୁରଣ କରିବାକୁ ଦାବୀ କରାଯାଇଛି । ହୋର ନକଲ ଜୟପୁର ବିଧାୟକ ଙ୍କୁ ପ୍ରେରଣ କରାଯାଇଛି । ସାହିର ତ୍ରିପ ି ଗନ୍ତାୟତ, ଅଜିତ ସାମନ୍ତରାୟ, ରାମ ପ୍ରସାଦ ଗନ୍ତାୟକ ପ୍ରମୁଖ ଦାବୀ କରିଛନ୍ତି ।

# ଜିଲ୍ଲା ବାର ଆସୋସିଏସନ ଫୁଲବାଣୀର ନୂତନ କର୍ମକର୍ତ୍ତା ଚୟନ

## ବିଶ୍ୱଜିତ ସଭାପତି ଓ ବୀଣାପାଣି ସମ୍ପାଦିକା

କନ୍ଧମାଳ,୧୩।୧୨ (ନି.ପ୍ର): କନ୍ଧମାଳ ଜିଲ୍ଲା ବାର ଆସୋସିଏସନ ଫୁଲବାଣୀର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି । ଆଜି ଏହି କାର୍ଯ୍ୟକ୍ରମକୁ ଫୁଲବାଣୀର ବରିଷ୍ଠ ଆଇନଜୀବି ପ୍ରତାପ କୁମାର ପାତ୍ର ପରିଚାଳନା କରିଥିଲେ । ସମସ୍ତ ସଦସ୍ୟଙ୍କ ସମ୍ମତିକ୍ରମେ ଆସୋସିଏସନର ସଭାପତି ଭାବରେ ଆଇନଜୀବ ବିଶ୍ୱଜିତ ପଟ୍ଟନାୟକ ନିର୍ବାଚିତ ହୋଇଛନ୍ତି । ସେହିପରି ଉପସଭାପତି ଭାବରେ କୁଞ୍ଜବିହାରୀ ଶତପଥିଙ୍କୁ ମନୋନିତ କରାଯାଇଛି । ସମ୍ପାଦିକା ଭାବରେ ବୀଣାପାଣି ପ୍ରଧାନଙ୍କୁ ନିର୍ବାଚିତ କରାଯାଇଥିବା ବେଳେ ଯୁଗ୍ମ ସମ୍ପାଦିକା ଭାବରେ ନନ୍ଦିତା କୁମାରୀ ଏବଂ କୋଷାଧ୍ୟକ୍ଷ ଭାବରେ ଜ୍ଞାନେନ୍ଦ୍ରନାଥ ପାଢୀଙ୍କୁ ନିର୍ବାଚିତ କରାଯାଇଛି । ସେହିପରି କାର୍ଯ୍ୟକାରୀ ସଦସ୍ୟ ଭାବରେ ପଙ୍କଜ ବେହେରା ଏବଂ ନମିତା ସାହୁଙ୍କୁ ଚୟନ କରାଯାଇଥିବା ନେଇ ଆସୋସିଏସନର ନୂତନ ସଭାପତିଙ୍କ ସୂତ୍ରରୁ ଜଣାପଡିଛି ।

# ୩ ଦିନ ପରେ ଖୋଲାମେଲାରେ ଅନଲୋଡ ହେଲା ପିଡିଏସ ଚାଉଳ : ଖାଉଟିଙ୍କ ମତ ଠିକ ପାଉନ୍ତୁ

ଭଦ୍ରକ, ୧୩ ଡିସେମ୍ବର (ହି.ସ.) - ଭଣ୍ଡାରିପୋଖରୀ ବ୍ଲକରେ ପିଡିଏସ ସାମଗ୍ରୀ ଅନୀୟମିତା କେଳେଙ୍କାରୀ ଥମିବାର ନା' ଧରୁନି । ବ୍ଲକର ରାଜେନ୍ଦ୍ରପୁର ପଂଚାୟତ ପାଇଁ ନିଯୁକ୍ତ ଡିଲର ଲକ୍ଷ୍ମୀନାରାୟଣ ସ୍ୱୟଂ ସହାୟିକା ଗୋଷ୍ଠୀକୁ ଡିସେମ୍ବର ମାସର ଅନ୍ତୋଦୟ ଚାଉଳ, ନଭେମ୍ବର ଓ ଡିସେମ୍ବର ମାସର ଚାଉଳ ସହ ନଭେମ୍ବର ମାସର ଗହମ ମୋଟ ଛଅଶହ ବସ୍ତା ଖାଦ୍ୟ ସାମଗ୍ରୀ ପରିବହନ କରି ଆଣିଥିବା ଓଡି ୦୫ ଏଏଚ ୬୬୧୫ ନଂ ଟ୍ରକ ଯୋଗେ ଗତ ୧୦ ତାରିଖରେ ଧାମନଗର ଛକ ଗୋଦାମରୁ ପରିବହନ କରାଯାଇଥିଲା । ହେଲେ ତିନି ଦିନ ବାର ଓଳି ଶୁଣ୍ଠିପିଣ୍ଡା ହେବା ପରେ ଡିଲର ପଏ ରେ ୧୨ ତାରିଖ ଅପରାହ୍ନରେ ଖୋଲାମେଲାରେ ସାମଗ୍ରୀ ଅନଲୋଡ କରାଯାଇଥିଲା । ନୀୟମାନୁଯାୟୀ ପ ାୟତର ଡିଲର ପଏ ଭାବେ ଥଇଲା ଗ୍ରାମର ନିର୍ଦ୍ଦିଷ୍ଟ ଗୃହରେ କରାଯିବାକୁ କେତେକ ବ୍ୟକ୍ତି ତାଗିଦ କରିବାରୁ ଏଭଳି ଅବସ୍ଥା ସୃଷ୍ଟି ହୋଇଥିଲା । ଦଶ ତାରିଖ ଦିନ ପଂଚାୟତ ଗୋଦାମ ଘରେ ଅନଲୋଡ କରିବାକୁ ଉଦ୍ୟମ କରାଯାଇଥିଲା । ଏଥିନେଇ ପ୍ରତିବାଦ କରାଯାଇଥିଲା । ଫଳରେ ଗାଡିସହ ସାମଗ୍ରୀ ଏଣେତେଣେ ବୁଲାବୁଲି କରି ଅନ୍ୟୋନପାୟ ହୋଇ ଥଇଳା ଗ୍ରାମର ବେଛପରି ସ୍ଥାନରେ ଶନିବାର ଅପରାହ୍ନରେ ଯୋଗାଣ ବିଭାଗ ଅଧିକାରୀଙ୍କ ଉପସ୍ଥିତିରେ ଖୋଲାମେଲାରେ ଅନଲୋଡ କରାଯାଇଥିଲା । ଏହି ସମୟରେ ସ୍ଥାନୀୟ ଅ ଳର କେତେକ ଖାଉଟି ଉପଯୁକ୍ତ ଭାବେ ସାମଗ୍ରୀ ବିତରଣ କରାଯାଉଥିବା ନେଇ ପାଟିତୁଣ୍ଡ କରିଥିଲେ । ଆଇନସମ୍ମତ ସ୍ଥାନରେ ଅନଲୋଡ କରାଯିବାରେ ଅସୁବିଧା କେଉଁଠି ରହିଛି ବୋଲି ଅଭିଯୋଗକାରୀମାନେ ପ୍ରଶ୍ନ କରିଥିଲେ । ମନ୍ଦ ଉଦ୍ଦେଶ୍ୟ ରଖି ମନମୁଖି ଭାବେ ଅନ୍ୟାନ୍ୟ ସ୍ଥାନରେ ସାମଗ୍ରୀ ରଖାଯିବାକୁ ଯୋଗାଣ ବିଭାଗ ଗ୍ରହଣ କରିବା କାର୍ଯ୍ୟକୁ ଅଭିଯୋଗକାରୀମାନେ ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି ।

# ଓଡିଶା ଲାଇଭ ଟିଭି ପକ୍ଷରୁ ଆଲୋଚନା ଚକ୍ର

## ସାମ୍ବାଦିକତା ବୃତି ନୁହେଁ ଏକ ବ୍ରତ

କେନ୍ଦ୍ରାପଡା,୧୩।୧୨ (ନି.ପ୍ର): ଓଡିଶା ର ଜଣାଶୁଣା ୱେବ୍ ଚ୍ୟାନେଲ ଓଡିଶା ଲାଇଭ ଟିଭି ପକ୍ଷରୁ ଏକ ଆଲୋଚନା ଚକ୍ର କେନ୍ଦ୍ରାପଡାର ରିଡିଂ ରୁମ୍ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି । "ସାମ୍ବାଦିକତା ବୃତି ନୁହେଁ ଏକ ବ୍ରତ" ଶୀର୍ଷକ ବିଷୟ ବସ୍ତୁରୁ ଉପରେ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ବରିଷ୍ଠ ସାମ୍ବାଦିକ ରବି ନାରାୟଣ ପତିଙ୍କ ଅଧକ୍ଷତା ରେ ଅନୁଷ୍ଠିତ ଏହି ଆଲୋଚନା ଚକ୍ରରେ ଓଡିଶା ଲାଇଭ ଟିଭିର ସଂପାଦକ ମନୋଜ କୁମାର ମହାନ୍ତ ମୁଖ୍ୟ ଅତିଥି, ସାମ୍ବାଦିକ ଆଶିଷ ସେନାପତି, ସମ୍ମାନିତ ଅତିଥି ତଥା ଶିବାଶିଷ ମହାନ୍ତି, ଅମରବର ବିଶ୍ୱାଳ ୱେବ୍ ସଂପାଦକ ସୁଶାନ୍ତ କୁମାର ମହାନ୍ତି ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ । ନିଷ୍ଠାର ସହିତ ପବିତ୍ର ପ୍ରବୃତି ଭାବେ ଏହି ବୃତିକୁ ବ୍ରତ ଭାବେ ଗ୍ରହଣ କରିବାକୁ ଅତିଥି ମାନେ ଆହ୍ୱାନ ଦେଇଥିଲେ । ଅନ୍ୟମାନଙ୍କ ମଧରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ, କବୟତ୍ରୀ ଚାରୁଲତା ଭୂୟାଁ, ପିତବାସ ଦାସ, ଦୁର୍ଗା ପ୍ରସାଦ ପତି, ପ୍ରଭାତ ଲେଙ୍କା, ଅଶୋକ ସାହୁ ପ୍ରମୁଖ ବକ୍ତବ୍ୟ ରଖି ବହୁ ପ୍ରତିକୂଳ ପରିସ୍ଥିତି ରେ ସାମ୍ବାଦିକ ମାନେ ସମାଜ ଓ ରାଷ୍ଟ୍ର ପାଇଁ ଉତ୍ସର୍ଗୀକୃତ ସେବା କରୁଥିବା ବେଳେ ସମାଜ ଓ ସରକାର ସେମାନଙ୍କ ସୁରକ୍ଷା ପାଇଁ ଆର୍ଥିକ ଓ ଆଇନଗତ ପ୍ରୋତ୍ସାହନ ଦେବା ନିତ୍ୟାନ୍ତ ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ । ଚଳଚ୍ଚିତ୍ର ନିର୍ମାତା ଓ ସମାଜସେବୀ ମାନସ କୁମାର ସାହୁଙ୍କ ତତ୍ତ୍ୱାବଧାନ ରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଶିକ୍ଷକ ମନୋରଞ୍ଜନ ତ୍ରିପାଠୀ ଏହାକୁ ସଂଯୋଜନା କରିଥିଲେ ।

# କେନ୍ଦ୍ରର କୃଷି ଆଇନକୁ ବିରୋଧ କରି ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତିର ବିକ୍ଷୋଭ

ଭଦ୍ରକ,୧୩।୧୨ (ନି.ପ୍ର): କେନ୍ଦ୍ର ସରକାର ପ୍ରଣୟନ କରିଥିବା ନୂତନ କୃଷି ଆଇନକୁ ବିରୋଧ ସହିତ ସରକାର ଦରଦାମ ନିୟନ୍ତ୍ରଣରେ ବିଫଳ ହେବା, ଚାଷୀର ଉତ୍ପାଦିତ ଦ୍ରବ୍ୟକୁ ଆମ୍ବାନୀ, ଆଦାନୀ ଭଳି କର୍ପୋରେଟ ସଂସ୍ଥାକୁ ବିକ୍ରୟ କରାଯିବା ଯୋଜନାକୁ ବିରୋଧ କରି ଆଜି ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତି ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । କୃଷି ଆଇନକୁ ବାତିଲ କରିବା ଦାବୀରେ ରାଜଧାନୀ ଦିଲ୍ଲୀରେ ଦୀର୍ଘ ୧୬ ଦିନ ଧରି ଥଣ୍ଡା କାକରରେ ରାଜରାସ୍ତାରେ ନିଜର ହକ୍ ପାଇଁ ଆନ୍ଦୋଳନ କରୁଥିବା ବେଳେ କେନ୍ଦ୍ର ସରକାର କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଛି । ସମିତି ପକ୍ଷରୁ ମହିଳାମାନେ ବାଳଗୋପାଳ ମନ୍ଦିର ନିକଟରୁ ଏକ ଶୋଭାଯାତ୍ରାରେ ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲେ ।

# ମା' ଓ ପୁଅଙ୍କୁ ନ୍ୟାୟ ଦାବି : ରାଷ୍ଟ୍ରୀୟ କିଶାନ ମଜଦୁର ମହାସଂଘ ଓଡ଼ିଶାର ସାମ୍ବାଦିକ ସମ୍ମିଳନୀ

ଭଦ୍ରକ, ୧୩ ଡିସେମ୍ବର (ହି.ସ.) - ରାଷ୍ଟ୍ରୀୟ କିଶାନ ମଜଦୁର ମହାସଂଘ ଓଡ଼ିଶାର କର୍ମକର୍ତ୍ତା ତଥା ଏହି ଜିଲାର ବନ୍ତ ବ୍ଲକ୍ ଅଧୀନସ୍ଥ ରାମଚନ୍ଦ୍ରପୁର ପଂଚାୟତର ବରପଦି ଗ୍ରାମନିବାସୀ ରବିନ୍ଦ୍ର ନାୟକଙ୍କୁ ସ୍ଥାନୀୟ ସରପ କ୍ଷମତାଶୀଳ ରାଜନୈତିକ ଦଳ ପ୍ରଭାବରେ ସ୍ଥାନୀୟ ପୁଲିସ୍ ମିଥ୍ୟା କେଶ୍‌ରେ ଜଡିତ କରିବା ଏବଂ ଜିଲା ଶିଶୁ ସୁରକ୍ଷା ଓ ମହିଳା ମିଶନ ଶକ୍ତିର କର୍ମକର୍ତ୍ତା ଏକ ଦଳିତ ମହିଳା ଓ ତାଙ୍କ ପୁତ୍ରକୁ ନିର୍ଯ୍ୟାତନା ଦେଇଥିବାରୁ ସେମାନଙ୍କ ସୁରକ୍ଷା ଦାବିରେ ଆଜି ରାଷ୍ଟ୍ରୀୟ ମଜଦୁର ମହାସଂଘ ଓଡ଼ିଶାର ଉ ର ଓଡ଼ିଶା ସଭାପତି ଭବେନ୍ଦ୍ର ସାହୁ ଓ ମହିଳା ନେତ୍ରୀ ଉଷାରାଣୀ ବେହେରା ଏକ ସାମ୍ବାଦିକ ସମ୍ମିଳନୀରେ ଦାବି କରିଛନ୍ତି । ସ୍ଥାନୀୟ ବାଲଗୋପାଳ ମନ୍ଦିର ସମ୍ମିଳନୀ କକ୍ଷରେ ଆୟୋଜିତ ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ସାହୁ ଗଣମାଧମକୁ ଦେଇଥିବା ସୂଚନା ଅନୁସାରେ ଛେନାପଦି ଗ୍ରାମ (ଅସିଆରେ) ଲକ୍ଷ୍ମୀପ୍ରିୟା ଯେନା ଜଣେ ଅସହାୟ ଓ ସ୍ୱାମୀ ପରିତ୍ୟକ୍ତା ମହିଳା ଅଟନ୍ତି । ତାଙ୍କ ନାବାଳକ ପୁତ୍ର ସୁଶାନ୍ତ (୮ ବର୍ଷ) ଙ୍କ ସହ ସେ ଗତ ୨୯ ତାରିଖରେ ତାଙ୍କର ସୂର୍ଯ୍ୟବନ୍ଧୁ ତଥା ସମସ୍ତ ସାହାଯ୍ୟ ସହଯୋଗ କରୁଥିବା ବରପଦି ଗ୍ରାମର ରବିନ୍ଦ୍ର ନାୟକଙ୍କ ଘରକୁ ବୁଲି ଆସିଥିଲେ । ସେହିଦିନ ରାତିରେ ସୁଶାନ୍ତର ଦେହ ହଠାତ୍ ଅସୁସ୍ଥ ହୋଇପଡିବାରୁ ଶ୍ରୀ ନାୟକଙ୍କ ସମେତ ଅନ୍ୟମାନେ ତାଙ୍କୁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ । ମାତ୍ର ରାଜନୈତିକ ଦଳ ଦ୍ୱାରା କରଗତ ହୋଇ ଭଦ୍ରକ ଜିଲା ଶିଶୁ ସୁରକ୍ଷା ଓ ମହିଳା ମିଶନ ଶକ୍ତିର କର୍ମକର୍ତ୍ତା ମିଥ୍ୟାରେ ଶ୍ରୀ ନାୟକ ଉକ୍ତ ନାବାଳକକୁ ଆଣି ନିଜ ଘରେ କାମ କରାଇବା ସମୟରେ ନିର୍ଯ୍ୟାତନା ଦିଅନ୍ତି ଓ ତାଙ୍କୁ ମାରି ଗାଏବ କରିଦେଇଛନ୍ତି ବୋଲି ବନ୍ତ ଥାନାରେ ଏକ ମାମଲା ରୁଜୁ ହୋଇ ତାଙ୍କୁ କୋର୍ଟ ଚାଲାଣ କରାଯାଇ ଜେଲ୍ ହାଜତକୁ ପଠାଇ ଦିଆଯାଇଛି । ମାତ୍ର ନାବାଳକ ସୁଶାନ୍ତ ଓ ତାର ମା' ଲକ୍ଷ୍ମୀପ୍ରିୟା ବାରମ୍ବାର ଅଧିକାରୀମାନଙ୍କ ନିକଟରେ ବିନମ୍ର ଭାବେ ଶ୍ରୀ ନାୟକ କୌଣସି ନିର୍ଯ୍ୟାତନା ଦେଇନଥିବାର ଜମାନବନ୍ଦୀ ଦେବା ସହ ସ୍ଥାନୀୟ ସରପ ଓ ଲୋକମାନେ କୌଣସି ନିର୍ଯ୍ୟାତନା ଦିଆଯାଇନଥିବାର କହିଥିଲେ ମଧ ସେମାନେ ବଳପୂର୍ବକ ପୁଲିସ୍ ସହାୟତାରେ ପିଲାଟିକୁ ତା' ମା' ନିକଟରୁ ଅଲଗା କରି ରଖିବା ଘଟଣା ଅତ୍ୟନ୍ତ ନିନ୍ଦନୀୟ ବୋଲି ଶ୍ରୀ ସାହୁ କହିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ନିଜେ ଲକ୍ଷ୍ମୀପ୍ରିୟା ସମସ୍ତ କଥା ସ୍ପଷ୍ଟ ଭାବେ କହିଥିବାବେଳେ ସେ କିଭଳି ବାରମ୍ବାର ଜିଲା ଶିଶୁ ମଙ୍ଗଳ ଅଫିସ୍‌କୁ ଯାଇ ଚାଇଲ୍ଡ ଲାଇନ୍‌ରେ ଥିବା ତାର ପୁତ୍ରକୁ ଦେଖା କରିବା ସହ ନେବାପାଇଁ ଚାହୁଁଥିଲେ ବି ଶିଶୁସୁରକ୍ଷାର କର୍ମକର୍ତ୍ତାମାନେ ତାହା କରାଇବା ତ ଦୂରର କଥା, ତାଙ୍କୁ ବିଭିନ୍ନ ଅଶାଳୀନ ଭାଷାରେ ଧମକ ଦେବା ଏବଂ ସେମାନଙ୍କ କହିବାନୁସାରେ ମିଛକଥା କହିଲେ ଅଫିସ୍ ପକ୍ଷରୁ ୨ ଲକ୍ଷ ଟଙ୍କା ଦିଆଯିବ ବୋଲି ଗଣମାଧମକୁ କହିଛନ୍ତି । ଏବଂ ଏହି ଘଟଣାରେ ତାଙ୍କ ପୁତ୍ରକୁ ଫେରାଇ ଦେବା ସହ ମିଥ୍ୟା କେଶ୍‌ରେ ଜଡିତ ରବିନ୍ଦ୍ର ନାୟକଙ୍କୁ ନ୍ୟାୟ ପ୍ରଦାନ ନକଲେ ସେ ଜିଲା ଶିଶୁ ମଙ୍ଗଳ କାର୍ଯ୍ୟାଳୟ ସମ୍ମୁଖରେ ଆତ୍ମାହୁତି ଦେବେବୋଲି ଚେତାବନୀ ଦେଇଛନ୍ତି ।

## ଖୁସି ...

(ପୃଷ୍ଠା ୪ର ଅବଶିଷ୍ଟାଂଶ)

ତେଣୁ କୌଣସି ମତେ ଜୀବନ ଧାରଣ କରି ନିଜ ଖୁସି ଅନୁଯାଇ ସାଂସାରିକ ନୀତି ନିୟମ ପାଳନ ପରବର୍ତ୍ତୀ ପୁନର୍ଜନ୍ମରେ ସୁଖର ସମ୍ଭୋଗ ଆଶାକରି ଠକଙ୍କ ଦ୍ୱାରା ପ୍ରତାରଣା ହେଉଥିଲେ ମଧ ସେସବୁକୁ ନିଜ ଜୀବନର ଖୁସିରେ ଯୋଡ଼ିଦେଇ ମଣିଷ ଦୁର୍ଲଭ ଜୀବନକୁ ନଷ୍ଟ କରୁଥିବା ଅତ୍ୟନ୍ତ ପରିତାପର ବିଷୟ ! ନିଜର ଅନ୍ତର୍ଜ୍ଞାନ ଉଦୟ କରି ସଂସାରର ଭଲ, ମନ୍ଦ ବୁଝିବା ତଥା ନିଜ ଜୀବନ ପ୍ରବାହରେ ଅନ୍ୟର ମତବାଦକୁ ନଯୋଡି ନିଜ କ୍ଷମତା ମଧରେ ନିର୍ଦ୍ଧାରଣ କରିବା ଭଳି କ୍ଷମତା ଅର୍ଜନ ନକରି ସବୁବେଳେ ଅନ୍ୟକୁ ବିଶ୍ୱାସ କରି କାର୍ଯ୍ୟ କରୁଥିବା ମଣିଷ ପ୍ରତାରିତ ହୋଇ ବିପରୀତମୁଖୀ ଭାବ ଗ୍ରହଣ କରିବା ନିଃସନ୍ଦେହ ! ସମ୍ଭବତଃ କୌଣସି କଥା ହେଉ କିମ୍ବା ମତବାଦ ଗୁଡିକୁ ସ୍ୱତଃ ଅନୁଶୀଳନ କରି ତାହାର ସତ୍ୟତା ନଜାଣିବା ପୂର୍ବରୁ କାହାଉପରେ ବିଶ୍ୱାସ କରି ନିଜ ଖୁସିରେ ସାମିଲ ନକରିବା ବିଧେୟ ଯାହା କେହି ଜାଣନ୍ତି ନାହିଁ ! ଅତଏବ କାହାର ପ୍ରବଚନ ନିଶ୍ଚିତ ପ୍ରତାରଣାର ମାଧମ ହେଉଥିବା ଆଜିକାର ସ୍ୱାର୍ଥ ଜଡିତ ମଣିଷ ସମାଜର ଗୋଟିଏ ଅଲୌକିକ ବିଷୟ ଯାହା ବର୍ଜ୍ୟ ବିଧେୟ ! କାରଣ ପ୍ରବଚନ ଦେଇ ଅନେକ ମିଥ୍ୟା କଥା ମାଧମରେ କେତେକ ଚତୁର ମଣିଷ ସମଗ୍ର ମଣିଷ ସମାଜକୁ ଲୁଟି ଗ୍ଭଲିଥିବା ଆମେ ସମସ୍ତେ ଊଣା ଅଧିକେ ଜାଣିଛେ ! ତଥାପି ଆମେ ସଂଶ୍ଳିଷ୍ଟ ସଂସ୍ଥା ହେଉକି ପ୍ରବଚକ ଜଣେ ସାଧୁବାଦୀ ବୋଲି ଭାବିବା କେବଳ ଆମର ଅଜ୍ଞାନତା ଛଡା ଆଉ କିଛି ହୋଇନପାରେ ! କାରଣ ସମସ୍ତେ ଗୋଟିଏ ଗୋଟିଏ ଠକ ଯାହାଙ୍କୁ ଆମ ଚତୁର୍ପାର୍ଶ୍ୱରେ ବର୍ତ୍ତମାନ ଆମେ ଦେଖୁଛେ ! ଭାବବିହ୍ୱୋଳ ହୋଇ କାହାକୁ ବିଶ୍ୱାସ କରି ସେମାନଙ୍କ ପ୍ରରୋଚନା, ପ୍ରବଚନରେ ନିଜର ମୁକ୍ତି ମାର୍ଗର ଦର୍ଶନ ପୂର୍ବକ ଖୁସି ଅନୁଭବ କେବଳ ଅଲୌକିକ ହେବା ଛଡା କେବେହେଲେ ବାସ୍ତବ ଧର୍ମୀ ହୋଇପାରିବା ଅସମ୍ଭବ ! ତେଣୁ ନିଜସ୍ୱ ଖୁସି କେବଳ ନିଜ ନିଜର ଅନ୍ତର୍ଜ୍ଞାନ ଜଡିତ ଥିବା ବେଳେ କାହାର ମତବାଦକୁ ନେଇ ନିଜ ଜୀବନ ପ୍ରବାହ କରିବା ଖୁସି ନିଜ ଭାବଧାରା ମଧରେ ସନ୍ନିବେଶିତ ହେବା ଛଡା ବାସ୍ତବତାର ପରିଚୟ ସୃଷ୍ଟି କରିପାରିବା ସମ୍ପୂର୍ଣ୍ଣ ଅସମ୍ଭବ ! ଅର୍ଥାତ କାହାକୁ ଅନୁସରଣ, ଅନୁକରଣ ନକରି ନିଜସ୍ୱ ବିଗ୍ଭର ଶକ୍ତିକୁ ସୁଦୃଢ଼ କରିପାରିଲେ ଖୁସିର ବାସ୍ତବତା ଅନୁଭବ ଏକ ଭିନ୍ନ ରୂପ ଦେଇପାରିବ ବୋଲି ଆମ ବିଗ୍ଭରରେ ଆପଣଙ୍କ ମତାମତ ଦେବେ ବୋଲି ଆଶା......!

ସୋସିଆଲ ଫୋରମ (ଭାରତ)
ଛତ୍ରପୁର, ଗଂଜାମ. ଦୂରଭାଷ.: ୯୪୩୭୭୩୨୪୯୧୭.

## ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରି ଜଗନ୍ନାଥ ମନ୍ଦିରରେ ଦେବ ଦୀପାବଳୀ ପାଳିତ



ନୀଳଗିରି,୧୩।୧୨ (ନି.ପ୍ର): ଆଜି ମାର୍ଗଶିର ମାସ କୃଷ୍ଣ ପକ୍ଷ ଚତୁର୍ଦ୍ଦଶୀ ତିଥି ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରିର ମହାବାହୁ ଶ୍ରୀ ଜଗନ୍ନାଥ ମନ୍ଦିରରେ ଦେବ ଦୀପାବଳୀ ପାଳିତ ହୋଇଛି। ତିନିଦିନ ଧରି ପାଳିତ ହେବାକୁ ଥିବାବେଳେ ଆଜି ପ୍ରଥମ ଦିନରେ ଅଦିତି ଓ କଶ୍ୟପଙ୍କ ଶ୍ରାଦ୍ଧ ସହ ୨୧ ଦୀପ ପ୍ରଜ୍ୱଳନ କରାଯାଇଛି। ବିଶ୍ୱର କଲ୍ୟାଣ ନିମନ୍ତେ ମହାପ୍ରଭୁଙ୍କ ମନ୍ଦିର ଶିଖରକୁ ଚୁନରା ସେବକ ମହାଦୀପ ଉଠାଇଛନ୍ତି। କରୋନା କଟକଣା ଥିବାରୁ ଭକ୍ତ ଓ ଶ୍ରଦ୍ଧାଳୁ ଏହି ଦୁର୍ଲଭ ଦର୍ଶନରୁ ବଂଚିତ ହୋଇଛନ୍ତି।

## କୋବିଡ ନିୟମ ଉଲ୍ଲଂଘନ ମାମଲାରେ ୨୪ ଗିରଫ

ଭୁବନେଶ୍ୱର,୧୩।୧୨ (ନି.ପ୍ର): ରାଜ୍ୟରେ କୋବିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୨୪ ଜଣଙ୍କୁ ଗିରଫ କରିଥିବା ବେଳେ ୬୧୧ ବାହନକୁ ଜବତ କରା ଯାଇଛି। ଏହି ସମୟ ମଧ୍ୟରେ ୨୦,୭୪,୧୦୦ ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ବିଜେଡି ନେତାମାନେ ....

ପୁଣିଥରେ ୨୦୧୯ ନିର୍ବାଚନ ପୂର୍ବରୁ ବିଜେଡି କଚ୍ଚା ଘରକୁ ପକ୍କା କରିବା ନେଇ ରାଜ୍ୟବାସୀଙ୍କୁ ପ୍ରତିଶୃତି ଦେଇ ଭୋଟ ହାତେଇଥିଲା । ଏହାସତ୍ତ୍ୱେ ଆଜି ବି ଗରିବ ଲୋକଟିଏ ପକ୍କା ଘର ପାଇବାରୁ ବଂଚିତ ରହିଛି । ଫନି ବାତ୍ୟାରେ କ୍ଷତିଗ୍ରସ୍ତ ଲୋକଙ୍କୁ ପକ୍କା ଘର ଖଣ୍ଡେ ମିଳିଲା ନାହିଁ । ଗ୍ରାମାଂଚଳରେ ଏବେ ବି ୨ଲକ୍ଷ ଘର ନିର୍ମାଣ ହେବା ପାଇଁ ବାକି ରହିଛି । ଏହା ଏହା କଣ ମିଛ କି ବୋଲି ଡ.ସାମନ୍ତସିଂହାର ପ୍ରଶ୍ନ କରିଛନ୍ତି । ମୋଦି ନାଁ ନେଇଯିବା ଭୟରେ ରାଜ୍ୟ ସରକାର ଓଡିଶାରେ ଆୟୁଷ୍ମାନ ଭାରତ ଯୋଜନା ଲାଗୁ କରୁନାହାଁନ୍ତି । ଓଡିଶାର ଏବେ ୧୨୪୨ ଗାଁକୁ ରାସ୍ତା ନାହିଁ । ଓଡିଶାର ପାଖାପାଖି ୯୦ ପ୍ରତିଶତ ଘରକୁ ପିଇବା ପାଣି ପହଂଚି ନାହିଁ । ରାଜ୍ୟବାସୀଙ୍କୁ ପାଇପ ଯୋଗେ ଶୁଦ୍ଧ ପାନୀୟ ଜଳ ଯୋଗାଇଦେବା ନେଇ ମୁଖ୍ୟମନ୍ତ୍ରୀ ପ୍ରତିଶୃତି ଦେଇଥିଲେ । ୧୨୫୦ ପଂଚାୟତରେ ପିଇବା ପାଇଁ ଉପଯୁକ୍ତ ପାନୀୟ ଜଳ ମିଳୁନାହିଁ ଏବଂ ୧୫୦୦ ପଂଚାୟତରେ ପାଇପ ଲାଇନ ପଂହଚି ନାହିଁ । ଏହା କଣ ମିଛ କି । କାଳିଆ ସହାୟତା କୁଆଡେ ଗଲା? କୋଇଲା, ଜଙ୍ଗଲ, ଚିଟଫଣ୍ଡ, ଜମି ଭଳି ଅନେକ ଦୂର୍ନୀତିରେ ବିଜେଡି ନେତାମାନଙ୍କର ସଂପୃକ୍ତି ରହିଛି । ଏହା କଣ ମିଛ କି ? ସେହିପରି ରାଜ୍ୟରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇ ପଡିଛି । ମହିଳା ଓ ନାବାଳିକା ଦୁଷ୍କର୍ମ ଏବଂ ହତ୍ୟା ଘଟଣା ଦିନକୁ ଦିନ ବଢିବାରେ ଲାଗିଛି । ଏନସିଆରବି ରିପୋର୍ଟ ଅନୁଯାୟୀ ଓଡିଶାରେ ବିଗତ ୨ବର୍ଷ ମଧରେ ୫୩୦୩ ଜଣ ଶିଶୁ ନିଖୋଜ ହେଲେଣି । ପୋଲିସ ପ୍ରଶାସନର ଅବହେଳା ଏବଂ ତଦନ୍ତର ଶିଥିଳତା ପାଇଁ ପ୍ରତ୍ୟେକ ଦିନ ଶିଶୁମାନଙ୍କ ସହ ଅପରାଧିକ ଘଟଣା ବଢିବାରେ ଲାଗିଛି । ନୟାଗଡ ନାବାଳିକା ପରୀ ହତ୍ୟାକାଣ୍ଡରେ ଖୋଦ୍ ଶାସକ ଦଳର ମନ୍ତ୍ରୀ ଅରୁଣ ସାହୁ ଅଭିଯୁକ୍ତ ବାବୁଲି ସାହୁଙ୍କୁ ସୁରକ୍ଷା ଦେଉଛନ୍ତି । ଏହା କଣ ମିଛ କି ବୋଲି ଡ. ସାମନ୍ତସିଂହାର ପ୍ରଶ୍ନ କରିଛନ୍ତି ।

### ଶାନ୍ତି ଶୃଙ୍ଖଳାରେ ....

ବାସନ୍ତି ସାହୁ, ପ୍ରଭାତ କୁମାର ଦାସ, ଜ୍ଞାନରଂଜନ ପାଣି, ମହମ୍ମଦ ଇସଲାମ, ମମତା ବେହେରା, ବିଜୟ ପରିଡ଼ା, ଅର୍ଜୁନ ମହାନ୍ତି ଓ ରାମକୃଷ୍ଣ ଜେନା ନିର୍ବାଚିତ ହୋଇଥିବା ନେଇ ନିର୍ବାଚନ ଅଧିକାରୀ ବରିଷ୍ଠ ଆଇନଜୀବୀ କାର୍ତ୍ତିକ ପ୍ରସାଦ ସି ସୂଚନା ଦେଇଛନ୍ତି। ନବ ନିର୍ବାଚିତ କର୍ମକର୍ତ୍ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ପ୍ରଦାନ କରାଯାଇଛି। ପୂର୍ବରୁ ୨ ଥର ସମ୍ପାଦକ ଭାବେ ନିର୍ବାଚିତ ହୋଇଥିବା ପ୍ରଥମଥର ପାଇଁ ସଭାପତି ପଦ ଦଖଲ କରିଥିବା ଆଇନଜୀବୀ ଶ୍ରୀ ପ୍ରଧାନ ନିଜର ବିଜୟକୁ ନେଇ ସନ୍ତୋଷ ପ୍ରକାଶ କରିଛନ୍ତି। ବିଶେଷ କରି ନୂଆ ଭାବେ ଓକିଲାତି କରିବାକୁ ଆସୁଥିବା ଯୁବକ ଯୁବତୀଙ୍କ ସାମାଜିକ ସୁରକ୍ଷା ପ୍ରଦାନ ସହ ସେମାନଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରିବା ଦିଗରେ ସେ ଅଧିକ ଯତ୍ନବାନ ହେବେ ବୋଲି ସୂଚନା ଦେଇଛନ୍ତି। ରାଜ୍ୟ ବାର କାଉନସିଲ ଭଳି ଜିଲାସ୍ତରରେ ଆଇନଜୀବୀ କଲ୍ୟାଣପାଣ୍ଠି କାର୍ଯ୍ୟକାରୀକୁ ପ୍ରାଥମିକତା ଦେବେ ବୋଲି ସେ ସଭାପତି ଶ୍ରୀ ପ୍ରଧାନ ପ୍ରତିଶ୍ରୁତି ଦେଇଛନ୍ତି। ଅନୁରୂପ ଭାବେ ନିଜର ଲୋକାଭିମୁଖୀ କାର୍ଯ୍ୟଧାରା ଯୋଗୁଁ ତାଙ୍କୁ ବାଲେଶ୍ୱରର ଆଇନଜୀବୀମାନେ ତୃତୀୟଥର ପାଇଁ ନିର୍ବାଚିତ କରିଛନ୍ତି ବୋଲି ନବ ନିର୍ବାଚିତ ସମ୍ପାଦକ ଶ୍ରୀ ନନ୍ଦି କହିଛନ୍ତି। ପୂର୍ବରୁ ସ୍ୱଳ୍ପ ବର୍ଷାରେ ଭାସୁଥିବା ବାଲେଶ୍ୱର କଚେରୀ ପରିବେଶ ଆଉ ନାହିଁ। କଚେରୀ ପରିସରର ବିକାଶ ଦିଗରେ ଯଥେଷ୍ଟ କାମ ହୋଇଛି। କେବଳ ଅଧୁରା ଥିବା ଲାଇବ୍ରେରୀ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବାକୁ ସେ ଯତ୍ନବାନ ହେବେ ବୋଲି ଶ୍ରୀ ନନ୍ଦି ପ୍ରତିଶ୍ରୁତି ଦେଇଛନ୍ତି। ନିଜର ଶାଳୀନତାପୂର୍ଣ୍ଣ ବ୍ୟବହାର ଓ ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖୁଥିବା ଦିବଂଗତ ଦୀର୍ଘବର୍ଷର ସଭାପତି ସ୍ୱର୍ଗତ ନିରଂଜନ ପଣ୍ଡାଙ୍କ ନୀତି ଆଦର୍ଶକୁ ସମ୍ମାନ ଦେଇ ଉଭୟ କର୍ମକର୍ତ୍ତା କାର୍ଯ୍ୟ କରିବେ ବୋଲି କହିଛନ୍ତି।

### ୨୦ରେ ବିଜେଡ଼ିର .....

ସେହିପରି ୨୬ ତାରିଖରେ ଦଳର ପ୍ରତିଷ୍ଠା ଦିବସ ଓଡ଼ିଶାର ସମସ୍ତ ନିର୍ବାଚନ ମଣ୍ଡଳୀ ଏବଂ ପୌରାଂଚଳ ସ୍ତରରେ ପାଳନ କରାଯିବ। ସେଥିରେ ଦଳର ସମସ୍ତ ବିଧାୟକ, ସାଂସଦ ଏବଂ ରାଜ୍ୟ ପରିଷଦର ସମସ୍ତ ସଦସ୍ୟ ଯୋଗଦେବେ । ଏହି ବୈଠକରେ ସାଙ୍ଗଠନିକ, ଅର୍ଥନୈତିକ ଏବଂ ଅନ୍ୟାନ୍ୟ ବହୁ ପ୍ରସଙ୍ଗ ଉପରେ ରାଜନୈତିକ ଚିଠା ପ୍ରସ୍ତାବ ଗ୍ରହଣ କରାଯିବ । ଏଥିସହ ଦଳର ଆଗାମୀ ସାଙ୍ଗଠନିକ କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରାଯାଇ ରୂପରେଖ ପ୍ରସ୍ତୁତ ହେବ ଏବଂ ଏ ସମ୍ପର୍କରେ ମଧ ପ୍ରସ୍ତାବ ଗ୍ରହଣ କରାଯିବ । ଏହି ପରିପ୍ରେକ୍ଷୀରେ ନବନିର୍ବାଚିତ କର୍ମକର୍ତାଙ୍କୁ ଦାୟିତ୍ୱ ବଂଟନ କରାଯିବା ସହ ଆଗାମୀ ଦିନ ପାଇଁ ଦଳର ରଣକୌଶଳ ନିର୍ଦ୍ଧାରଣ କରାଯିବ । ବିଭିନ୍ନ ଦୃଷ୍ଟିକୋଣରୁ ଏହି ୨ ଦିନିଆ ବୈଠକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହେବ । ସେହିପରି ୩୨ଟି ସାଙ୍ଗଠନିକ ଜିଲ୍ଲାରେ ଦଳକୁ ତୃଣମୂଳ ସ୍ତରରୁ ସୁଦୃଢ଼ କରିବା ପାଇଁ ରଣନୀତି ପ୍ରସ୍ତୁତ କରାଯିବ । ସଭ୍ୟ ସଂଗ୍ରହ ଠାରୁ ଆରମ୍ଭ କରି ତୃଣମୂଳ ସ୍ତରରେ ନବୀନ ସରକାରଙ୍କ ଲୋକାଭିମୁଖୀ ଯୋଜନାର ସଫଳ ରୂପାୟନ ସଂକ୍ରାନ୍ତରେ ମଧ ବିସ୍ତୃତ ଭାବେ ଆଲୋଚନା କରାଯିବ ।

## ତୈଳ ଦର ବୃଦ୍ଧି ପ୍ରତ୍ୟାହାର ଦାବିରେ ବିଶ୍ୱ ମାନବାଧିକାର ସୁରକ୍ଷା ସଂଗଠନର ବିକ୍ଷୋଭ

ଭୁବନେଶ୍ୱର,୧୩।୧୨ (ନି.ପ୍ର): କ୍ରମାଗତ ଭାବେ ପେଟ୍ରୋଲ, ଡ଼ିଜେଲର ଦର ବୃଦ୍ଧି ମଧବିତ ପରିବାରର ଆର୍ଥିକ ମାନଦଣ୍ଡକୁ ଭାଙ୍ଗି ଦେଇଛି। ପେଟ୍ରୋଲିୟମର ଅନ୍ତର୍ଜାତୀୟ ଦର କମ୍ ଥିଲାବେଳେ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କର ସେସ୍ ବ୍ୟବସ୍ଥା ଖାଉଟିମାନଙ୍କୁ ମହଙ୍ଗା ପଡୁଛି। ଏହାର ପ୍ରତିବାଦରେ ରାଜମହଲ ଛକରେ ପ୍ରତିକାତ୍ମକ ବିକ୍ଷୋଭ କାର୍ଯ୍ୟକ୍ରମରେ ବିଶ୍ୱ ମାନବାଧିକାର ସୁରକ୍ଷା ସଂଗଠନର ରାଷ୍ଟ୍ରୀୟ ଅଧକ୍ଷ ଡଃ ଅଭିନ୍ନ ହୋତା, ଯୁଗ୍ମ ସମ୍ପାଦକ ବାବୁ ନାୟକ, ନୀଳମଣି ମିଶ୍ର, ସସ୍ମିତା ପାହାଡ ସିଂ, ଗିରିଧର ଘଡ଼େଇ, ଅହଲ୍ୟା ଦେବୀ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅଭିଯାନକୁ ରାଜ୍ୟସାରା ଜୋରଦାର କରିବା ପାଇଁ ସଂଗଠନ ତରଫରୁ ସୂଚନା ଦିଆଯାଇଛି।

## ଖଇରାରେ ସାହିତ୍ୟ ସଂସଦର କର୍ମକର୍ତ୍ତା ଚୟନ




ଖଇରା,୧୩।୧୨ (ନି.ପ୍ର): ଖଇରା ସାହିତ୍ୟ ସଂସଦର ବୈଠକ ଖଇରା ଦୁର୍ଗାମଣ୍ଡପରେ ମଧାହ୍ନ ୧୧ରେ ସଭାପତି ମାୟାଧର ନାୟକଙ୍କ ପୌରହିତରେ ଅନୁଷ୍ଠିତ ହୋଇଛି । ସଂପୂର୍ଣ୍ଣ କୋଭିଡ-୧୯ କଟକଣା ମାର୍ଗଦର୍ଶିକା ଅନୁଯାୟୀ ହୋଇ ଏଥିରେ ଆଗାମୀ ୩ ବର୍ଷ ପାଇଁ ଅର୍ଥାତ ୨୦୨୦ ଡିସେମ୍ବରରୁ ୨୦୨୩ ପର୍ଯ୍ୟନ୍ତ କର୍ମକର୍ତ୍ତା ଚୟନ କରାଗଲା । ସେମାନେ ହେଲେ ସଭାପତି ମାୟାଧର ନାୟକ,ଉପସଭାପତି ଚିନ୍ତାମଣି ସାହାଣି, ସମ୍ପାଦକ ପ୍ରଫେସର ଉମେଶ ଚନ୍ଦ୍ର ନାୟକ, ସହସମ୍ପାଦକ କୈଳାସ ଚନ୍ଦ୍ର ପୃଷ୍ଟି, କୋଷାଧକ୍ଷ ବୁଦ୍ଧିରାମ ପାଣିଗ୍ରାହି, ସଂଗଠନ ସମ୍ପାଦକ ଶଶୀକାନ୍ତ ଦାସ, ସୁରମା ପାଣି, ମଧୁସୁଦନ ରାଉଳ,ରୀତାରାଣୀ ଦାସ, ଦାମୋଦର ନାୟକ,ହିସାବ ସମୀକ୍ଷକ ସନାତନ ବେହେରା ଓ ଦେବେନ୍ଦ୍ର କୁମାର ରାଉଳ, ଉପଦେଷ୍ଟାମଣ୍ଡଳରେ ପଣ୍ଡିତ କୃଷ୍ଣଚନ୍ଦ୍ର ପତ୍ରୀ, ପଣ୍ଡିତ ଅନାମନନ୍ଦ ଦାସ, ପ୍ରଫେସର ଡଃ ଶ୍ୟାମସୁନ୍ଦର ପ୍ରଧାନ, ପ୍ରଫେସର ବିଜୟ କୁମାର ଦାସ, ସୁଦାମ ଚରଣ ରାଉଳ, ଅନ୍ତର୍ଯାମୀ ପାତ୍ର, ପ୍ରଫେସର ଡଃ ଅଜୟ କୁମାର ନାୟକ, କୁନ୍ତଳା ମହାରଣା, ଶାନ୍ତି ମିଶ୍ର, ସଂକୀର୍ତ୍ତନ ପଣ୍ଡା, ସୋମନାଥ ବିଶ୍ୱାଳ ଓ ନାରାୟଣ ଚନ୍ଦ୍ର ପେଡା ସମେତ ସର୍ବଶେଷରେ ରଘୁନାଥ ପତ୍ରୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ଯାଜପୁରରେ ଗତ ୨୪ ଘଂଟାରେ ୧୯୫ ଜଣଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର,୧୩।୧୨ (ନି.ପ୍ର): ଯାଜପୁର ପୋଲିସ ଗତ ୨୪ ଘଂଟା ମଧ୍ୟରେ ମାସ୍କ ପିନ୍ଧି ନ ଥିବା, ସାମାଜିକ ଦୂରତ୍ୱ ନିୟମକୁ ନ ମାନିବା, ବାହାରେ ଛେପ ପକାଇବା ଓ ମୋଟର ଯାନ ଆଇନ ଭାଙ୍ଗିବା ଅଭିଯୋଗରେ ୧୯୫ ଜଣଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ସେମାନଙ୍କ ଠାରୁ ୧୭୬୫୦୦ ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା ବେଳେ ୧୪ ଜଣଙ୍କର ଡ୍ରାଇଭିଂଗ ଲାଇସେନ୍ସକୁ ନିଲମ୍ବିତ କରା ଯାଇଛି । ଯାଜପୁର ଏସପି ଟ୍ୱିଟ କରି ଏହି ସୂଚନା ଦେଇଛନ୍ତି ।

## ଟୋଲ ପ୍ଲାଜା ଅଚଳ କଲା କୃଷକ ସଂଘର୍ଷ ସମନ୍ୱୟ ସମିତି




ବାଲେଶ୍ୱର,୧୩।୧୨ (ନି.ପ୍ର): କେନ୍ଦ୍ର ସରକାରଙ୍କ ନୂତନ କୃଷି ଆଇନ ବିରୋଧରେ ଦିଲ୍ଲୀରେ ପଞ୍ଜାବ କୃଷକଙ୍କ ପକ୍ଷରୁ ଜାରି ରହିଥିବା ଆନ୍ଦୋଳନକୁ ସମର୍ଥନ ସହ ବାଲେଶ୍ୱର କୃଷକ ସଂଘର୍ଷ ସମନ୍ୱୟ ସମିତି ପକ୍ଷରୁ ଆଜି ସେରଗଡ଼ ଟୋଲ୍ ପ୍ଲାଜାଠାରେ ବିକ୍ଷୋଭ ପ୍ରଦର୍ଶନ ପୂର୍ବକ ଜାତୀୟ ରାଜପଥରେ ଯାଉଥିବା ସମସ୍ତ ଗାଡ଼ି ଟୋଲ ଫି ନଦେଇ ଯିବା ପାଇଁ ଛାଡ଼ିଥିଲେ। କୃଷକ ସଂଘର୍ଷ ମୋର୍ଚ୍ଚା ତରଫରୁ ଡାକରା ଦିଆଯାଇଥିବା ଟୋଲ ଫ୍ରି କରିବା ଆନ୍ଦୋଳନକୁ ସମର୍ଥନ ଜଣାଇ ଆଜି ଶତାଧିକ କୃଷକ ସେରଗଡ଼ ଟୋଲଗେଟ୍ ଦେୟ ଆଦାୟ ବନ୍ଦ କରିଥିଲେ। ନୂତନ କୃଷି ଆଇନ୍ ଏବଂ ନୂତନ ବିଦ୍ୟୁତ୍ ଆଇନ୍ ପ୍ରତ୍ୟାହାର ଦାବିରେ ଦିଲ୍ଲୀ ଠାରେ ଚାଲିଥିବା ଆନ୍ଦୋଳନ ସମର୍ଥନରେ ଜିଲ୍ଲା ତମାମ ବ୍ୟାପକ ଆନ୍ଦୋଳନ ହେବ ବୋଲି ଆଜି ଆନ୍ଦୋଳନକାରୀମାନେ ଘୋଷଣା କରିଥିଲେ। କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନବିରୋଧୀ ନୀତିର ସମାଲୋଚନା କରିବା ସହିତ ବିଜେପି ସରକାର କୃଷକ ଆନ୍ଦୋଳନ ଭାଙ୍ଗିଦେବା ପାଇଁ ଯେଉଁ ଅପପ୍ରଚାର କରୁଛନ୍ତି ତାହା ସଫଳ ହେବନାହିଁ। ବରଂ ଏହାଦ୍ୱାରା କୃଷକ ଆନ୍ଦୋଳନ ଆହୁରି ବ୍ୟାପକ ହେବ ବୋଲି ଆଜିର ଆନ୍ଦୋଳନକାରୀ ନେତାମାନେ ଘୋଷଣା କରିଥିଲେ। ପରେ ଖନ୍ତାପଡ଼ା ପୋଲିସ୍ ସମସ୍ତ ଆନ୍ଦୋଳନକାରୀମାନଙ୍କୁ ଗିରଫ କରିଥିଲେ। ଆଜିର ଆନ୍ଦୋଳନରେ ନିର୍ମଳ ନାୟକ, ଭାଗବତ ପ୍ରତିହାରୀ, ଶିଶିର ହୁଇ, ପ୍ରେମରଞ୍ଜନ ପାତ୍ର, ବିଜୟ ପାତ୍ର, ଅରୁଣ ଜେନା, ରାଜ କିଶୋର ଲେଙ୍କା, ଯୋଗାନନ୍ଦ ଦାଶ, ସେକ ଶିକନ୍ଦର ପ୍ରମୁଖ ଆନ୍ଦୋଳନକୁ ପରିଚାଳନା କରିବା ସହିତ ବକ୍ତବ୍ୟ ରଖିଥିଲେ। ଆସନ୍ତାକାଲି ୧୪ ତାରିଖ ଦିନ ୧୦ଟା ବେଳେ ବାଲେଶ୍ୱର ଜିଲ୍ଲାପାଳଙ୍କ ଦପ୍ତର ସମ୍ମୁଖରେ ମିଳିତ ଗଣଧାରଣାରେ ବହୁସଂଖ୍ୟାରେ ଯୋଗଦେବାକୁ କୃଷକମାନଙ୍କୁ ଆହ୍ୱାନ ଦିଆଯାଇଛି।

## କଟକରେ ଗତ ୨୪ ଘଂଟା ମଧ୍ୟରେ ମାସ୍କ ନ ପିନ୍ଧିଥିବାରୁ ୧୩୩ ଜଣଙ୍କ ଠାରୁ ଜୋରିମାନା

ଭୁବନେଶ୍ୱର,୧୩।୧୨ (ନି.ପ୍ର): କମିଶନରେଟ ପୋଲିସ ଗତ ୨୪ ଘଂଟା ମଧ୍ୟରେ ମାସ୍କ ପିନ୍ଧି ନ ଥିବା ଅଭିଯୋଗରେ କଟକରେ ୧୩୩ ଜଣଙ୍କ ଠାରୁ ଜୋରିମାନା ଆଦାୟ କରିଛି । ସେହିପରି ସାମାଜିକ ଦୂରତ୍ୱ ନିୟମ ପାଳନ କରି ନ ଥିବା ଅଭିଯୋଗରେ ୪୪୨ ଜଣଙ୍କ ଠାରୁ ଜୋରିମାନା ଆଦାୟ କରା ଯାଇଛି । ମୋଟର ଯାନ ଆଇନ୍ ଓ ଓଡିଶା ସହରାଂଚଳ ପୋଲିସ ଆଇନ୍ ଉଲ୍ଲଂଘନ କରିଥିବା ୫୨୮ ଜଣଙ୍କ ଠାରୁ ଜୋରିମାନା ଆଦାୟ କରା ଯାଇଛି। କଟକ ଡିସିପି ଟ୍ୱିଟ କରି ଏହି ସୂଚନା ଦେଇଛନ୍ତି।

## ଶ୍ରୀଜଗନ୍ନାଥ ଦର୍ଶନ ପ୍ରଚାର ସମିତିର ବାର୍ଷିକ ନେତ ଉଡାଣ ଉତ୍ସବର ପ୍ରସ୍ତୁତି ବୈଠକ




ଭଦ୍ରକ,୧୩।୧୨ (ନି.ପ୍ର): ଭଦ୍ରକ ଶ୍ରୀଜଗନ୍ନାଥ ଦର୍ଶନ ପ୍ରଚାର ସମିତିର ପ୍ରତିବର୍ଷ ପରି ଚଳିତ ବର୍ଷ ବାର୍ଷିକ ନେତ ଉଡାଣ ଉତ୍ସବ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ବିଜୟ କୁମାର ବାରିକଙ୍କ ବାସ ଭବନରେ ପରିଚାଳନା ସମିତିର ମୁଖ୍ୟ ପଣ୍ଡିତ ଭାଗିରଥି ନନ୍ଦଶର୍ମାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଚଳିତ ବର୍ଷ ଜାନୁଆରୀ ପହିଲାରେ ଇଚ୍ଛାପୁର ନିକଟସ୍ଥ କୁଣ୍ଡିବାଗ ଶ୍ରୀଜଗନ୍ନାଥ ମନ୍ଦିରରେ ଏକ ଦିନିକିଆ ମହୋତ୍ସବ କୋବିଡ୍ ନିୟମ ଅନୁସାରେ ପାଳନ କରାଯିବାକୁ ସ୍ଥିର କରାଯାଇଛି। କରୋନା କଟକଣା ଜାରି ଥିବାରୁ ମହୋତ୍ସବକୁ ଅଧିକ ବ୍ୟାପକ ନ କରି କେବଳ ଶ୍ରୀଜଗନ୍ନାଥଙ୍କ ଷୋଡଶ ଉପଚାର ପୂଜା, ବିଶ୍ୱଶାନ୍ତି ଯଜ୍ଞ ଆଦି ସୀମିତ ସଂଖ୍ୟକ ସେବକଙ୍କୁ ନେଇ ନେତ ଉଡାଣ ଉତ୍ସବ ପାଳନ କରାଯିବ। ଶ୍ରୀ ଜଗନ୍ନାଥ ଦର୍ଶନ ପ୍ରଚାର ସମିତିର ମୁଖପତ୍ର 'ନୀଳକନ୍ଦର' ଏହି ଦିନ ଉନ୍ମୋଚନ କରାଯିବାକୁ ସ୍ଥିର କରାଯାଇଛି। ଅଳ୍ପ ସଂଖ୍ୟକ ବକ୍ତା ଏଥିରେ ସଂଲଗ୍ନ ହେବେ। ଏହି ବୈଠକରେ ସହ ପରିଚାଳକ ବିଷ୍ଣୁ ମୋହନ ପଣ୍ଡା,ପଦ୍ମଲୋଚନ ମହାପାତ୍ର, ନାରାୟଣ ଚନ୍ଦ୍ର ପ୍ରଧାନ, ସନେଇ ଶିଅଳ, କମଳାକାନ୍ତ ମଲ୍ଲିକ, ପ୍ରତାପ ଚନ୍ଦ୍ର ପଣ୍ଡା, ପ୍ରଶାନ୍ତ କୁମାର ଦେ, ଗୀତାରାଣୀ ମହାନ୍ତି, ଲକ୍ଷ୍ମୀଧର ଖଟୁଆ ପ୍ରମୁଖ ବହୁ ସେବକ ଯୋଗଦାନ କରି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ବୈଠକ ପ୍ରାରମ୍ଭରେ ବୈଠକର ମୁଖ୍ୟ ଆବାହକ ଶରତ କୁମାର ସାହୁ ବୈଠକର ଆଲୋଚନାର ବିଷୟବସ୍ତୁ ଓ ବିବିରଣୀ ଉପସ୍ଥାପନ କରିଥିଲେ।

## ପଦ୍ମପୁର ଠାରେ ବିଜୁ ଜନତା ଦଳର ସାଙ୍ଗଠନିକ ବୈଠକ ଓ କର୍ମୀ ସମ୍ମିଳନୀ



ଗୁଣୁପୁର,୧୩।୧୨ (ନି.ପ୍ର): ରାୟଗଡ଼ା ଜିଲ୍ଲା ଗୁଣୁପୁର ଉପଖଣ୍ଡ ପଦ୍ମପୁର ବ୍ଲକ ବିଜୁଜନତା ଦଳର ଏକ ସାଙ୍ଗଠନିକ ବୈଠକ ଓ କର୍ମୀ ସମ୍ମିଳନୀ ସ୍ଥାନୀୟ ମାର୍ଦିଗୁଡା କାଜୁ ତୋଟା ଠାରେ ଅନୁଷ୍ଠିତ ହୋଇଥିଲା । ବିଜୁ ଜନତା ଦଳର ବ୍ଲକ ସଭାପତି ରବିନାରାୟଣ ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଏହି ସାଙ୍ଗଠନିକ ବୈଠକ ଓ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ଗୁଣୁପୁର ନିର୍ବାଚନ ମଣ୍ଡଳୀର ବିଧାୟକ ଶ୍ରୀ ରଘୁନାଥ ଗମାଙ୍ଗ, ପଦ୍ମପୁର ବ୍ଲକ ଅଧକ୍ଷ ରମାକା' ମାଝୀ, ଛାତ୍ର ଜନତା ଦଳ ର ଜିଲ୍ଲା ସଭାପତି ବିଷ୍ଣୁ ପ୍ରସାଦ ପଣ୍ଡା(ପିଙ୍କୁ ଭାଇ), ଯୁବ ଜନତା ଦଳର ଜିଲ୍ଲା ଉପସଭାପତି କୈଳାସ କ୍ରାସ୍କା, ଗୁଣୁପୁର ଜିଲ୍ଲା ପରିଷଦ ସଭ୍ୟ ଅଶ୍ୱିନୀ ଗମାଙ୍ଗ, ଜିଲ୍ଲା ଯୁବ ବିଜେଡି ଉପସଭାପତି ଅମିତ ମହାରଣା, ରମନାଗୁଡ଼ା ବ୍ଲକ ଅଧକ୍ଷ ରଜନୀ ମାଣ୍ଡାଙ୍ଗି, ଯୁବ ବିଜେଡି ଜିଲ୍ଲା ସମ୍ପାଦକ ବି ନାରାୟଣ ରାଜୁ(ଚିରୁ), ବିଜୁ ଛାତ୍ର ଜନତା ଦଳର ପଦ୍ମପୁର ବ୍ଲକ ସଭାପତି ବଳରାମ ତ୍ରିପାଠୀ ଜିଲ୍ଲା ସଂପାଦକ ଅମରନାଥ ଲିମା, ମାର୍କ ଦଳବେହେରା, ଇସମାଇଲ ଶବର, ଆତ୍ମା ଅଧକ୍ଷ ଗୋବର୍ଦ୍ଧନ ଶବର, ରଘୁନନ୍ଦନ ନାୟକ, ହୁରୁଚୁଲା ମାଝୀ, ରାମନାଗୁଡ଼ା ପୂର୍ବତନ ବ୍ଲକ ଅଧକ୍ଷ ନବୀନ ପିପିଲି, ପ୍ରମୁଖ ମଞ୍ଚାସିନ ଥିଲେ । ପ୍ରଥମେ ବରିଷ୍ଠ ବିଜେଡି ନେତା ସ୍ୱର୍ଗତ ଯଯାତି ସାହୁଙ୍କ ଉଦେଶ୍ୟ ୨ ମିନିଟ ନିରବ ପ୍ରାଥନା କରିବା ପରେ ଏହି ସମ୍ମିଳନୀରେ ହେବାକୁ ଥିବା ଆଗାମୀ ଜିଲା ପରିଷଦ ଉପନିର୍ବାଚନରେ କିଭଳି ଭାବେ କଂଗ୍ରେସ ଗଡ଼କୁ ଭାଙ୍ଗି ନିର୍ବାଚନ ରେ ବିଜୟ ଲାଭ କରିବ ଓ ମତଭେଦ ଭୁଲି ସଂଗଠନକୁ ସୃଦୁଢ଼ କରି ଲୋକ ମାନଙ୍କ ସୁଖଦୁଃଖ ରେ ହାତମିଳାଇ ଲୋକଙ୍କ ସହିତ ରହିବା ପାଇଁ ମଞ୍ଚାସିନ ଅତିଥି ମାନେ ମତବ୍ୟକ୍ତ କରିଥିଲେ।

## ବିଜୁ ଯୁବ ଜନତା ଦଳର ମୟୂରଭଞ୍ଜ ଜିଲ୍ଲା କମିଟି ଗଠିତ



ବାରିପଦା,୧୩।୧୨ (ନି.ପ୍ର): ରିଖ ଦିନ ବିଜୁ ଯୁବ ଜନତା ଦଳର ମୟୂରଭଞ୍ଜ ଜିଲ୍ଲା କମିଟି ରାଜ୍ୟ ସଭାପତି ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ରାଜ୍ୟ ସଭାପତି ବିଧାୟକ ବ୍ୟୋମକେଶ ରାୟ ଏବଂ ରାଜ୍ୟ ସାଧାରଣ ସମ୍ପାଦକ ଓ ଯୁବ ବ୍ୟାପାର ବିଭାଗ ଦାୟିତ୍ୱରେ ଥିବା ବିଧାୟକ ପ୍ରଣବ ବଳବନ୍ତ ରାୟଙ୍କ ସ୍ୱାକ୍ଷରରେ ଏକ ପ୍ରେସ ରିଲିଜ ମାଧରେ ପ୍ରକାଶିତ ହୋଇଅଛି । ଉକ୍ତ କମିଟିରେ ଜିଲ୍ଲା ଯୁବ ସଭାପତି ଅରୁଣ ବରାଡଙ୍କ ନେତୃତ୍ୱରେ ଉପ-ସଭାପତି ଭାବେ ଦେବାଶିଷ ପାତ୍ର, ଅରୁଣ ମହାନ୍ତି, ଦୁର୍ଗା ମହାନ୍ତ, ସ୍ୱରୂପ ତ୍ରିପାଠୀ, ଜ୍ଞାନରଂଜନ ବାରିକ, ସାଧାରଣ ସମ୍ପାଦକଭାବେ ପ୍ରସନ୍ନଜିତ ମହାନ୍ତି, ଦୁଷ୍ମନ୍ତ ମାରାଣ୍ଡି, ଲିଙ୍ଗରାଜ ପଣ୍ଡା, ରାଜୀବ ଭୂୟାଁ, ମାନସ ରଂଜନ ପୁହାଣ ଏବଂ ସମ୍ପାଦକ ଭାବେ ମନୋରଂଜନ ମୁଖୀ, ଗୋବିନ୍ଦ ବେହେରା, ଅଜିତ ବେହେରା, ଲକ୍ଷ୍ମଣ ମାରାଣ୍ଡି, ଶିବନାରାୟଣ ରଣା, ନରେନ୍ଦ୍ର ହାଁସଦା, ନାରାୟଣ ପ୍ରସାଦ ମୁର୍ମୁ, ଦୀପକ ଘୋଷ, ମଙ୍ଗଲ ସିଂ, ବିରେନ୍ଦ୍ର ମାରାଣ୍ଡି, ସପନ କୁମାର ମହାନ୍ତ, କାଳିଚରଣ ଧଳ, ସତ୍ୟରଂଜନ ଦାସ, ଅମୀର ଖାନ, ସେକ୍ ନିଜାମୁଦ୍ଦିନ, ବିନୋଦ କୁମାର ସିଂ, ସିବ ପ୍ରଧାନ, ପ୍ରଦୀପ କୁମାର ପଣ୍ଡା, ଦିବ୍ୟଜ୍ୟୋତି ଜେନା, ପୂର୍ଣ୍ଣଚନ୍ଦ୍ର ନାୟକଙ୍କ ନାମ ଚୂଡାନ୍ତ ହୋଇଛି। ସେହିପି ଆଇ.ଟି. ସେଲର ସଂଯୋଜକ ଭାବେ ସମରଜିତ ଗୋସ୍ୱାମୀଙ୍କୁ ମନୋନିତ କରାଯାଇଅଛି । ବାରିପଦା ବ୍ଲକ ସଭାପତି ଭାବେ ବିଶ୍ୱନାଥ ଟୁଡୁ, ଖୁଣ୍ଟା ବ୍ଲକ ସୁଶାନ୍ତ ପଣ୍ଡା, ରାସଗୋବିନ୍ଦପୁର ବ୍ଲକ ଉତ୍କଳ ମହାନ୍ତି, ଶୁଳିଆପଦା ବ୍ଲକ ସତ୍ୟବାନ ସାହୁ, ମୋରଡା ବ୍ଲକ ସମୀର କୁମାର ବେହେରା, ଶାମାଖୁଣ୍ଟା ବ୍ଲକ ଜହର ସିଂ, କୁଳିଅଣା ବ୍ଲକ ସଂଗ୍ରାମ ମାରାଣ୍ଡି, ବାଙ୍ଗିରିପୋଷି ଦୁବାଇ ମାଝୀ, ବଡସାହି ବ୍ଲକ ନିହାର ରଂଜନ ମହାପାତ୍ର, ବେତନଟୀ ଦୁଃଖିରାମ ମୁର୍ମୁ, ଉଦଳା ଏନ.ଏସ.ସି. ନିମନ୍ତେ ଅନୀଲ ମହାପାତ୍ର, ଉଦଳା ବ୍ଲକ ବିନୋଦ ଦାସ, ଗୋପବନ୍ଧୁ ନଗର ତପନ କୁମାର ମହାନ୍ତି, କପ୍ତିପଦା ଦୀନାକର ମହାନ୍ତି, ବାରିପଦା ପୌରାଞ୍ଚଳ ନିମନ୍ତେ ସରୋଜ ଶତପଥୀଙ୍କ ନାମ ଘୋଷଣା କରାଯାଇଅଛି । ବଡସାହି ବ୍ଲକ କାର୍ଯ୍ୟକାରୀ ସଭାପତିଭାବେ ଦୀପକ କୁମାର ସାହୁ ଓ ବେତନଟୀ ବ୍ଲକର କାର୍ଯ୍ୟକାରୀ ସଭାପତି ଭାବେ ମାନସ କୁମାର ଜେନାଙ୍କ ନାମ ଚୁଡାନ୍ତ କରାଯାଇଅଛି । ଉକ୍ତ କମିଟିକୁ ରାଜ୍ୟସଭାପତି ନବୀନ ପଟ୍ଟନାୟକ ଅନୁମୋଦନ କରିଥିବାରୁ ଜିଲ୍ଲା ବିଜୁ ଯୁବ ଜନତା ଦଳ ପକ୍ଷରୁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଅଛି ।

## ଜନ୍ମ ଦିନରେ ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ହର୍ଷ ବର୍ଧନଙ୍କୁ ଶୁଭକାମନା ଜଣାଇଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,୧୩।୧୨ (ନି.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ଦିନ ଜନ୍ମ ଦିନରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ହର୍ଷ ବର୍ଧନଙ୍କୁ ଶୁଭକାମନା ଜଣାଇଛନ୍ତି ।

ସେ ଟ୍ୱିଟ କରି କହିଛନ୍ତି ଯେ ସେ ଏକ ସୁସ୍ଥ ଭାରତ ସୁନିଶ୍ଚିତ କରିବା ପାଇଁ ପ୍ରୟାସ କରିବା ସହ ଦେଶବାସୀଙ୍କ ମଧ୍ୟରେ ବିଜ୍ଞାନ ଓ ନୂତନତ୍ୱକୁ ପ୍ରୋତ୍ସାହନ ଦେବା ପାଇଁ ଉଲ୍ଲେଖନୀୟ ପ୍ରୟାସ କରୁଛନ୍ତି । ତାଙ୍କର ସୁସ୍ଥ ଓ ନିରାମୟ ଜୀବନ କାମନା କରୁଛି ।

# ନାବାଳିକା ଅପହରଣ ଘଟଣାର ୧୫ ଦିନ ପରେବି ପୋଲିସର କାର୍ଯ୍ୟାନୁଷ୍ଠାନ ଶୂନ

ନୀଳଗିରି ,୧୩।୧୨ (ନି.ପ୍ର): ଜଣେ ନାବାଳିକା ଝିଅର ଅପହରଣ ହେବା ଏବଂ ଏତଲାର ଦୀର୍ଘ ୧୫ ଦିନ ବିତିଯାଇଥିଲେ ମଧ ପୋଲିସର କୌଣସି କାର୍ଯ୍ୟାନୁଷ୍ଠାନ ନହେବା ଫଳରେ ନାବାଳିକାର ପିତା ମାତା ଆଶା ଆଶଙ୍କାରେ ରହିଛନ୍ତି। ସୂଚନା ଅନୁଯାୟୀ ନୀଳଗିରି ଥାନା ବେଗୁନିଆ ଗ୍ରାମର ଜନୈକ ବ୍ୟକ୍ତିଙ୍କ ନାବାଳିକା କନ୍ୟା (ଛଦ୍ମନାମ) ଅନିତା(୧୭) ୧୮ ତାରିଖ ରାତ୍ର ପ୍ରାୟ ୨.୩୦ ସମୟରେ ବାହାରକୁ ପରିଶ୍ରାକରିବାକୁ ଉଠି ଆଉ ଘରକୁ ଫେରିନଥିଲେ। ସକାଳରେ ନାବାଳିକାର ପିତା ଝିଅକୁ ନପାଇ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିବା ସହିତ ବନ୍ଧୁବାନ୍ଧବଙ୍କ ଘରେ ମଧ ଖୋଜି ହତାସ ହୋଇଥିଲେ। ଏନେଇ ନୀଳଗିରି ଥାନାରେ ଗତ ୨୯/୧୧/ ୨୦୨୦ ରିଖରେ ଏକ ଲିଖିତ ଅଭିଯୋଗ କରିଥିଲେ। କିଛିଦିନ ପରେ ନାବାଳିକାର ବାପା କୋମାରଖାଲିଆ ଗ୍ରାମର ବାବୁଲା ସିଂଙ୍କ ଠାରୁ ଖବର ପାଇ ସମନାଥପୁର ଇଣ୍ଡସଟ୍ରିଆଲ ଅଂଚଳର ତିନି ଜଣ ଯୁବକ ଅପହରଣ କରିନେଇଥିବାର ଖବର ପାଇଥିଲେ। ବାବୁରାମ ସିଂଙ୍କ ଙ୍କ ଶିବା ସିଂ(୨୫) , ବିଶ୍ୱନାଥ ସିଂ(୨୩) , ଏବଂ ସନିଆ ସିଂଙ୍କ ପୁଅ ଦିପୁ ସିଂ(୨୩) ଏହି ଅପରହଣ କରିଥିବା ଖବର ପୋଲିସରେ ଜଣାଇଥିଲେ। ବାବୁରାମ ସିଂଙ୍କ ପୁଅ ସିବା ସିଂ ନାବାଳିକା ଝିଅର ଇଚ୍ଛା ବିରୋଧରେ ଜୋରଜବରଦସ୍ତ ବାହା ହେବାକୁ ଚାହୁଁଥିବା ବେଳେ ଦୁଷ୍କର୍ମ କରିଥିବାର ମଧ ଅଭିଯୋଗ ହୋଇଥିଲେ। ଶିବାର ବାପା ଏବଂ ମା ଉକ୍ତ ନାବାଳିକା କନ୍ୟାକୁ ଜୋରଜବରଦସ୍ତ ନିଜ ପୁଅ ସହିତ ବାହା କରିବାକୁ କହୁଥିବା ବେଳେ ଝିଅକୁ ଏଣେତେଣେ ଲୁଚାଉଥିବାର ଅଭିଯୋଗ ହୋଇଛି। ଇତିମଧରେ ଦୀର୍ଘ ୧୫ ଦିନ ବିତିଯାଇଥିଲେ ମଧ ପୋଲିସର କୌଣସି କାର୍ଯ୍ୟାନୁଷ୍ଠାନ ନକରିବା ନେଇ ନାବାଳିକାର ପିତା ଦୁଃଖ ପ୍ରକାଶ କରିଛନ୍ତି।

## ରୋଷେଇ କରୁଥିବା ବେଳେ ଅଗ୍ନିକାଣ୍ଡ



ଖଇରା,୧୩/୧୨(ନିପ୍ର)ଖଇରା ତହସିଲ୍ ଅଧିନସ୍ଥ ହରିପୁର ପଞ୍ଚାୟତ ପଟାଗଡିଆ ଗ୍ରାମର ଶୁଭାନି ଶଙ୍ଖୁଆ ରୋଷେଇ କରୁଥିବା ସମୟରେ ଅସାବଧାନତା କାରଣ ବସତ ନଡା ଛପରରେ ନିଆଁ ଲାଗିଯାଇଥିଲା। ନିଆଁ ଲାଗିବା ଦେଖି ସାଇପଡିସାମାନେ ନଡା ଛପର ଘରକୁ ପାଣି ଢାଳି ନିଆଁ ଲିଭାଇବା ସହିତ ଅନ୍ୟ ଘର ମାନଙ୍କୁ ନ ବ୍ୟାପିବା ପାଇଁ ନଡା ଛପରଟିକୁ ଉଟାରି ଦେଇଥିଲେ। ଏଥିରେ ସ୍ଥାନୀୟ ବାସିନ୍ଦାଙ୍କ ସାହାଯ୍ୟରୁ ବିପିନ୍ନ ପରିବାରଙ୍କର ଅଧିକ କ୍ଷୟ କ୍ଷତି ହୋଇ ନ ଥିଲା। ଖବର ପାଇ ବର୍ତ୍ତନା ରାଜସ୍ୱ ନିରିକ୍ଷକ ଗୀତାଞ୍ଜଳି ସିଂ କ୍ଷେତ୍ର ପରିଦର୍ଶନ କରି କ୍ଷୟ କ୍ଷତି ଆକଳନ କରିଥିଲେ।

## କରୋନାରେ ଦେଶରେ ଗତ ୨୪ ଘଂଟାରେ ୩୦,୨୫୪ ନୂଆ ମାମଲା, ୩୯୧ ଜଣଙ୍କର ମୃତ୍ୟୁ

ନୂଆଦିଲ୍ଲୀ,୧୩।୧୨ (ନି.ପ୍ର): ଦେଶରେ ଗତ ୨୪ଘଂଟା ମଧରେ ୩୦,୨୫୪ ଟି ନୂଆ କରୋନା ମାମଲା ସାମନାକୁ ଆସିଛି । ଗତ ୨୪ ଘଂଟା ମଧ୍ୟରେ ୩୯୧ ଜଣଙ୍କର ମୃତ୍ୟୁ ଘଟିଛି । ଏହା ସହିତ ଦେଶରେ କୋରୋନା ଆକ୍ରାନ୍ତଙ୍କ ସଂଖ୍ୟା ୯୮,୫୭,୦୨୯ ରେ ପହଂଚିଛି । ଆଜି ସକାଳେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ ସକ୍ରିୟ ରୋଗୀଙ୍କ ସଂଖ୍ୟା ୩,୫୬,୫୪୬ ଥିବା ବେଳେ ବର୍ତ୍ତମାନ ସୁଦ୍ଧା ୧,୪୩,୦୧୯ଜଣ ମୃତ୍ୟୁ ବରଣ କରିଛନ୍ତି।

# ଭଦ୍ରକରେ ରାଷ୍ଟ୍ରୀୟ ମହିଳା ଶକ୍ତି ଉଦ୍‌ଘାଟିତ

ଭଦ୍ରକ,୧୩।୧୨ (ନି.ପ୍ର): ନାରୀ ହିଁ ସକଳ ଶକ୍ତିର ଆଧାର। ନାରୀ ଜାଗିଲେ ଦେଶ ଜାଗିବ। ଦେଶ ଜାଗିଲେ ସମାଜର ପରିବର୍ତ୍ତନ ହେବ। ଯୁଗେ ଯୁଗେ ନାରୀ ଶକ୍ତିକୁ ପ୍ରାଧାନ୍ୟ ଦିଆ ଯାଇଛି। ନାରୀ ହିଁ ସମାଜର ମାନଦଣ୍ଡ। ସେଥିପାଇଁ ପ୍ରାନ୍ତୀୟ ସ୍ତରରେ ଗୁଲାପ ଜୀ, ଜୟ ସବାନ, ନରସିଂହ ଜି ପଟେଲ, ଅନିତା ସିଂ ଜୀ, ବଜରଙ୍ଗ ଦାସ ଗୁରୁଜୀଙ୍କ ପ୍ରଚେଷ୍ଟାରେ ମାନନୀୟ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ଏକ ମହିଳା ଶକ୍ତି ସଂଗଠନ କରି ମହିଳମାନଙ୍କୁ ସଶକ୍ତିକରଣ ଓ ସଚେତନତା କରାଯିବା ପାଇଁ ସଂଗଠନ ପ୍ରସ୍ତୁତି କରାଯାଉଛି। ମହିଳା ସଶକ୍ତିକରଣକୁ ଗୁରୁତ୍ୱ ଦେଇ ବିଧାବ ମା' ମାନଙ୍କର ସର୍ବବିଧ ଉନ୍ନତି ପାଇଁ ଭଦ୍ରକ ଜିଲ୍ଲା ସଂସ୍କୃତି ଭବନରେ କଳିଙ୍ଗରତ୍ନ ପଣ୍ଡିତ ଦୈତ୍ୟାରୀ ମହାପାତ୍ରଙ୍କ ସଭାପତିତ୍ୱରେ ଏକ ସ୍ୱତନ୍ତ୍ର ସଭାର ଆୟୋଜନ କରାଯାଇ ମହିଳା




ଶକ୍ତିର ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ମହିଳା ଶକ୍ତିର ରାଜ୍ୟ ଅଧକ୍ଷ ପ୍ରଭାତ୍ କୁମାର ବାରିକ୍, ରାଜ୍ୟ ପ୍ରମୁଖ ତଥା ମାର୍ଗ ଦର୍ଶକ ଶରତ ଚନ୍ଦ୍ର ବେହେରା, ବାଲେଶ୍ୱର ଜିଲ୍ଲା ଅଧକ୍ଷ ବାପି ପଣ୍ଡା, ରାଜ୍ୟ ସଚିବ ଅନୁକମ୍ପା ପାତ୍ର, ଭଦ୍ରକ ଜିଲ୍ଲା ଅଧକ୍ଷା ଗୀତାଞ୍ଜଳୀ ଜେନା, ଉପାଧକ୍ଷା ମେଘମାଳା ପଣ୍ଡା, ଯୁବ ଅଧକ୍ଷ ଅପୂର୍ବ ରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ରହି ମହିଳା ଶକ୍ତି ଉପରେ ଆଲୋଚନା କରିବା ସହ ବିଧବାମାନଙ୍କୁ କିପରି ୬ଟି ଲାଭକାରୀ ଯୋଜନା ଦିଆ ଯାଇ ପାରିବ ସେ ସମ୍ପର୍କରେ ଆଲୋଚନା କରିଥିଲେ। ବିଧବା ମାନଙ୍କୁ ଆଜୀବନ ପେନ୍‌ସନ, ବିଦ୍ୟୁତ୍ ବିଲ, ପାଣି ବିଲ୍, ପିଲାଙ୍କୁ ମାଗଣାରେ ଶିକ୍ଷା, ବସ୍ ଓ ଟ୍ରେନ୍‌ରେ ଯାତାୟତ ପାଇଁ ପାସ୍, ମାଗଣାରେ ଘର ଯୋଗାଣ କରାଯାଇ ପାରିବ ସେ ସମ୍ପର୍କରେ ଆଲୋଚନା କରିବା ସହ ଭଦ୍ରକ ଜିଲ୍ଲା ଓ ବ୍ଲକରେ ନବ ନିଯୁକ୍ତ କର୍ମକର୍ତ୍ତାଙ୍କ କର୍ମ ଦକ୍ଷତା ଉପରେ ଆଲୋଚନା କରିଥିଲେ। ଭଦ୍ରକରେ ବିଧିବଦ୍ଧ ଭାବେ ମହିଳା ଶକ୍ତି ଗଠିତ ହେବା ଜିଲ୍ଲା ପାଇଁ ଏକ ସୌଭାଗ୍ୟର ପଦକ୍ଷେପ ବୋଲି ଉପସ୍ଥିତ ବୁଦ୍ଧିଜୀବୀ ମାନେ ମତ ରଖିଥିଲେ। ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ ପ୍ରକାଶ ସ୍ୱାଇଁ, ରଞ୍ଜନ କୁମାର ପଣ୍ଡା, ସୁବାସ ଚନ୍ଦ୍ର ଦାସ, ବୈକୁଣ୍ଠ ନାଥ ମଲ୍ଲିକ, ଶକୁନ୍ତଳା ଧଳ, ତନୁଶ୍ରୀ ପଣ୍ଡା, ମିନାକ୍ଷୀ ମହାପାତ୍ର, ସ୍ନିଗ୍ଧା ବାରିକ୍, ଦ୍ରୌପଦୀ ବେହେରା, ରାଜଶ୍ରୀ ନାୟକ, ବନିତା ରାଣୀ ଦାସ, ମୋନାଲିସା ନାୟକ, ପ୍ରଭାକର ସ୍ୱାଇଁ, ହରିହର ନାୟକ, ଦୀପକ କୁମାର କୁଣ୍ଡୁ ପ୍ରମୁଖ ଉପସ୍ଥିତ ରହି ମହିଳା ଶକ୍ତି ଉପରେ ନିଜ ନିଜର ମନ୍ତବ୍ୟ ରଖିଥିଲେ। ଶେଷରେ ସର୍ମିଷ୍ଠା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ସ୍ତ୍ରୀକୁ ଯୌତୁକ ପାଇଁ ନିର୍ଯ୍ୟାତନା: ସ୍ୱାମୀ ଗିରଫ

ଜୟପୁର,୧୩।୧୨ (ନି.ପ୍ର): ଜୟପୁର ମହିଳା ଥାନାରେ ସ୍ତ୍ରୀ କୁ ନିର୍ଯ୍ୟାତନା ଦେଉଥିବା ନେଇ ଅଭିଯୋଗ ହୋଇଛି । ଅଭିଯୋଗ ପାଇ ପୋଲିସ ସ୍ୱାମୀ କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ହେଲେ ରାୟଗଡା ଜିଲା କାଶିପୁର ଅ ଳର ଜଗଦିଶ ସିଂ (୩୭)। ପୋଲିସ ସୁତ୍ର ରୁ ପ୍ରକାଶ ଯେ ବି ସିଂପୁର ଅ ଳର ରଞ୍ଜିତା କୁମାରି ସିଂ ଗତ ୨୦୧୯ ରେ ରାୟଗଡା ଜିଲା କାଶିପୁର ଅ ଳର ଜଗଦିଶ ସିଂ କୁ ବିବାହ କରିଥିଲେ। ଜଗଦିଶ ପ୍ରତ୍ୟେକ ଦିନ ରଞ୍ଜିତା କୁ ଯୌତୁକ ପାଇଁ ଶାରୀରିକ ଓ ମାନିସକ ନିର୍ଯ୍ୟାତନା ଦେଉ ଥିଲେ । ଏହା ସହ ଅଭିଯୁକ୍ତ ଜଗଦିଶ ଦ୍ୱିତିୟ ସ୍ତ୍ରୀ ଗ୍ରହଣ କରି ରଞ୍ଜିତାକୁ ଘର ବାହାର କରିଦେଲେ । ଏନେଇ ରଞ୍ଜିତା ମହିଳା ଥାନାରେ ଅଭିଯୋଗ ହେବାରୁ ପୋଲିସ ସ୍ୱାମୀ ସହ ଶାଶୁ, ଶ୍ୱଶୁର, ଦ୍ୱିତିୟ ସ୍ତ୍ରୀ ନାମରେ ୭୬/୨୦ ମାମଲା ରୁଜୁ କରି ସ୍ୱାମି କୁ ଗିରଫ କରି କୋର୍ଟ ଚାଲାଣ କରିଛି। ମାମଲା କୁ ମହିଳା ଥାନା ଅଧିକାରି ମମତା ପାଣିଗ୍ରାହି ତଦନ୍ତ କରୁଥିବା ଜଣାଯାଇଛି ।

# ଭୁବନେଶ୍ୱରରୁ ଆଜି ୪୧ ଆକ୍ରାନ୍ତ , ୨୬ ସୁସ୍ଥ

ଭୁବନେଶ୍ୱର,୧୩।୧୨ (ନି.ପ୍ର): ଗତ କିଛି ଦିନ ଧରି ରାଜଧାନୀ ଭୁବନେଶ୍ୱରରେ ସୁସ୍ଥଙ୍କ ଠାରୁ ନୂତନ ଆକ୍ରାନ୍ତଙ୍କ ସଂଖ୍ୟା ଅଧିକ ରହୁଛି। ରବିବାର ଦିନ ମଧ୍ୟ ଆଉ ୪୧ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏଥିରେ ୭ ଜଣ ସଂଗରୋଧ ଓ ୩୪ ଜଣ ସ୍ଥାନୀୟ ଅଂଚଳରୁ ଅଛନ୍ତି। ଅନ୍ୟପକ୍ଷରେ ୨୬ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି ଏବଂ ଜଣଙ୍କର ମୃତ୍ୟୁ ହୋଇଛି। ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଟୁଇଟ ଜରିଆରେ ଏହି ସୂଚନା ଦିଆଯାଇଛି। ନୂତନ ଆକ୍ରାନ୍ତଙ୍କୁ ମିଶାଇ ଭୁବନେଶ୍ୱରରୁ ଆଜି ପର୍ଯ୍ୟନ୍ତ ୩୧,୧୪୫ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ଏଥିରୁ ୩୦,୫୪୯ ଜଣ ସୁସ୍ଥ ହୋଇସାରିଛନ୍ତି। ଏବେ ୩୪୬ ଜଣ ଆକ୍ରାନ୍ତ ସକ୍ରିୟ ଥିବା ବେଳେ ୨୨୯ ଜଣଙ୍କର ମୃତ୍ୟୁ ହୋଇଛି।

## 'ନେସ୍କୋ'ମୁଖ୍ୟ କାର୍ଯ୍ୟାଳୟ ଘେରାଓ ଡାକରାକୁ ବିରୋଧ

# ୨୨ରେ କାର୍ଯ୍ୟ ଜାରି ରଖିବ ଏମ୍ପ୍ଲୋଇଜ୍-ଶ୍ରମିକ କର୍ମଚାରୀ ମିଳିତ ମଞ୍ଚ

ବାଲେଶ୍ୱର,୧୩।୧୨ (ନି.ପ୍ର): ବିଭିନ୍ନ ଦାବି ନେଇ ଆସନ୍ତା ୨୨ ତାରିଖରେ ଉତ୍ତର ଓଡିଶାର ବିଦ୍ୟୁତ ବିତରଣ ସଂସ୍ଥା 'ନେସ୍କୋ'ର ମୁଖ୍ୟ କାର୍ଯ୍ୟାଳୟ ଘେରାଓ ପାଇଁ ଅନ୍ୟାନ୍ୟ ସଂଗଠନର ଡାକରାକୁ ବିରୋଧ କରିଛି 'ନେସ୍କୋ ବିଦ୍ୟୁତ ଏମ୍ପ୍ଲୋଇଜ୍ ଏବଂ ଶ୍ରମିକ କର୍ମଚାରୀ ମିଳିତ ମଞ୍ଚ। କେତେକ ନ୍ୟସ୍ତସ୍ୱାର୍ଥ ସଂଗଠନ ପକ୍ଷରୁ ଦିଆଯାଇଥିବା ଆନ୍ଦୋଳନ ଡାକରାକୁ କେବେ ସଫଳ କରିବାକୁ




ଦିଆଯିବ ନାହିଁ ବୋଲି ମିଳିତ ମଂଚର କର୍ମକର୍ତ୍ତାମାନେ ରବିବାର ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଚେତାବନୀ ଦେଇଛନ୍ତି । ଡ. ଅନ୍ତର୍ଯ୍ୟାମୀ ମାହାପାତ୍ର, ନିମାଇଁ ଚରଣ ରାଉତରାୟ, କମଳଲୋଚନ ବେହେରା, ନୃସିଂହ ଚରଣ ପଣ୍ଡା, ଅଶ୍ୱିନୀ କୁମାର ଦାସ ପ୍ରମୁଖ ଶ୍ରମିକ କର୍ମଚାରୀ ମିଳିତ ମଂଚର କର୍ମକର୍ତ୍ତା ଏହି ସାମ୍ବାଦିକ ସମ୍ମିଳନୀରେ ଯୋଗଦେଇ ଅନ୍ୟ ସଂଗଠନର ଆନ୍ଦୋଳନ ଡାକରାକୁ ତୀବ୍ର ସମାଲୋଚନା କରିଥିଲେ। ବିଦ୍ୟୁତ୍ ଶ୍ରମିକ-କର୍ମଚାରୀଙ୍କ ବାରମ୍ବାର ଦାବି ପରେ ନେସ୍କୋ ବାଲେଶ୍ୱର ମୁଖ୍ୟ କାର୍ଯ୍ୟାଳୟ ପକ୍ଷରୁ ଉଚିତ ପଦକ୍ଷେପ ନିଆଯାଉ ନଥିବା ବେଳେ ପୁଣି ସେହି ଫାର୍ସର ଆବଶ୍ୟକତା ନାହିଁ ବୋଲି ସେମାନେ କହିଥିଲେ। ଏନେଇ ଭୁବନେଶ୍ୱରସ୍ଥିତ ଓଡିଶା ବିଦ୍ୟୁତ ନିମାୟକ ଆୟୋଗ (ଓଇଆରସି) କାର୍ଯ୍ୟାଳୟ, ସଚିବାଳୟ ଅଥବା ବିଧାନସଭା ସମ୍ମୁଖରେ ଆନ୍ଦୋଳନ ପାଇଁ ମଞ୍ଚ ନିଷ୍ପତି ନେଇଥିବା ସମ୍ପର୍କରେ ସେମାନେ ସୂଚନା ଦେଇଥିଲେ ।

# ମୟୂରଭଞ୍ଜ କଲେଜ ଅଫ୍ ଏକାଉନେଟନସି ଏଣ୍ଡ ମେନେଜମେଂଟରେ ମାନବିକ ଅଧିକାର ଦିବସ ପାଳିତ




ବାରିପଦା, ୧୩।୧୨ (ନି.ପ୍ର): ସ୍ଥାନୀୟ ମହାରାଜପୁରସ୍ଥିତ ମୟୁରଭଞ୍ଜ କଲେଜ ଅଫ୍ ଆକାଉନଟେନସି ଏଣ୍ଡ ମ୍ୟାନେଜମେଂଟର ସମ୍ମିଳନୀ କକ୍ଷରେ ମାନବିକ ଅଧିକାର ଦିବସ ଜାତୀୟ ସେବା ଯୋଜନା ପକ୍ଷରୁ ପାଳିତ ହୋଇଯାଇଛି । ଏଥିରେ କଲେଜର ଅଧକ୍ଷ ପ୍ରଦୀପ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମାନବର ଅଧିକାର ସମ୍ପର୍କରେ ଛାତ୍ରଛାତ୍ରୀମାନଙ୍କୁ ଅବଗତ କରାଇଥିଲେ । ଏଥିରେ କଲେଜର ଉପାଧକ୍ଷା ସଂଘମିତ୍ରା ରାଉତ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ମାନବିକ ଅଧିକାରର ଆଭିମୁଖ୍ୟ ସମେତ ମିଳିତ ଜାତିସଂଘ ଦ୍ୱାରା ସାର୍ବଜନୀନ ମାନବିକ ଅଧିକାରର ଘୋଷଣାନାମାର ବିଭିନ୍ନ ଧାରା ଓ ସେହି ଗୁଡିକର ସୁରକ୍ଷା ପାଇଁ ସଚେତନ କରାଇଥିଲେ । ଜାତୀୟସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ମୀରା ସେନାପତି ଦୈନନ୍ଦିନ ଜୀବନରେ ମାନବିକ ଅଧିକାର ଗୁଡିକର ପ୍ରୟୋଗ ନେଇ ବକ୍ତବ୍ୟ ରଖିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସାଗରୀକା ପଣ୍ଡା, ପଂଚାନନ ସାହୁ ପ୍ରମୁଖ ବକ୍ତବ୍ୟ ରଖିଥିଲେ । ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଶୁଭମ୍ ନନ୍ଦ ଦେବ ଗୋସ୍ୱାମୀ, ରାମକୃଷ୍ଣ ଦେ, ରାହତ ବେହେରା, ସରସ୍ୱତୀ ବିଶ୍ୱାଳ, ବିନତୀ ମହାପାତ୍ର ପ୍ରମୁଖ ମଧ ସହଯୋଗ କରିଥିଲେ। ଶେଷରେ ଜାତୀୟ ସେବା ଯୋଜନାର ଅନ୍ୟତମ କାର୍ଯ୍ୟକ୍ରମ ଅଧିକାରୀ ବିଜୟା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

## ଚାଷୀ ଆନ୍ଦୋଳନ ସମର୍ଥନରେ ଆଜି ସବୁ ଜିଲ୍ଲାରେ ହେବାକୁ ଥିବା ଧାରଣାରେ ସାମିଲ ହେବ କଂଗ୍ରେସ

ଭୁବନେଶ୍ୱର,୧୩।୧୨ (ନି.ପ୍ର): କୃଷକ ସଂଗଠନ ପକ୍ଷରୁ ଆସନ୍ତାକାଲି ସମସ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବାକୁ ଥିବା ବେଳେ ଏହାକୁ ସମର୍ଥନ ଜଣାଇଛି କଂଗ୍ରେସ । କୃଷି ଆଇନ ପ୍ରତ୍ୟାହାର ଦାବିରେ ବିଭିନ୍ନ କୃଷକ ସଂଗଠନ ଦ୍ୱାରା ଦିଲ୍ଲୀରେ ଆନ୍ଦୋଳନ, ବିକ୍ଷୋଭ ଚାଲିଥିବାବେଳେ ଆସନ୍ତାକାଲି ଆମରଣ ଅନଶନ ଡାକରା ଦିଆଯାଇଛି। ଏହା ସପକ୍ଷରେ ସାରା ଦେଶରେ ପ୍ରତ୍ୟେକ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ହେବାକୁ ଥିବା ଧାରଣା, ପ୍ରତିବାଦ ଓ ବିକ୍ଷୋଭ କାର୍ଯ୍ୟକ୍ରମକୁ କଂଗ୍ରେସର ନେତୃମଣ୍ଡଳୀ ଓ କର୍ମୀମାନେ ଦଳୀୟ ପତାକା ଓ ବ୍ୟାନର ସହ ଅନ୍ନଦାତାମାନଙ୍କୁ ନୈତିକ ସମର୍ଥନ ପ୍ରଦାନ କରିବେ ବୋଲି ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି। ଏହାସହ ଜିଲ୍ଲା କଂଗ୍ରେସ କମିଟିର ସଭାପତିମାନେ ସାମ୍ବାଦିକ ସମ୍ମିଳନୀ ଆୟୋଜନ କରି କେନ୍ଦ୍ରର ବିଜେପି ସରକାରଙ୍କ କୃଷକମାରଣ ନୀତି ଓ ରାଜ୍ୟର ବିଜେଡ଼ି ସରକାରଙ୍କ ଦୋମୁହାଁ ନୀତି ଉପରେ ଉଭୟ ସରକାରଙ୍କ ଚେହେରାର ପର୍ଦ୍ଦାଫାସ କରିବାକୁ ପିସିସି ସଭାପତି ଶ୍ରୀ ପଟ୍ଟନାୟକ ସୂଚୀତ କରିଛନ୍ତି।

# ଖଇରା ପ୍ରତିଭା ପରିବାର ତରଫରୁ କର୍ମକର୍ତ୍ତା ଚୟନ




ଖଇରା,୧୩/୧୨(ନିପ୍ର) ଖଇରା ପ୍ରତିଭା ପରିବାର ତରଫରୁ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ପରିସରରେ ପ୍ରତିଭା ପରିବାର ତରଫରୁ କର୍ମକର୍ତ୍ତା ଚୟନ କରାଯାଇଥିଲା । କର୍ମକର୍ତ୍ତା ଚୟନର ଆବାହକ ରଘୁନାଥ ପତ୍ରୀ ଥିବାବେଳେ ମୁଖ୍ୟ ନିର୍ବାଚନ ପରିଚାଳକ ପ୍ରଫେସର ବସନ୍ତ କୁମାର ଖିଲାର ଉପସ୍ଥିତ ଥିଲେ। ଏହି ପ୍ରତିଭା ପରିବାର କର୍ମକର୍ତ୍ତା ସଭାପତି ଚୟନରେ ଚିନ୍ତାମଣୀ ସାହାଣୀ, ଉପସଭାପତି ସନାତନ ବେହେରା,ସମ୍ପାଦକ ପ୍ରଫେସର ଉମେଶ ଚନ୍ଦ୍ର ନାୟକ,କୋଷାଧକ୍ଷ ବିଦ୍ଧିରାମ ପାଣିଗ୍ରାହି ,ଉପକୋଷାଧକ୍ଷ ପ୍ରଶାନ୍ତ କୁମାର ଦାସ ନିର୍ବାଚିତ ହୋଇଥିଲେ। ସଂଯୋଜକ ହିସାବରେ ଖଇରାର ଶଶୀକାନ୍ତ ଦାସ,କୁପାରୀର ବସନ୍ତ କୁମାର ଦାସ,ଗଣ୍ଡିବେଡ ବିଭୁତି ଭୂଷଣ ତ୍ରିପାଠୀ,ଢୁଙ୍ଗୁରା ନିରାନନ୍ଦ ମିଶ୍ର, ହିସାବ ସମୀକ୍ଷକ ଦେବେନ୍ଦ୍ର କୁମାର ରାଉତ,ସଂଜୟ କୁମାର ଭଟ୍ଟରାୟ,ସଂକୀର୍ତ୍ତନ ପଣ୍ଡା ମନୋନୀତ ହୋଇଥିବାବେଳେ ଉପଦେଷ୍ଟାମଣ୍ଡଳୀ ହିସାବରେ ପ୍ରଫେସର ମୁକ୍ତିକାନ୍ତ ଶତପଥି, ପ୍ରଫେସର ଡଃ ଅଜୟ କୁମାର ନାୟକ,ସାମ୍ବାଦିକ କୈଳାସ ଚନ୍ଦ୍ର ଦାସ,ଉତ୍କଳବନ୍ଧୁ ପଣ୍ଡା ପ୍ରମୁଖ ଉପସ୍ଥିତଥିବାବେଳେ ସର୍ବଶେଷରେ ବସନ୍ତ କୁମାର ଦାସ ଧନ୍ୟବାଦ ଅର୍ପଣ କରି ସଭାସାଙ୍ଗ କରିଥିଲେ ।

# ମା' କ୍ଷେତ୍ରବାସିନୀ ପୀଠକୁ ରାଜ୍ୟ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ଦାବି


## ସମ୍ବର୍ଦ୍ଧନା ସଭାରେ ସାଂସଦ ଓ ବିଧାୟକଙ୍କ ପ୍ରତିଶ୍ରୁତି

ଭଦ୍ରକ,୧୩।୧୨ (ନି.ପ୍ର): ଭଦ୍ରକ ବ୍ଲକ୍ କଲେଇ ପଂଚାୟତର ଚୁନିଦାସ୍ଥିତ ମା' କ୍ଷେତ୍ରବାସିନୀ ଓ ଓଁ ଶ୍ରୀ ଶ୍ରୀ ମା' ସପ୍ତେଶ୍ୱରୀ ସନ୍ତୋଷୀ ଦେବୀ ମନ୍ଦିର ପୀଠକୁ ରାଜ୍ୟ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ଦେବା ନେଇ ଏକ ସ୍ମାରକପତ୍ର ସ୍ଥାନୀୟ ଅଂଚଳବାସୀଙ୍କ ପକ୍ଷରୁ ଭଦ୍ରକ ବ୍ଲକ୍ ପଂଚାୟତ ସମିତି ଉପାଧକ୍ଷା ଜ୍ୟୋସ୍ନାମଂଜରୀ ରାଉତ, ସରପଞ୍ଚ ମିନାକ୍ଷୀ ପରିଡା, ସ୍ୱାଧୀନତା ସଂଗ୍ରାମୀ ହୃଦାନନ୍ଦ ରାଉତ, ଶିକ୍ଷାବିତ୍ ପୁରସ୍ତମ ସାହୁ, ଯୁବ ସମାଜସେବୀ ତୁଷାରକାନ୍ତି ପରିଡା, ସମାଜସେବୀ ନିତ୍ୟାନନ୍ଦ ବେହେରା, ଶିକ୍ଷାବିତ୍ ବାବୁଲା ରାଉତ, ଗୌରୀଗୋପାଳ ଜେନା, ରମାକାନ୍ତ ରାୟ, କ୍ଷେତ୍ରବାସୀ ହାଇସ୍କୁଲର ପ୍ରଧାନ ଶିକ୍ଷକ ଭୀମଚରଣ ପରିଡା, କୃଷ୍ଣଚନ୍ଦ୍ର ବେହେରାଙ୍କ ସମେତ ଶତାଧିକ ବିଭିନ୍ନ ବର୍ଗର ଜନସାଧାରଣ ମନ୍ଦିର ପ୍ରତିଷ୍ଠା ଉତ୍ସବର ସମ୍ବର୍ଦ୍ଧନା ସଭାରେ



ମୁଖ୍ୟଅତିଥି ଓ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିବା ଭଦ୍ରକ ସାଂସଦ ମଂଜୁଲତା ମଣ୍ଡଳ ଓ ବିଧାୟକ ସଂଜୀବ କୁମାର ମଲ୍ଲିକଙ୍କୁ ପୃଥକ୍ ପୃଥକ୍ ଭାବେ ପ୍ରଦାନ କରିଛନ୍ତି। ଯୁବ ସମାଜସେବୀ ଅଭିରାମ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଉତ୍ସବରେ ଅନ୍ୟତମ ସମ୍ମାନିତ ଅତିଥି ଭାବେ ପୂର୍ବତନ ବ୍ଲକ୍ ଅଧକ୍ଷ ମଳୟ ଜେନା, ସନ୍ତୋଷୀ ଦେବୀ ମନ୍ଦିରର ପ୍ରତିଷ୍ଠାତା ବାସନ୍ତୀଲତା ପରିଡା ଓ ପୀତାମ୍ବର ପରିଡା ମଧ ଉପସ୍ଥିତ ଥିଲେ। ଏହି ଅବସରରେ ମା' ସନ୍ତୋଷୀ ଦେବୀଙ୍କର ଏକ ପୁସ୍ତକ ଉନ୍ମୋଚନ ହୋଇଥିବାବେଳେ ସ୍ଥାନୀୟ ଅଂଚଳର ବରିଷ୍ଠ ସ୍ୱାଧୀନତା ସଂଗ୍ରାମୀ ହୃଦାନନ୍ଦ ରାଉତ, ସାମ୍ବାଦିକ ପ୍ରମୋଦ ରାୟ, ପଂଚାୟତ ସମିତି ଉପାଧକ୍ଷା ଜ୍ୟୋସ୍ନାମଂଜରୀ ରାଉତ, ସରପଞ୍ଚ ମିନାକ୍ଷୀ ପରିଡା, ଗ୍ରାମାଞ୍ଚଳ ଥାନାଧିକାରୀ ଆଲୋକ ଜେନା, ଯୁବ ସମାଜସେବୀ ସନ୍ତୋଷ ଦାସ ପ୍ରମୁଖଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ତେବେ ଏହି ସ୍ମାରକପତ୍ରରେ ଉଲ୍ଲେଖ ଥିବା ତଥ୍ୟ ଅନୁଯାୟୀ ଏହି ସ୍ଥାନ ରାଜ୍ୟର ଅନ୍ୟ ସ୍ଥାନ ଭଳି ଓଡ଼ିଶା ଇତିହାସରେ ଏକ ସ୍ୱତନ୍ତ୍ର ସ୍ଥାନ ଅଟେ। ପ୍ରତିବର୍ଷ ମକର ସଂକ୍ରାନ୍ତି ଅବସରରେ ଏହି ଶକ୍ତିପୀଠରେ ହୋମଯଜ୍ଞ ହେବା ସହ ୩ ଦିନ ଧରି ଯେଉଁ ମକର ମେଳା ଅନୁଷ୍ଠିତ ହୁଏ ତାହା ନଦେଖିଲେ ବିଶ୍ୱାସ କରି ହେବ ନାହିଁ। ଭଦ୍ରକ ଜିଲାର ପୁରାତନ ଜଗନ୍ନାଥ ସଡକ (ଯାହା ପୂର୍ବରୁ ପୁରୀ ଶ୍ରୀକ୍ଷେତ୍ରରୁ କୋଲକାତା ପର୍ଯ୍ୟନ୍ତ ପରିବ୍ୟାପ୍ତ ଥିଲା) ଏବେ ଭଦ୍ରକ ବ୍ଲକର କଲେଇ ପଞ୍ଚାୟତ ଦେଇ ଧାମନଗର ଯାଇଛି। ତେବେ ମା' କ୍ଷେତ୍ରବାସିନୀଙ୍କ ଇତିହାସରୁ ଜଣାଯାଏ ପୂଣ୍ୟତୋୟା କପାଳୀ ନଦୀ କୂଳରେ ପ୍ରତିଷ୍ଠିତ ଏହି ପୀଠ ପ୍ରାୟ ଷୋଡଶ ଶତାବ୍ଦୀର। ଓଡିଶାର ଶେଷ ସ୍ୱାଧିନ ରାଜା ମୁକୁନ୍ଦଦେବ ଏହି ରାସ୍ତା ଦେଇ ଯିବା ସମୟରେ ମା'ଙ୍କୁ ପ୍ରତିଷ୍ଠା କରିଥିଲେ। ସେହିଦିନରୁ ଏଠାରେ ମା' ପୂଜା ପାଇଆସୁଛନ୍ତି। ତେବେ ଏହି ସ୍ମାରକପତ୍ର ଗ୍ରହଣ କରିବା ସମୟରେ ଉଭୟ ଜନ ପ୍ରତିନିଧି ଖୁବ୍‌ଶୀଘ୍ର ଏଠାରେ ଏକ କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ଅର୍ଥ ମଂଜୁର ହୋଇଥିବାର ସୂଚନା ଦେଇ ସେମାନଙ୍କର ଦାବିକୁ ସରକାରଙ୍କ ନିକଟରେ ଉପସ୍ଥାପନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

## ସମ୍ବିତ ପାତ୍ରଙ୍କୁ ଜନ୍ମ ଦିନରେ ଶୁଭେଚ୍ଛା ଜଣାଇଲେ ପ୍ରତାପ



ଭୁବନେଶ୍ୱର,୧୩।୧୨ (ନି.ପ୍ର): କେନ୍ଦ୍ର ମନ୍ତ୍ରୀ ପ୍ରତାପ ଷଡଙ୍ଗୀ ବିଜେପିର ରାଷ୍ଟ୍ରୀୟ ପ୍ରବକ୍ତା ଡ. ସମ୍ବିତ ପାତ୍ରଙ୍କୁ ଜନ୍ମ ଦିନରେ ଶୁଭେଚ୍ଛା ଜଣାଇଛନ୍ତି । ସେ ଟ୍ୱିଟ କରି କହିଛନ୍ତି ଯେ - କେନ୍ଦ୍ର ତଥା ରାଜ୍ୟ ରାଜନୀତିର ଚର୍ଚ୍ଚିତ ଚେହେରା ଶ୍ରଦ୍ଧେୟ ସମ୍ବିତ ଭାଇଙ୍କୁ ଜନ୍ମ ଦିନର ହାର୍ଦ୍ଦିକ ଶୁଭେଚ୍ଛା ଓ ଶୁଭକାମନା । ପ୍ରଭୂ ଜଗନ୍ନାଥ ଆପଣଙ୍କ ଚଲାପଥ କୁସୁମିତ କରିବା ସହ ଆପଣଙ୍କୁ ଦୀର୍ଘାୟ କରନ୍ତୁ ।

# ପୂର୍ବତନ ବିଧାୟକ ଅକ୍ଷୟ ଆଚାର୍ଯ୍ୟଙ୍କୁ ପର୍ଯ୍ୟବେକ୍ଷକ ନିଯୁକ୍ତି

ନୀଳଗିରି,୧୩।୧୨ (ନି.ପ୍ର): କଂଗ୍ରେସକୁ ସଂଗଠନକୁ ସୁଦୃଢ ଓ କ୍ରୀୟାଶୀଳ କରିବା ପାଇଁ ପ୍ରଦେଶ କଂଗ୍ରେସ କିମିଟି ପକ୍ଷରୁ ବିଭିନ୍ନ ଜିଲ୍ଲାର ପର୍ଯ୍ୟବେକ୍ଷକ ନିଯୁକ୍ତି କରାଯାଇଛି। ନୀଳଗିରିର ପୂର୍ବତନ ବିଧାୟକ ଅକ୍ଷୟ କୁମାର ଆଚାର୍ଯ୍ୟଙ୍କୁ ଗଞ୍ଜାମ ଜିଲ୍ଲାର ୬ ବିଧାନସଭା କ୍ଷେତ୍ରରେ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି କରାଯାଇଥିବାରୁ ଶ୍ରୀଯୁକ୍ତ ଆଚାର୍ଯ୍ୟ ପିସିସି ସଭାପତି ନିରଂଜନ ପଟ୍ଟନାୟକଙ୍କୁ ଧନ୍ୟବାଦ ଦେଇଛନ୍ତି। ଏହି ଖବର ନୀଳଗିରିରେ ପ୍ରାଚରିତ ହେବା କ୍ଷଣି ପୁରୁଣା କଂଗ୍ରେସ କର୍ମୀମାନେ ଅକ୍ଷୟଙ୍କ ଘରେ ଭିଡ ଜମାଇବା ସହିତ ଶୁଭେଚ୍ଛା ଜଣାଇଛନ୍ତି। ଆଗାମି ଦିନରେ ପୁଣି କଂଗ୍ରେସ ନୀଳଗିରିରେ ସୁଦୃଢ ହେବ ବୋଲି କଂଗ୍ରେସ କର୍ମୀ ମାନେ ଆଶାରଖିଛନ୍ତି। ଅପରପକ୍ଷରେ ଆଗାମି ପୌରନିର୍ବାଚନ ଓ



ପଂଚାୟତ ନିର୍ବାଚନରେ ନୀଳଗିରିରେ କଂଗ୍ରେସ ଭଲ କରିବ ବୋଲି କଂଗ୍ରେସ କିଶାନ ମୋର୍ଚ୍ଚାର ଜିଲ୍ଲା କାର୍ଯ୍ୟକାରୀ ସଭାପତି ବିଶ୍ୱନାଥ ଦାସ, ନୀଳଗିରି ସଭାପତି ଯଶୋଦା ନନ୍ଦନ ସିଂହ,ବୀଣା ପାତ୍ର, ଦୈତାରି ମହାଳିକ ସମେତ ବହୁ କଂଗ୍ରେସ କର୍ମୀ ତାଙ୍କ ବାସଭବନରେ ପହଂଚି ଶୁଭେଚ୍ଛା ଜଣାଇଛନ୍ତି।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078
❒ Managing & Executive Editor : Srustidhar Parida
❒ Editor: Sairindhree Sahoo